ସେ ପରମାତ୍ମା ତୁମ୍ଭେ ହର । ସାକ୍ଷାତ ହୋଇଲ ମୋହର ॥ ଏବରୁଁ ମୋକ୍ଷ ଘଟେ ଯାର । ସେ ଦେଖେ ତୁମ୍ଭର ଆକାର ॥ ତୋରୂପ ଇନ୍ଦ୍ରିୟେ ଅଗୋଚର ଏଣୁ ଜନ୍ମେ ମୁଁ ଦୁଃଖିତ ॥ ଅଜ୍ଞାନ ପାପୀ ଯା ଦେଖିଲ । ବଡ଼ ପରଏ ମଣିଲ ।୨୬। ହେ ଦେବ ଦେବ ଜଗନ୍ନାଥ । ପୁରୁଷୋତ୍ତମ ହୃଷୀକେଶ ॥ ଗୋବିନ୍ଦ ଅଚ୍ୟୁତ ଅବ୍ୟୟ । ହେ ପୁଣ୍ୟଶ୍ଳୋକ ଦୟାମୟ ।୨୭। ଦେବଲୋକକୁ ଯିବି ମୁହିଁ । ଅନୁଜ୍ଞା ଦିଅ କୃପାକରି ॥ ରହିଲେ ସହିଁ ଚିତ୍ତ ମୋର ତବ ଚରଣାରୁ ନୋହୁ ଦୂର ।୨୮। ନମସ୍ତେ ସର୍ବକାରଣଦାତା । ଅନନ୍ତଶକତି ଅଧିସ୍ୱତା ॥ ଯୋଗିଙ୍କପତି ବାସୁଦେବ । ତୁ ବ୍ରହ୍ମ ମାୟାରେ ମାନିବା ।୨୯ ।ର ନମିଲ ଏହା କହି । ଚରଣେ ମସ୍ତକ ଲୋଟାଇ । କୃଷ୍ଣ ଅଜ୍ଞାରେ ବିମାନରେ । ଦେଖନ୍ତେ ସ୍ୱର୍ଗେଗଲ ଧୀରେ ।୩୦। ବ୍ରାହ୍ମଣେ ଯାର ପୂଜ୍ୟଜନ ।

Digitized by PPRACHIN, SOA

ବ୍ରହ୍ମଣ୍ୟଦେବୋ ଧର୍ମିଷ୍ଠା ରାଜନ୍ୟାନନୁଶିକ୍ଷୟନ୍ ।୩୧। ଦୁର୍ଜ୍ଜରଂ ବତ ବ୍ରହ୍ମସ୍ୱଂ ଭୁକ୍ତମଗ୍ନେର୍ମନାଗପି । ତେଜୀୟସୋଽପି କିମୁତ ରାଜ୍ଞାମୀଶ୍ୱରମାନିନାଂ ।୩୨। ନାହଂ ହାଳାହଳଂ ମନ୍ୟେ ବିଷଂ ଯସ୍ୟ ପ୍ରତିକ୍ରିୟା । ବ୍ରହ୍ମସ୍ୱଂ ହି ବିଷଂ ପ୍ରୋକ୍ତଂ ନାସ୍ୟ ପ୍ରତିବିଧିର୍ଭୁବି ।୩୩। ହିନସ୍ତି ବିଷମତ୍ତାରଂ ବହ୍ନିରଦ୍ଭିଃ ପ୍ରଶାମ୍ୟତି । କୁଳଂ ସମୂଳଂ ଦହତି ବ୍ରହ୍ମସ୍ୱାରଣିପାବକଃ ।୩୪। ବ୍ରହ୍ମସ୍ୱଂ ଦୁରନୁଜ୍ଞାତଂ ଭୁକ୍ତଂ ହନ୍ତି ତ୍ରିପୂରୁଷଂ । ପ୍ରସହ୍ୟ ତୁ ବଳାଦ୍ଭୁକ୍ତଂ ଦଶ ପୂର୍ବାନ୍ ଦଶାପରାନ୍ ।୩୫। ରାଜାନୋ ରାଜଲକ୍ଷ୍ମ୍ୟାନ୍ଧା ନାତ୍ମପାତଂ ବିଚକ୍ଷତେ । ନିରୟଂ ଯେଽଭିମନ୍ୟନ୍ତେ ବ୍ରହ୍ମସ୍ୱଂ ସାଧୁ ବାଲିଶାଃ ।୩୬। ଗୃହ୍ଣନ୍ତି ଯାବତଃ ପାଂଶୂନ୍ କ୍ରନ୍ଦତାମଶ୍ରୁବିନ୍ଦବଃ । ବିପ୍ରାଣାଂ ହୃତବୃତ୍ତୀନାଂ ବଦାନ୍ୟାନାଂ କୁଟୁମ୍ବିନାଂ ।୩୭। ରାଜାନୋ ରାଜକୁଲ୍ୟାଶ୍ଚ ତାବତୋଽବ୍ଦାନ୍ ନିରଙ୍କୁଶାଃ । କୁମ୍ଭୀପାକେଷୁ ପଚ୍ୟନ୍ତେ ବ୍ରହ୍ମଦାୟାପହାରିଣଃ ।୩୮। ସ୍ୱଦତ୍ତାଂ ପରଦତ୍ତାଂ ବା ବ୍ରହ୍ମବୃତ୍ତିଂ ହରେତ ଯଃ । ଷଷ୍ଟି ବର୍ଷସହସ୍ରାଣି ବିଷ୍ଠାୟାଂ

ପୂର୍ବୋଦିତକର୍ମଣାଂ ଫଳଦାତେ । ଅସ୍ମୁ ଭବଃ । ଏବଂଭୂତଂ ତ୍ୱାଂ ବନ୍ଦାମ୍ୟ ଗନ୍ତୁମନନ୍ତ ଋଷି ଗମିଷ୍ୟାମି ଦ୍ୱେଧତ୍କର୍ମଫଳଭୋଗାୟେତି । ୨୯। ୩୧। ମନାକ୍ ଈଷଦପି ଭୁକ୍ତଂ ସତ୍ ଅଗ୍ନେଃ ଅଗ୍ନିସଦୃଶସ୍ୟ ତେଜୀୟସଃ ଅତିତେଜସ୍ୱିନୋଽପି ଦୁର୍ଜ୍ଜରଂ ।୩୨। ୩୩। କିଞ୍ଚ ବିଷାଦପି ଘୋରମିତ୍ୟାହ ହିନସ୍ତୀତି । ସଂସର୍ଗି ସଂସର୍ଗେଣ ମାରକତ୍ୱାଦଗ୍ନିତୁଲ୍ୟତ୍ୱା ସ୍ୟାତ୍ ତଦପିନେତ୍ୟାହ ବହ୍ନିରିତି । ଅପିଚ କୁଳଂ ସମୂଳମିତି ବହ୍ନିମୂଳାନ୍ୟବଶେଷଯୁତ ବ୍ରହ୍ମସ୍ୱଲକ୍ଷଣାରଣିକଃ ପାପପାବକସ୍ତୁ କୁଳଂ ଦହତି ସମୂଳମିତି ।୩୪। ଦୁରନୁଜ୍ଞାତଂ ଯଥାବଦନନୁଜ୍ଞାତଂ । ତ୍ରିପୂରୁଷଂ କୁଳଂ ସ୍ୱଂ ପୁତ୍ରଂ ପୌତ୍ରଂ । ପ୍ରସହ୍ୟ ହଠାତ୍ । ବଳାତ୍ ରାଜାଦ୍ୟାଶ୍ରୟତଃ ।୩୫। ଯେ ବ୍ରହ୍ମସ୍ୱମଭିମନ୍ୟନ୍ତେ ଇଚ୍ଛନ୍ତି ତେ ନିରୟମେବାଭିମନ୍ୟନ୍ତେ । ଅତୋ ବାଲିଶା ଅଜ୍ଞା ଅସ୍ୱ-

---

ଧର୍ମାତ୍ମା ଦେବକୀନନ୍ଦନ ॥ ସେ କୃଷ୍ଣ ପରଜନେ ଗୃହି । କହନ୍ତି ଶିକ୍ଷିବେ ଶିଖାଇ ।୩୧। ଅଗ୍ନି ସମାନ ତେଜ ଯାର । ବ୍ରହ୍ମସ୍ୱ ହରିଲେ, ତାହାର ॥ ଦମସ୍ତ ତେଜ କ୍ଷୟପାଏ । ମାନୀ ନୃପଙ୍କ ପୁଚ୍ଛେ କିଏ ।୩୨। ନ ମଣେ ହଳାହଳେ ବିଷ । ଗଦମନ୍ତ୍ରେ ସେ ଯାଏ ନାଶ ॥ ବ୍ରହ୍ମସ୍ୱ ବିଷହିଁ ଅଟଇ । ଯାହାର ପ୍ରତିକ୍ରିୟା ନାହିଁ ।୩୩। ବିଷ ମାରଇ ଖାଦକକୁ । ଜଳ ଲଭିଏ ପାବକକୁ ॥ କୋଠର ଜାତ ଅଗ୍ନିପରି । ବ୍ରହ୍ମସ୍ୱ ବଂଶଦଏ ମାରି ।୩୪। ନଜାଣି ବ୍ରହ୍ମସ୍ୱ ହରିଲେ । ତିନପୁରୁଷ ନାଶେ ହେଲେ ॥ ଜାଣି ହରିଲେ ଦଶ ଦଶ । ପୁରୁଷ ପୂର୍ବ ପରନାଶ ।୩୫। ନୃପେ ଐଶ୍ୱର୍ଯ୍ୟ ଅନ୍ଧ ହୁଅନ୍ତି । ହେଲେ ପତନ ନ ଦେଖନ୍ତି ॥ ମୂର୍ଖେ ବ୍ରହ୍ମସ୍ୱ ନରକକୁ । ଇଚ୍ଛା କରନ୍ତି ଭକ୍ଷିବାକୁ ।୩୬। ବଦାନ୍ୟ କୁଟୁମ୍ବୀ ବିପ୍ରର । ବୃତ୍ତିହରଣେ ତା କୁଳର ॥ କାନ୍ଦିବା ଲୋକଙ୍କ ଅଶ୍ରୁରେ । ଯେ ଧୂଳି ତିନ୍ତଇ ଧରାରେ ॥ ୩୭ । ସେ ଧୂଳି ରେଣୁସଂଖ୍ୟା ଯେତେ । ସେତିକ ବର୍ଷ ପର୍ଯ୍ୟନ୍ତେ ॥ ବ୍ରହ୍ମସ୍ୱହାରୀ କୁମ୍ଭିପାକେ । ପଡ଼ିସଢ଼ଇ

କାଯ୍ୟତେ କୃମିଃ । ୩୯ । ନ ମେ ବ୍ରହ୍ମଧନଂ ଭୂୟାଦ୍‌ଯଦ୍ଗୃଧ୍ବାଽଲ୍ପାୟୁଷୋ ନରାଃ । ପରାଜିତାଶ୍ଚ୍ୟୁତା ରାଜ୍ୟାଦ୍‌ଭବନ୍ତ୍ୟୁଦ୍ବେଜକୋଽହୟଃ ।୪୦। ବିପ୍ରଂ କୃତାଗସମପି ନୈବ ଦ୍ରୁହ୍ୟତ ମାମକାଃ । ଘ୍ନନ୍ତଂ ବହୁ ଶପନ୍ତଂ ବା ନମସ୍କୁରୁତ ନିତ୍ୟଶଃ । ୪୧ । ଯଥାହଂ ପ୍ରଣମେ ବିପ୍ରାନନୁକାଳଂ ସମାହିତଃ । ତଥା ନମତ ଯୂୟଞ୍ଚ ଯୋଽନ୍ୟଥା ମେ ସ ଦଣ୍ଡଭାକ୍ ।୪୨। ବ୍ରାହ୍ମଣାର୍ଥୋ ହ୍ୟପହୃତୋ ହର୍ତ୍ତାରଂ ପାତୟତ୍ୟଧଃ । ଅଜାନନ୍ତମପି ହ୍ୟେନଂ ନୃଗଂ ବ୍ରାହ୍ମଣଗୌରିବ । ୪୩ । ଏବଂ ବିଶ୍ରାବ୍ୟ ଭଗବାନ୍ ମୁକୁନ୍ଦୋ ଦ୍ବାରକୌକସଃ । ପାବନଃ ସର୍ବଲୋକାନାଂ ବିବେଶ ନିଜମନ୍ଦିରଂ । ୪୪ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମସ୍କନ୍ଧେ ନୃଗୋପାଖ୍ୟାନଂ ନାମ ଚତୁଃଷଷ୍ଟିତମୋଽଧ୍ୟାୟଃ ।୬୪।

ପଞ୍ଚଷଷ୍ଟିତମୋଽଧ୍ୟାୟଃ ।

ଶ୍ରୀଶୁକ ଉବାଚ—ବଳଭଦ୍ରଃ କୁରୁଶ୍ରେଷ୍ଠ ଭଗବାନ୍ ରଥମାସ୍ଥିତଃ । ସୁହୃଦ୍ଦିଦୃକ୍ଷୁରୁତ୍କଣ୍ଠଃ ପ୍ରୟଯୌ ନନ୍ଦଗୋକୁଳଂ ।୧। ପଞ୍ଚସ୍ତ୍ର-

ପାତଂ ନ ବିଚଳିତ ଇତି । ୩୬ । ଅପିଚ ଗୃହ୍ଣନ୍ତୀତି । ୩୭।୩୯ । ଗୃଧ୍ବା । ଅଭିକାଂକ୍ଷ୍ୟା ।୪୦।୪୧। ପ୍ରଣମେ ନମାମି । ୪୨। ନ କେବଳମର୍ଥବୀର୍ଯ୍ୟ ଦୀପିକେୟଂ କିନ୍ତୁ ପ୍ରତ୍ୟକ୍ଷମିତ୍ୟାହ ବ୍ରାହ୍ମଣାର୍ଥ ଇତି ।୪୩।୪୪। ଇତି ଶ୍ରୀମଦ୍ଭାଗବତଭାବାର୍ଥଦୀପିକାୟାଂ ଦଶମସ୍କନ୍ଧେ ଚତୁଃଷଷ୍ଟିତମୋଽଧ୍ୟାୟଃ ।୬୪।

ଅଛଦ୍ରୁଃଖେ । ୩୮ । ସ୍ବଦତ୍ତ କିମ୍ବା ପରଦତ୍ତ । ବ୍ରହ୍ମସ୍ବ ହରେ ଯେ ନୃପତି ॥ ଷଷ୍ଟିସହସ୍ର ବର୍ଷଯାଏ । ବିଷ୍ଠାରେ କୃମି ହୋଇରହେ ।୩୯। ବ୍ରହ୍ମସ୍ବ ନ ପଶୁ ମୋଘରେ । ଯା ଲୋଭେ ଅଳ୍ପାୟୁଷ ନରେ ॥ ବୋଧାଯେ ସର୍ପର ସମାନ । ବ୍ରହ୍ମସ୍ବ ହାସ୍ୟ ନୃପଗଣ ॥ ପରାସ୍ତ ହୋଇ ରାଜ୍ୟୁ ଭ୍ରଷ୍ଟ । ତୁଅନ୍ତ ଆପେଆପେ ନଷ୍ଟ ।୪୦। ମୋଭକ୍ତବର୍ଗ ଗଣ ଶୁଣ । ଦୋଷୀହୋଇଲେ ହେଁ ବ୍ରାହ୍ମଣ ॥ ମାଇଲେ କିମ୍ବା ଗାଳିଦେଲେ । ନମିବ ସଦା ପାଦତଳେ ।୪୧। ମୁଁ ସରୁ ନିତ୍ୟେ ପେଡ଼ିପରି । ବ୍ରାହ୍ମଣେ ନତ ଥାଏ କରି ॥ ସମସ୍ତେ ସେପରି ନମିବ । ନୋହିଲେ ଦଣ୍ଡଭାଗୀ ହେବ ।୪୨। ବ୍ରାହ୍ମଣଧନ ଯେ ହରଇ । ସେ ନିଶ୍ଚେ ନରକେ ପଡଇ ॥ ନଜାଣି ନୃଗ ବସ୍ତୁଗାଈ । ହରି ଏଦଣ୍ଡ ଥିଲପାଇ ॥ ଏଣୁ ନ ଜାଣି ଯେ ହରଇ । ସେ ମଧ୍ୟ ପାପରେ ବୁଡ଼ଇ ।୪୩। ଏରୂପେ ଦ୍ୱାରକାବାସିଙ୍କୁ । ଶୁଣାଇ ଏ ଉପଦେଶକୁ ॥ ଲୋକପାବନ ଭଗବାନ । ସ୍ବପୁରେ କଲେ ଆଗମନ ।୪୪। ଭଣିଲଦାଶ ଘଶ୍ୟାମ୍ଭି । ଏନୃଗ ନୃପ ମୋକ୍ଷ ଗୀତ ॥ ଇତି ଶ୍ରୀ ମଦ୍ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ଚତୁଃଷଷ୍ଟିତମୋଽଧ୍ୟାୟଃ । ୬୪ ।

ଶ୍ଳିଷ୍ଟୌ ଗୋପୈର୍ଗୋପୀଭିରେବ ଚ । ରାମୋଽଭିବାଦ୍ୟ ପିତରାବାଶୀର୍ଭିରଭିନନ୍ଦିତଃ । ୨। ଚିରଂ ନଃ ପାହି ଦାଶାର୍ହ ସାନୁଜୋ ଜଗଦୀଶ୍ୱରଃ । ଇତ୍ୟାରୋପ୍ୟାଙ୍କମାଲିଙ୍ଗ୍ୟ ନେତ୍ରୈଃ ସିଷିଚତୁର୍ଜଲୈଃ । ୩ । ଗୋପବୃଦ୍ଧାଂଶ୍ଚ ବିଧିବଦ୍ୟବିଷ୍ଠୈରଭିବନ୍ଦିତଃ । ଯଥାବୟୋ ଯଥାସଖ୍ୟଂ ଯଥାସମ୍ବନ୍ଧମାତ୍ମନଃ । ୪ । ସମୁପେତ୍ୟାଥ ଗୋପାଲାନ୍ ହାସ୍ୟହସ୍ତଗ୍ରହାଦିଭିଃ । ବିଶ୍ରାନ୍ତଂ ସୁଖମାସୀନଂ ପପ୍ରଚ୍ଛୁଃ ପର୍ଯ୍ୟୁପାଗତାଃ ।୫। ପୃଷ୍ଟାଶ୍ଚାନାମୟଂ ସ୍ୱେଷୁ ପ୍ରେମଗଦ୍‌ଗଦୟା ଗିରା । କୃଷ୍ଣେ କମଲପତ୍ରାକ୍ଷେ ସନ୍ନ୍ୟସ୍ତାଖିଳରାଧସଃ । ୬ । କଚ୍ଚିନ୍ନୋ ବାନ୍ଧବା ରାମ ସର୍ବେ କୁଶଲମାସତେ । କଚ୍ଚିତ୍ ସ୍ମରଥ ନୋ ରାମ ଯୂୟଂ ଦାରସୁତାନ୍ୱିତାଃ ।୭। ଦିଷ୍ଟ୍ୟା କଂସୋ ହତଃ ପାପୋ ଦିଷ୍ଟ୍ୟା ମୁକ୍ତାଃ ସୁହୃଜ୍ଜନାଃ । ନିହତ୍ୟ ନିର୍ଜିତ୍ୟ ରିପୂନ୍ ଦିଷ୍ଟ୍ୟା ଦୁର୍ଗଂ ସମାଶ୍ରିତାଃ ।୮। ଗୋପ୍ୟୋ ହସନ୍ତ୍ୟଃ ପପ୍ରଚ୍ଛୂ ରାମସନ୍ଦର୍ଶନାଦୃତାଃ । କଚ୍ଚିଦାସ୍ତେ ସୁଖଂ କୃଷ୍ଣଃ ପୁରସ୍ତ୍ରୀଜନବଲ୍ଲଭଃ । ୯ । କଚ୍ଚିତ୍ ସ୍ମରତି ବା ବନ୍ଧୂନ୍ ମାତରଂ

ପଞ୍ଚଷଷ୍ଠିତମେ ରାମଷ୍ଟକ୍ରେ ଗୋକୁଳମାଗତଃ । ରମମାଣସ୍ତୁ ଗୋପୀଭିଃ କାଳିନ୍ଦ୍ୟା କର୍ଷଣଂ ମଦାତ୍ ॥ ଗ୍ରନ୍ଥସ୍ୟ ଚରିତଂ ଚକ୍ରଂ କାଳିନ୍ଦ୍ୟାଂ କର୍ଷଣାଦ ଯତ୍ । ପୌଣ୍ଡ୍ରକାନ୍ତାଦ କୃଷ୍ଣସ୍ୟ ପୃଥଗ୍‌କ୍ରମତଃ ପରଂ । ୧ । ଆଶିର୍ଭିରଭିନନ୍ଦିତୋ ବଭୂବ । ୨ । ଉଦାହୃ ଚରମିତ । ୩ । ଗୋପବୃଦ୍ଧାଂଶ୍ଚ ବିଧିବଦଭିବନ୍ଦ୍ୟ ଯବିଷ୍ଠୈରଭିବନ୍ଦିତୋ ବଭୂବେତ୍ୟର୍ଥଃ । ଅପିଚ ଯଥାବୟ ଇତି । ୪ । ତେ ସର୍ବେ ସ୍ୱେଷୁ ଯାଦବେଷୁ ତଂ ରାମଂ ଅନାମୟମାରୋଗ୍ୟଂ ପପ୍ରଚ୍ଛୁଃ । ତେ ଚ ତେନ ପୃଷ୍ଟା ଇତି । କୃଷ୍ଣେ କୃଷ୍ଣପ୍ରାପ୍ତ୍ୟର୍ଥଂ ସନ୍ନ୍ୟସ୍ତାଖିଳରାଧସସ୍ତ୍ୟକ୍ତ ସର୍ବାଭିଷଯାଃ । ୫-୮ । ରାମସ୍ୟ

ଶ୍ରୀଶୁକ ଉବାଚ—ହେ ପରୀକ୍ଷିତ ଏବେ ଶୁଣ । ମିତ୍ରଦର୍ଶନ ମନାସିଣ ॥ ରଥରେ ବଳରାମ ବସି । ଗୋପେ ଚଳଲେ ହୋଇ ଖୁସି ।୧ ଗୋପଗୋପୀଏ ଉଲ୍ଲାସରେ । ରାମଙ୍କୁ ଧଇଲେ କୋଳରେ ॥ ବନ୍ଦିଲେ ପିତା ମାତା ପାଦ । ସେମାନେ କଲେ ଆଶିର୍ବାଦ । ୨ । ଅନୁଜ ଭୂଲେ ବିଶ୍ୱେଶ୍ୱର । ରାମ ଆମ୍ଭଙ୍କୁ ରକ୍ଷାକର ॥ ଅଙ୍କେ ବସାଇ ଏହା କହି । ଅଶ୍ରୁଜଳରେ ଦେଲେ ଧୋଇ । ୩ । ବୃଦ୍ଧଙ୍କୁ ରାମ ପ୍ରଣମିଲେ । କନିଷ୍ଠେ ରାମେ ଆରାଧିଲେ ॥ ମିତ୍ରତା ସମ୍ବନ୍ଧ ବୟସ । ଚରିତ୍ର ମାନ୍ୟ କଲେ ଶେଷ ।୪। ସହାସ କର ମର୍ଦ୍ଦନରେ । ଆଗତ ଗୋପାଳଙ୍କୁ ଧୀରେ ॥ ରାମ ପାଦରେ ବସାଇଲେ । ଆପଣେ ସୁଖରେ ବସିଲେ ॥ ଗୋପାଳେ ମଙ୍ଗଳ ପୁଚ୍ଛିଲେ ।୫। ଯାଦବେ ଅଛନ୍ତି ଭଲେ ॥ ରାମ ପୁଚ୍ଛିଲେ ତାଙ୍କୁ ସୁଖ । ଶ୍ରୀକୃଷ୍ଣ ହୋଇଣ ବିମୁଖ ॥ ଯେ ଗୋପେ କୃଷ୍ଣପ୍ରାପ୍ତି ପାଇଁ । ବିଷୟ ଅଛନ୍ତି ଭୁଲାଇ । ୬। ସେ ଗୋପେ ପୁଚ୍ଛନ୍ତି ହେ ରାମ । ସୁଖୀଟି ଆମ୍ଭ ବନ୍ଧୁଗଣ ॥ ତୁମ୍ଭେ କି ପୁତ୍ର ଭାର୍ଯ୍ୟା ଭୁଲେ । ଆମ୍ଭଙ୍କୁ ମନେକର ବେଳେ । ୭ । ଦଇବେ ପାପୀ କଂସେ ମାଲ । ବନ୍ଧୁଙ୍କୁ ରକ୍ଷିଲ ଉଦ୍ଧର ॥ ଦଇବେଣ ଦୁର୍ଗ ମାଲ ।

ପିତରଞ୍ଚ ସଃ । ଅପ୍ୟସୌ ମାତରଂ ଦ୍ରଷ୍ଟୁଂ ସକୃଦପ୍ୟାଗମିଷ୍ୟତି ॥ ଅପି ବା ସ୍ମରତେଽସ୍ମାକମନୁସେବାଂ ମହାଭୁଜଃ । ୧୦ । ମାତରଂ ପିତରଂ ଭ୍ରାତୄନ୍ ପତୀନ୍ ପୁତ୍ରାନ୍ ସ୍ୱସୄରପି । ଯଦର୍ଥେ ଜହିମୋ ଦାଶାର୍ହ ଦୁସ୍ତ୍ୟଜାନ୍ ସ୍ୱଜନାନ୍ ପ୍ରଭୋ । ୧୧ । ତା ନଃ ସଦ୍ୟଃ ପରିତ୍ୟଜ୍ୟ ଗତଃ ସଞ୍ଛିନ୍ନ-ସୌହୃଦଃ । କଥଂ ନୁ ତାଦୃଶଂ ସ୍ତ୍ରୀଭିର୍ନ ଶ୍ରଦ୍ଧୀୟେତ ଭାଷିତଂ । ୧୨ । କଥଂ ନୁ ଗୃହ୍ଣନ୍ତ୍ୟନବସ୍ଥିତାତ୍ମନୋ ବଚଃ କୃତଘ୍ନସ୍ୟ ବୁଧାଃ ପୁରସ୍ତ୍ରିୟଃ । ଗୃହ୍ଣନ୍ତି ବୈ ଚିତ୍ରକଥସ୍ୟ ସୁନ୍ଦର ସ୍ମିତାବଲୋକୋଚ୍ଛ୍ୱସିତସ୍ମରାତୁରାଃ । ୧୩ । କିଂ ନସ୍ତତ୍କଥୟା ଗୋପ୍ୟଃ କଥାଃ କଥୟତାପରାଃ । ଯାତ୍ୟସ୍ମା-ଭିର୍ବିନା କାଲୋ ଯଦି ତସ୍ୟ ତଥୈବ ନଃ । ୧୪ । ଇତି ପ୍ରହସିତଂ ଶୌରେର୍ଜଳ୍ପିତଂ ଚାରୁବୀକ୍ଷିତଂ । ଗତିଂ ପ୍ରେମପରିଷ୍ୱଙ୍ଗଂ ସ୍ମରନ୍ତ୍ୟୋ ରୁରୁଦୁଃ

ଦର୍ଶନେ ନ ଅବ୍ରତାଃ ଯାବତ୍ତଃ । ୯-୧୧ । ତଦ୍ଧିତଦ୍ରୂମନେ ଦୃଷ୍ଟ୍ୱାଭିଃ ପ୍ରତିବନ୍ଧଃ କିଂ ନ କୃତଃ । ତଦ୍ୱାକ୍ୟବଧ୍ୟାପାଦିତ ଚେତ୍ ନନୁ ବଞ୍ଚାସଃ କମିତି କୃତସ୍ତ୍ରବାକ୍ୟଃ କଥଂ ନୁ ଇତି । ବଲ୍ଗୁ ବଲ୍ଗୁଳ ଭ୍ରାନ୍ତାନାବଧାନ ବାକ୍ୟାନ । ୧୨ । ତବାନ୍ୟା ଉଚୁଃ କଥଂ ନୁ ଗୃହ୍ଣନ୍ତୀତି । ଅନ୍ୟା ଉଚୁଃ ଗୃହ୍ଣନ୍ତୁ ବା ଇତି । ଚିତ୍ରକଥସ୍ୟ ଚିତ୍ରକଥାକଥନକୌଶଳସ୍ୟ; କଞ୍ଚସୁନ୍ଦରଂ ସ୍ମିତଂ ଯସ୍ମିନ୍ ତେନାବଲୋକେନ ଉଚ୍ଛ୍ୱସିତଃ କ୍ଷୁଭିତୋ ଯଃ ସ୍ମରସ୍ତେନ ଆତୁରାଃ । ୧୩ । ଉଚୁଃ କିଂ ନ ଇତି । କାଳପ୍ରାବଳ୍ୟ ତସ୍ୟ ତ୍ୱସ୍ମାକଞ୍ଚ ଯାତ୍ୟେବ କିନ୍ତୁ ତସ୍ୟ ସୁଖେନ ଅସ୍ମାକଂ ତୁ ଦୁଃଖେନ

ବହୁଳ ଦୁର୍ଗ ଅଶ୍ରାକର । ୮ । ଯାଦବେ ସମ୍ପଦବଶଳେ । ହସି ପୁଚ୍ଛନ୍ତି ଗୋପୀମାନେ ॥ ପୁରନାରୀଙ୍କ ପ୍ରିୟ ହୋଇ । ଭଲେ ଅଛନ୍ତି ଯଦୁସାଇଁ । ମାତାଙ୍କୁ ଦେଖିବା କମନ୍ତେ । ବାରେ ସେ ଅସିବେ କି ଏଥେଁ ॥ ଅମ୍ଭ ସେବାକୁ ବା ଅମ୍ଭଙ୍କୁ । ଅଣନ୍ତି କି ସେ ସ୍ମରଣକୁ ।୧। ଯାଲାଗି ପିତାମାତା ସୁତ ଭାଇଭଗିନୀ ପତିଗୋତ ॥ ଏ ସବୁ ଆମ୍ଭିଏ ତେଜିଲୁଁ । ହେ ରାମ କି କର୍ମ ନ କଲୁଁ ।୧। ଅମ୍ଭର ସ୍ନେହ ଛିଡ଼ାଇଲେ । ଅମ୍ଭଙ୍କୁ ତେଜି ଗଲେ ଗଲେ ॥ ପ୍ରବୋଧି ଅମ୍ଭଙ୍କୁ ବଚନେ । ଗଲେ ନଇଲେ ଅଦ୍ୟ ଏଣେ ॥ କପଟ ବଚନେ ତାଙ୍କର । ବିଶ୍ୱାସ ନୋହିବ କାହାର ।୧। ଅସ୍ଥିର ବଚନ ତାଙ୍କର । ବିଶେଷେ କୃତଘ୍ନ ସେ ନର ॥ ଚତୁର ପୁରସ୍ତ୍ରୀ କପଟ । ମାନନ୍ତି ବଚନ ତାଙ୍କର ॥ ସୁନ୍ଦର ମନ୍ଦହାସଯୁତ । ନୟନ ଚଳାନ୍ତେ ଚୋରିତ ॥ ପୁର ସ୍ତ୍ରୀ କାମାତୁର ହୁଅନ୍ତି । ମଧୁର ବାକ୍ୟେ ଭୁଲଯାନ୍ତି ॥ ଏଣୁ ମାନନ୍ତି ତାଙ୍କ ବାଣୀ । ବଞ୍ଚକ ନୁହେ ଗୋ ଭଉଣି । ୧୩ । ଏଣିଏ ସେ କଥାକୁ ଛାଡ଼ । ଅପର କଥା ମନ୍ଦ କାଢ଼ ॥ ଅମ୍ଭଙ୍କ ଯେତି ନ ଖୋଜିଲେ । କି ଲାଭ ଅମ୍ଭେ ବା ଖୋଜିଲେ । ୧୪ । ଏରୂପେ କୁହା କୁହି ହେଲେ । କୃଷ୍ଣ ପହାସ ବାଣୀ ଭୁଲେ ॥ ପ୍ରେମାଲିଙ୍ଗନ ନସମ୍ଭାଷଣ । ଗତିକୁ ସ୍ମରି ଗୋପୀଗଣ ॥ କାନ୍ଦନ୍ତେ ତାଙ୍କୁ ସଙ୍କର୍ଷଣ । ଶ୍ରୀକୃଷ୍ଣ ସନ୍ଦେଶ

ସ୍ତ୍ରିୟଃ । ୧୫ । ସଙ୍କର୍ଷଣସ୍ତ୍ରାଃ କୃଷ୍ଣସ୍ୟ ପଦେର୍ଶୈତ୍ରୁ ଦସ୍ପୃଙ୍ଗମୈଃ । ସନ୍ତ୍ୟୁଂମାସ ଭଗବାନ୍ ନାନାକୁଳସ୍କୋକ୍ରଦଃ । ୧୬ । ଦ୍ୱୌ ମାସୌ ତତ୍ର ଚୈବାତ୍ରୀନ୍ମଧୁଂ ମାଧବମେବଚ । ରାମଃ କ୍ଷପାସୁ ଭଗବାନ୍ ଗୋପୀନାଂ ରତିମାବହନ୍ । ୧୭ । ପୂର୍ଣ୍ଣଚନ୍ଦ୍ରକଳାମୃଷ୍ଟେ କୌମୁଦୀଗନ୍ଧବାୟୁନା । ଯମୁନୋପବନେ ରେମେ ସେବିତେଃ ସ୍ତ୍ରୀଗଣୈର୍ବୃତଃ । ୧୮ । ବରୁଣପ୍ରେଷିତା ଦେବୀ ବାରୁଣୀ ବୃକ୍ଷକୋଟରାତ୍ । ପତନ୍ତୀ ତଦ୍ୱନଂ ସର୍ବଂ ସ୍ୱଗନ୍ଧେନାଧ୍ୟବାସୟତ୍ । ୧୯ । ତଂ ଗନ୍ଧଂ ମଧୁଧାରାୟା ବାୟୁନୋପହୃତଂ ବଳଃ । ଆଘ୍ରାୟୋପଗତସ୍ତତ୍ର ଲଲନାଭିଃ ସମଂ ପପୌ । ୨୦ । ଉପଗୀୟମାନଚରିତୋ ବନିତାଭିର୍ହଳାୟୁଧଃ । ବନେଷୁ ବ୍ୟଚରତ୍ କ୍ଷୀବୋ ମଦବିହ୍ୱଳଲୋଚନଃ । ୨୧ । ସ୍ରଗ୍ୱ୍ୟେକକୁଣ୍ଡଳୋ ମତ୍ତୋ ବୈଜୟନ୍ତ୍ୟା ଚ ମାଲୟା । ବିଭ୍ରତ୍ ସ୍ମିତମୁଖାମ୍ଭୋଜଂ ସ୍ୱେଦପ୍ରାଲେୟଭୂଷିତଂ । ୨୨ । ସ ଆଜୁହାବ ଯମୁନାଂ ଜଳକ୍ରୀଡାର୍ଥମୀଶ୍ୱରଃ । ନିଜଂ ବାକ୍ୟମନାଦୃତ୍ୟ

ଏତାବାନେବ ବିଶେଷ ଇତି ଧ୍ୱନିତଂ । ୧୪-୧୫ । ନାନାବିଧେଷୁ କୂଳସ୍ୱେଷୁ କୋବିଦଃ । ୧୬ । ମଧୁଂ ଚୈତ୍ରଂ । ମାଧବଂ ବୈଶାଖଂ । ଗୋପୀନାଂ ରତିମିତି । ଶ୍ରୀକୃଷ୍ଣକ୍ରୀଡାସମୟେଽନୁତ୍ପନ୍ନାନାମବାଲାନାମନ୍ୟାସାମିତ୍ୟଭ୍ୟୁକ୍ତପ୍ରସିଦ୍ଧିଃ । ୧୭ । ପୂର୍ଣ୍ଣଚନ୍ଦ୍ରସ୍ୟ କଳାଭିର୍ମରୀଚିଭିର୍ମୃଷ୍ଟେ ଉଜ୍ଜ୍ୱଳେ କୌମୁଦୀଗନ୍ଧବାୟୁନା କୁମୁଦ୍ୱତୀନାଂ ଗନ୍ଧବାହେନ ସେବିତେ । ଯଦ୍ୱା କୌମୁଦୀ ଶବ୍ଦେନ ତଦ୍ୱିକାସିତାନି କୁମୁଦାନି ଲକ୍ଷ୍ୟନ୍ତେ; କୁମୁଦଗନ୍ଧବାହେନ ଇତ୍ୟର୍ଥଃ । ୧୮ । ବାରୁଣଂ ସୁଧୟା ସଦ୍ୟୋତ୍ପନ୍ନା ମଦିରା । ୧୯-୨୦ । କ୍ଷୀବୋ ମତ୍ତଃ । ୨୧ । ସ୍ୱେଦ ଏବ ପ୍ରାଲେୟଂ ହିମଂ

ଜହ୍ନ । ସାନ୍ଦ୍ୱନା ଦେଲେ ମନ ମୋହ । ମଧୁର ବଚନେ ଭୁଲାଇ । ୧୫ । ୧୬ । ଚୈତ୍ର ବୈଶାଖ ମାସ ଦୁଇ । ରାମ ଗୋପରେ ସୁଖେ ରହି । ଗୋପୀଙ୍କୁ ପ୍ରେମରେ ମଜ୍ଜାଇ । ରଜନୀ ପୁହାନ୍ତି ନିତ୍ତ ରହି । ୧୭ । ପୂର୍ଣ୍ଣ ଚନ୍ଦ୍ରମା କିରଣରେ । କୁମୁଦ ଗନ୍ଧବନ୍ତ ବାତେ । ଯମୁନା ତୀର ଉପବନେ । ରାମ ରମନ୍ତି ଗୋପୀଗଣେ । ୧୮ । ବାରୁଣୀ ବରୁଣ ଆଦେଶେ । ସେ ଦେଶେ ବୃକ୍ଷ କୋଣ୍ଡୁ ବର୍ଷେ । ସୁଗନ୍ଧେ କମ୍ପାନ୍ତେ ସେ ବନ । ହରଷ ବଳରାମ ମନ । (ଅମୃତ ମିଶା ମଦ୍ୟ ନାମ । ବାରୁଣୀ ଜାଣ ନରୋତ୍ତମ) । ୧୯ । ସେ ମଧୁଧାରାର ସୁଗନ୍ଧ—ପବନ ସୁରଭି ବହି ମୋଦ । ଗୋପୀଙ୍କ ତୁଲେ ତହିଁ ଗଲେ । ପିଇ ଗୋପୀଙ୍କୁ ପିଆଇଲେ । ୨୦ । କରେଣୁ ମେଳେ କରିବର । ଯେସନେ ରମଇ ସେ ପ୍ରକାର । ରମିଲେ ରାମ ବୃନ୍ଦାବନେ । ଗନ୍ଧର୍ବେ ଗାଆନ୍ତି ସୁସ୍ୱନେ । ୨୧ । ଦୁନ୍ଦୁଭି ବାଜିଲା ଗଗନେ । କୁସୁମ ବରଷେ ବିବୁଧେ । ମୁନି ଗନ୍ଧର୍ବେ ମେଳ ହୋଇ । ସ୍ତୁତି କରନ୍ତି ଗୁଣ ଗାଇ । ୨୨ । ନିଜ ଚରିତ ଗାନ ଶୁଣି । ନାରୀଙ୍କ ତୁଲେ ହଳପାଣି । ବନେ ବୁଲନ୍ତି ମତ୍ତ ହୋଇ । ଇଚ୍ଛାରେ

ମତ୍ତ ଇତ୍ୟପଗାଂ ବଳଃ । ଅନାଗତାଂ ହଲାଗ୍ରେଣ କୁପିତୋ ବିଚକର୍ଷ ହ । ୨୩ ପାପେ ତ୍ୱଂ ମାମବଜ୍ଞାୟ ଯନ୍ନାୟାସି ମୟାହୂତା । ନେଷ୍ୟେ ତ୍ୱାଂ ଲାଙ୍ଗଲାଗ୍ରେଣ ଶତଧା କାମଚାରିଣୀଂ ।୨୪। ଏବଂ ନିର୍ଭର୍ତ୍ସିତା ଭୀତା ଯମୁନା ଯଦୁନନ୍ଦନଂ । ଉବାଚ ଚକିତା ବାଚଂ ପତିତା ପାଦୟୋର୍ନୃପ ।୨୫। ରାମ ରାମ ମହାବାହୋ ନ ଜାନେ ତବ ବିକ୍ରମଂ । ଯସ୍ୟୈକାଂଶେନ ବିଧୃତା ଜଗତୀ ଜଗତଃ ପତେ । ୨୬ । ପରଂ ଭାବଂ ଭଗବତୋ ଭଗବନ୍ମାମଜାନତୀଂ । ମୋକ୍ତୁମର୍ହସି ବିଶ୍ୱାତ୍ମନ୍ ପ୍ରପନ୍ନାଂ ଭକ୍ତବତ୍ସଳ । ୨୭ । ତତୋ ବ୍ୟମୁଞ୍ଚଦ୍ୟମୁନାଂ ଯାଚିତୋ ଭଗବାନ୍ ବଳଃ । ବିଜଗାହ ଜଳଂ ସ୍ତ୍ରୀଭିଃ କରେଣୁଭିରିବେଭରାଟ୍ । ୨୮ । କାମଂ ବିହୃତ୍ୟ ସଲିଲାଦୁତ୍ତୀର୍ଣ୍ଣାୟାସିତାମ୍ବରେ । ଭୂଷଣାନି ମହାର୍ହାଣି ଦଦୌ କାନ୍ତିଃ ଶୁଭାଂ ସ୍ରଜଂ । ୨୯ । ବସିତ୍ୱା ବାସସୀ ନୀଳେ ମାଲାମାମୁଚ୍ୟ କାଞ୍ଚନୀଂ । ରେଜେ ସ୍ୱଲଙ୍କୃତୋ ଲିପ୍ତୋ ମହେନ୍ଦ୍ର ଇବ ବାରଣଃ । ୩୦। ଅଦ୍ୟାପି ଦୃଶ୍ୟତେ

ତେନ ଭୂଷଣଂ । ୨୨ । ମତ୍ତୋଽସ୍ମୀତ୍ୟନାଦୃତ୍ୟ ଅନାଗତାଂ ଆପଗାଂ ନଦୀଂ । ୨୩ । ଅନ୍ତୃତା ଅହୂତା, ଯଦ୍ୱସ୍ମାନ୍ନାଗଚ୍ଛସି ତସ୍ମାତ୍, ନେଷ୍ୟେ ଗମୟିଷ୍ୟାମି । ୨୪ । ଚକିତା କମ୍ପିତା । ୨୫ । ଏକାଂଶେନ ଶେଷାଖ୍ୟେନ । ୨୬-୨୭ । ବିଜଗାହ ଅବଗାହନଂ କୃତବାନ୍ ।୨୮। ଉତ୍ତୀର୍ଣ୍ଣାୟ ବହିର୍ଗତାୟ ଅସିତାମ୍ବରଧାରି କାନ୍ତିର୍ଦଦୌ । କାନ୍ତିର୍ଲକ୍ଷ୍ମୀଃ । ଯଥୋକ୍ତଂ ବୈଷ୍ଣବେ ।—ବରୁଣପ୍ରହିତା ଚାସ୍ମୈ ମାଲାମମ୍ଳାନପଙ୍କଜାଂ । ସମୁଦ୍ରାଭେ ତଥା ବସ୍ତ୍ରେ ନୀଳେ ଲକ୍ଷ୍ମୀରଯଚ୍ଛତେତି । ହରିବଂଶେ ଚ ବକ୍ଷଂ ଏତ ଲକ୍ଷ୍ମୀବାକ୍ୟଂ । ଜାତରୂପମୟୈଶ୍ଚୈକଂ କୁଣ୍ଡଳଂ ବଜ୍ରଭୂଷଣଂ । ଆଦିପଦ୍ମଞ୍ଚ ପଦ୍ମାଖ୍ୟଂ ଦିବ୍ୟଂ ଶ୍ରବଣଭୂଷଣଂ ॥ ଦେବେମାଂ ପ୍ରତିଗୃହ୍ଣୀଷ୍ୱ ପୌରାଣୀଂ ଭୂଷଣକ୍ରିୟାମିତ୍ୟାଦି । ୨୯ । ବସିତ୍ୱା ପରିଧାୟ ଆମୁଚ୍ୟ କଣ୍ଠେ ନିଧାୟ ।

ନୟନ ସୁରଙ୍ଗ । ୨୩ । ଶ୍ରବଣେ ଏକଇ କୁଣ୍ଡଳ । ଗଳାରେ ବୈଜୟନ୍ତୀ ମାଳ । ସହାସ ସ୍ୱେଦ ବଦନ ଯୁକ୍ତ । ମୁଖ ପଙ୍କଜ ମୋହେ ଚିତ୍ତ ।୨୪। ଜଳବନ୍ତେ ଜଳ କେଳି ପାଇଁ । ଗଲେ ଯମୁନାକୁ ସେହି ॥ ଯମୁନା କଥା ନ ଶୁଣିଲା । ରାମଙ୍କ ପାଶେ ନ ବହିଲା ॥ ତହିଁରେ ଜନ୍ମିଲା କ୍ରୋଧ । ହଳେ ଟାଣିଲେ ହଳାୟୁଧ । ୨୫ । ଗୋ ପାପେ ମୋତେ ନ ମାନିଲୁ । ଡାକନ୍ତେ ପାଶେ ନ ଆସିଲୁ ॥ ତେଣୁ ଏ ଲଙ୍ଗଳ ଅଗ୍ରେ । ଚିରିବ ତୋତେ ଶତଧାରେ ॥ ହୋଇଛୁ ତୁ ସ୍ୱେଚ୍ଛାଚାରିଣୀ । ଶୁଣିବ ସହୁରୁ ଏକ୍ଷଣି । ୨୬ । କୋପେ ଏରୂପେ ବୋଲନ୍ତେ । ଚରଣେ ପଡ଼ି ଭୀତଚିତ୍ତେ । ବିନୟେ ଯମୁନା କହଇ । ତୁମ୍ଭ ଶକତି ମୁଁ ଜାଣଇ । ୨୭ । ଶେଷ ସ୍ୱରୂପେ ଏ ସଂସାର । ହେ ଜଗଦୀଶ ତୁମ୍ଭେ ଧର । ୨୮ । ହେ ଭଗବାନ ତୁମ୍ଭ ଭାବ । ଜାଣି ନାହିଁ ମୁଁ କ୍ଷମ ଦେବ ॥ ହେ ଭକ୍ତ ବତ୍ସଳ ମୁଁ ତୋତେ । ଶରଣ ଗଲି ରଖ ବାରେ । ୨୯ । ଯମୁନା

ଋଜନ୍ ଯମୁନା କୃଷ୍ଣବର୍ତ୍ମନା । ବଳସ୍ୟାନନ୍ତବୀର୍ଯ୍ୟସ୍ୟ ବୀର୍ଯ୍ୟଂ ସୂଚୟତୀବ ହି । ୩୧ । ଏବଂ ସର୍ବା ନିଶା ଯାତା ଏକୈବ ରମତୋ ବ୍ରଜେ । ରାମସ୍ୟାକ୍ଷିପ୍ତଚିତ୍ତସ୍ୟ, ମାଧୁର୍ଯ୍ୟୈର୍ବ୍ରଜଯୋଷିତାଂ । ୩୨ । ଇତି ଶ୍ରୀ ମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମସ୍କନ୍ଧେ ବଳଦେବବିଜୟେନାମ ପଞ୍ଚଷଷ୍ଟିତମୋଽଧ୍ୟାୟଃ । ୬୫ ।

ଷଟ୍ଷଷ୍ଟିତମୋଽଧ୍ୟାୟଃ ।

ଶ୍ରୀ ଶୁକ ଉବାଚ ।—ନନ୍ଦବ୍ରଜଂ ଗତେ ରାମେ କରୁଷାଧିପତିର୍ନୃପ । ବାସୁଦେବୋଽହମିତ୍ୟଜ୍ଞୋ ଦୂତଂ କୃଷ୍ଣାୟ ପ୍ରାହିଣୋତ୍ । ୧ । ତ୍ୱଂ ବାସୁଦେବୋ ଭଗବାନବତୀର୍ଣ୍ଣୋ ଜଗତ୍ପତିଃ । ଇତି ପ୍ରସ୍ତୋଭିତୋ ବାଳୈର୍ମେନ ଆତ୍ମାନମଚ୍ୟୁତଂ । ୨ । ଦୂତଞ୍ଚ ପ୍ରାହିଣୋନ୍ମନ୍ଦଃ କୃଷ୍ଣାୟା-

---

ଚନ୍ଦନାଦଭିବର୍ଷତଃ । ୩୦-୩୧ । ଏକୈବ ଏକୈବ ନିଶା ଯଥା ତଥା; ମାଧୁର୍ଯ୍ୟୈର୍ବିଳାସୈଃ । ୩୨ ।

ଇତି ଶ୍ରୀମଦ୍ଭାଗବତେ ଦଶମସ୍କନ୍ଧେ ଭାବାର୍ଥଦୀପିକାୟାଂ ଟୀକାୟାଂ ପଞ୍ଚଷଷ୍ଟିତମୋଽଧ୍ୟାୟଃ । ୬୫ ।

ଷଡ୍ଭିଃ ଷଷ୍ଟିତମେ କାଶୀଂ ଦଗ୍ଧ୍ୱାହନ୍ ପୌଣ୍ଡ୍ରକଂ ହରିଃ । ତନ୍ମିତ୍ରଞ୍ଚ ତତୋ କୃତ୍ୟାଂ ସୁଦକ୍ଷିଣବଧାଦିକଂ । ୧ । ପ୍ରସ୍ତୋଭିତଃ ସ୍ତୁତ୍ୟ

ପ୍ରାର୍ଥନା ଘେନିଲେ । ଗ୍ରାମ ତାହାଙ୍କୁ କ୍ଷମା ଦେଲେ । ଜଳେ ଖେଳିଲେ ନାରୀ ମେଳେ । ହସ୍ତୀ କି ହସ୍ତିଣୀଙ୍କ କୁଳେ । ୩୦ । ଜଳରେ ଯଥେଷ୍ଟ ବିହାର । ଉଠନ୍ତେ ଲକ୍ଷ୍ମୀ ଆଣି କରି । ନୀଳବସନ ରତ୍ନହାର । ଦେଲେ ଅମୂଲ୍ୟ ଅଳଙ୍କାର । ୩୧ । ଗଲେ ଲମ୍ବାଇ ରତ୍ନହାର । କୁଣ୍ଡଳେ ମଣ୍ଡିଲେ ଶରୀର । ପିନ୍ଧନ୍ତେ ସୁନୀଳ ବସନ । ଦିଶିଲେ ଐରାବତ ସମ । ୩୨ । ହେଲେ ଯମୁନା ତିନି ଧାର । ଅଦ୍ୟାପି ଦିଶେ ନିରନ୍ତର । ଅମାପବଳ ହଳଧର । ପ୍ରଗ୍ରହ କରଇ ସେ ଧାର । ୩୩ । ଗୋପୀଙ୍କ, ବିନୋଦେ ମୋହିତ । ରାମଙ୍କୁ ଦୁଇମାସ ରାତ୍ର । ଲାଗିଲା ଏକ ରାତ୍ରିପ୍ରାୟ । ବିହାର କଲେ ଏହିପରି । ୩୪ । ଗୀତେ ପ୍ରକାଶେ ପଣ୍ଡିତ । ଯମୁନା କର୍ଷଣ ଚରିତ ।

ଇତି ଶ୍ରୀ ମଦ୍ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ପଞ୍ଚଷଷ୍ଟିତମୋଽଧ୍ୟାୟଃ । ୬୫ ।

ଶ୍ରୀ ଶୁକ ଉବାଚ—ଗୋପେ ଚଳନ୍ତେ ବଳରାମ । କରୁଷ ଦେଶର ରାଜନ । ତା ପିତା ନାମ ବସୁଦେବ । ତେଣୁ ସେ ହୋଇ

ବ୍ୟକ୍ତବର୍ତ୍ମନେ । ଦ୍ୱାରକାୟାଂ ଯଥାବାଲୋ ନୃପୋ ବାଳକୃତୋଽବୁଧଃ । ୩ । ଦୂତସ୍ତୁ ଦ୍ୱାରକାମେତ୍ୟ ସଭାୟାମାସ୍ଥିତଂ ପ୍ରଭୁଂ । କୃଷ୍ଣଂ କମଲପତ୍ରାକ୍ଷଂ ରାଜସନ୍ଦେଶମବ୍ରବୀତ୍ । ୪ । ବାସୁଦେବୋଽବତୀର୍ଣ୍ଣୋଽହମେକ ଏବ ନ ଚାପରଃ । ଭୂତାନାମନୁକମ୍ପାର୍ଥଂ ତ୍ୱଂ ତୁ ମିଥ୍ୟାଭିଧାଂ ତ୍ୟଜ । ୫ । ଯାନି ତ୍ୱମସ୍ମଚ୍ଚିହ୍ନାନି ମୌଢ୍ୟାଦ୍ ବିଭର୍ଷି ସାତ୍ୱତ । ତ୍ୟକ୍ତ୍ୱୈହି ମାଂ ତ୍ୱଂ ଶରଣଂ ନୋ ଚେଦ୍ ଦେହି ମମାହବଂ । ୬ । ଶ୍ରୀ ଶୁକ ଉବାଚ । – କତ୍ଥନଂ ତଦୁପାକର୍ଣ୍ଣ୍ୟ ପୌଣ୍ଡ୍ରକସ୍ୟାଲ୍ପମେଧସଃ । ଉଗ୍ରସେନାଦୟଃ ସଭ୍ୟା ଉଚ୍ଚକୈର୍ଜହସୁସ୍ତଦା । ୭ । ଉବାଚ ଦୂତଂ ଭଗବାନ୍ ପରିହାସକଥାମନୁ । ଉତ୍ସ୍ରକ୍ଷ୍ୟେ ମୂଢ ଚିହ୍ନାନି ଯୈସ୍ତ୍ୱମେବଂ ବିକତ୍ଥସେ । ୮ । ମୁଖଂ ତଦପିଧାୟାଜ୍ଞ କଙ୍କଗୃଧ୍ରବଟୈର୍ବୃତଃ । ଶୟିଷ୍ୟସେ ହତସ୍ତତ୍ର ଭବିତା ଶରଣଂ

ଶୁନାଂ ହତଃ । ବାଳୈରିଙ୍ଗୈଃ । ୨ । ବାଳକୃତୋ ନୃପଃ ବାଳୈଃ ନୃପଶ୍ରେଷ୍ଠେନ କ୍ରୀଡାୟାଂ ପରିକଳ୍ପିତଃ । ୩-୬ । ହେ ମୂଢ ଉତ୍ସ୍ରକ୍ଷ୍ୟେ ତ୍ୟକ୍ଷ୍ୟାମି । ଯୈଃ ସହ ତ୍ୱମେବଂ ବିକତ୍ଥସେ ଚେଷ୍ଟପୀତ୍ୟର୍ଥଃ । ଯଦ୍ୱା ଯୈଃ କୃତ୍ରିମୈଃ ସୁଦର୍ଶନାଦିଭିସ୍ତ୍ୱମେବଂ ଶ୍ଲାଘସେ ତାନ୍ୟୁତ୍ସ୍ରକ୍ଷ୍ୟେ ତ୍ୱୟାଦ୍ୱିଷ୍ୟାମୀତ୍ୟର୍ଥଃ । ୮ । ମାଂ ଶରଣମେହୀତ୍ୟସ୍ୟୋତ୍ତରଂ ମୁଖମିତି । ବଟାଃ କଙ୍କାଦିବତ୍ ପକ୍ଷିବିଶେଷାଃ । ତବ ତଦା ଶୁନାଂ ଶରଣମାଶ୍ରୟୋ

ବାସୁଦେବ । ମୂଢ଼ ବୁଦ୍ଧିକି ଅବୋରିଲ । ଶ୍ରୀକୃଷ୍ଣେ ଦୂତ ବରଗିଲ । ୧ । ଜଗତ ପତି ଭଗବାନ । ତୁ ବାସୁଦେବ ମତେ ଜନ୍ମ । ମୂର୍ଖଙ୍କ ଏମନ୍ତ ମନ୍ତ୍ରଭରେ । ଅବ୍ୟୁତ ମଣି ସେ ଜନରେ । ୨ । ଅଜ୍ଞାତ ମହିମା ଯାହାର । ପେଷିଲା ସେ କୃଷ୍ଣଙ୍କୁ ଗୃହ । ବାଳକେ ଖେଳବା ଜ୍ଞାନରେ । ଏକଙ୍କୁ ଆପଣା ମଧ୍ୟରେ । ଯେସନେ ନୃପତି କଳନ୍ତି । ଅନ୍ୟେ କଙ୍କର ତାର ହୁଅନ୍ତି । ସେ ଅଜ୍ଞ ବାଳକର ଯେସନେ । ତାହାଙ୍କେ ରଜା ଭାବ ଜନ୍ମେ । ତେସନେ ପ୍ରଜାଙ୍କ ଖୋସାମତ । ସ୍ତୁତିବାକ୍ୟକୁ ମଣି ସତ୍ୟ । ନକେ ଚଳନ୍ତି ବହୁଶ୍ରୁତେ । ଚାକକୁ ବାସୁଦେବ ମଣେ । ୩ । ଦୂତ ମିଳିଲା ଦ୍ୱାରକାରେ । କୃଷ୍ଣଙ୍କୁ ଭେଟିଲା ସଭାରେ । ପଦ୍ମନୟନ କୃଷ୍ଣପାଶ । କହିଲା ତା ନୃପ ସନ୍ଦେଶ । ୪ । ପ୍ରାଣିଙ୍କୁ ପାଳିବା ନିମନ୍ତେ । ମୁଁ ଏକା ବାସୁଦେବ ଜାତ । ମୋ ଛଡ଼ା ବାସୁଦେବ ନାହିଁ । ମିଥ୍ୟା ନାମକୁ ତେଜ ତୁହି । ୫ । ମୂଢ଼ପଣରେ ହେ ଯାଦବ । ବହିଛୁ ମୋର ଚିହ୍ନ ସବୁ । ଶରଣ ପଶ ଚିହ୍ନ ତେଜ । ନୋହିଲେ ମୋ ସଙ୍ଗରେ ଯୁଝ । ୬ । ଶ୍ରୀଶୁକ ଉବାଚ—ନବୋଧ ପୌଣ୍ଡ୍ରକର ଗର୍ବ । ଉଗ୍ରସେନାଦି ଶୁଣି ସବୁ । ତହାଲେ ଅଟ୍ଟହାସ କଲେ । ୭ । କୃଷ୍ଣ ସେ ଦୂତଙ୍କୁ କହିଲେ । କହିବୁ ଯେଉଁ ଚିହ୍ନ ଧରି । ଯେ ମୂଢ଼ ଗର୍ବ ଅଛି କରି । ସେ ଚିହ୍ନ ତେଜିବଇ ମୁହିଁ । ପରିହାସରେ ଏହା କହି । ୮ । ପୁଣି କହନ୍ତି ଅରେ ମୂର୍ଖ । ଏ ବାର୍ତ୍ତା ପେଷିଛୁ ଯେ ମୁଖ । ସେହି ମୁଖକୁ ଢାଙ୍କି କେଣେ । ମରି ଶୋଇବୁ

ଶୂନ୍ୟାଂ । ୯ । ଇତି ଦୂତସ୍ତମାକ୍ଷେପଂ ସ୍ୱାମିନେ ସର୍ବମାହରତ୍ । କୃଷ୍ଣୋଽପି ରଥମାସ୍ଥାୟ କାଶୀମୁପଜଗାମ ହ । ୧୦ । ପୌଣ୍ଡ୍ରକୋଽପି ତଦୁଦ୍ୟୋଗମୁପଲଭ୍ୟ ମହାରଥଃ । ଅକ୍ଷୌହିଣୀଭ୍ୟାଂ ସଂଯୁକ୍ତୋ ନିଶ୍ଚକ୍ରାମ ପୁରାଦ୍ ଦ୍ରୁତଂ । ୧୧ । ତସ୍ୟ କାଶୀପତିର୍ମିତ୍ରଂ ପାର୍ଷ୍ଣିଗ୍ରାହୋଽନ୍ୱୟାନ୍ନୃପ । ଅକ୍ଷୌହିଣୀଭିସ୍ତିସୃଭିରପଶ୍ୟତ୍ ପୌଣ୍ଡ୍ରକଂ ହରିଃ । ୧୨ । ଶଙ୍ଖାର୍ଯ୍ୟସିଗଦାଶାର୍ଙ୍ଗ ଶ୍ରୀବତ୍ସାଦ୍ୟୁପଲକ୍ଷିତଂ । ବିଭ୍ରାଣଂ କୌସ୍ତୁଭମଣିଂ ବନମାଲାବିଭୂଷିତଂ । ୧୩ । କୌଶେୟବାସସୀ ପୀତେ ବସାନଂ ଗରୁଡଧ୍ୱଜଂ । ଅମୂଲ୍ୟମୌଲ୍ୟାଭରଣଂ ସ୍ଫୁରନ୍ମକରକୁଣ୍ଡଳଂ । ୧୪ । ଦୃଷ୍ଟ୍ୱା ତମାତ୍ମନସ୍ତୁଲ୍ୟଂ ବେଶଂ କୃତ୍ରିମମାସ୍ଥିତଂ । ଯଥା ନଟଂ ରଙ୍ଗଗତଂ ଜହାସ ଭୃଶଂ ହରିଃ । ୧୫ । ଶୂଳୈର୍ଗଦାଭିଃ ପରିଘୈଃ ଶକ୍ତ୍ୟୃଷ୍ଟିପ୍ରାସତୋମରୈଃ । ଅସିଭିଃ ପଟ୍ଟିଶୈର୍ବାଣୈଃ ପ୍ରାହରନ୍ନରୟୋ ହରିଂ । ୧୬ । କୃଷ୍ଣସ୍ତୁ ତତ୍ପୌଣ୍ଡ୍ରକକାଶିରାଜୟୋର୍ବଲଂ ଗଜସ୍ୟନ୍ଦନବାଜିପତ୍ତିମତ୍ । ଗଦାସିଚକ୍ରେଷୁଭିରାର୍ଦ୍ଦୟଦ୍ଭୃଶଂ ଯଥା ଯୁଗାନ୍ତେ ହୁତଭୁକ୍ ପୃଥକ୍ ପ୍ରଜାଃ । ୧୭ । ଆୟୋଧନଂ ତଦ୍ରଥବାଜିକୁଞ୍ଜରଦ୍ୱିପତ୍ଖରୋଷ୍ଟ୍ରୈରରିଣାବଖଣ୍ଡିତୈଃ । ବଭୌ

ଭୁବଷ୍ୟସି । ୯ । କାଶୀମିତି । ପୌଣ୍ଡ୍ରକସ୍ୟ ତଦା ମିତ୍ରପୁରେଽବସ୍ଥାନାତ୍ । ୧୦-୧୧ । ପାର୍ଷ୍ଣିଗ୍ରାହଃ ପୃଷ୍ଠତୋ ରକ୍ଷକଃ । ୧୨-୧୩ । ଗରୁଡଃ ଲକ୍ଷିତୋ ଧ୍ୱଜେ ଯସ୍ୟ ତଂ । ଅମୂଲ୍ୟୌ ଅନର୍ଘ୍ୟୌ ମୌଳିଶ୍ଚାଭରଣଞ୍ଚ ଯସ୍ୟ ତଂ । ୧୪-୧୬ । ଗଜସ୍ୟନ୍ଦନାଦି ଚତୁରଙ୍ଗବଲଂ ଅର୍ଦ୍ଦିତବାନ୍ । ପୃଥକ୍

ଅକାରଣେ । ବେଢ଼ିବେ କାକ ଗୃଧ୍ରଗଣ । କୁକୁରେ ଛିଡ଼ିବ ତୁ ଶରଣ । ୯ । ଦୂତ ଏ ଆକ୍ରୋଶ ସନ୍ଦେଶ । କହିଲା ଯାଇ ସ୍ୱାମୀ ପାଶ ॥ ଶ୍ରୀକୃଷ୍ଣ ରଥ ଆରୋହିଲେ । କାଶୀ ପୁରକୁ ଯାତ୍ରା କଲେ । ୧୦ । କୃଷ୍ଣ ଆସନ୍ତି ଯୁଦ୍ଧ କରି । ଶୁଣି ପୌଣ୍ଡ୍ରକ ଶୁଣି ପାରି ॥ ଦ୍ୱି ଅକ୍ଷୌହିଣୀ ସୈନ୍ୟ ଘେନି । ପୁରୁ ବାହାର ତତକ୍ଷଣି । ୧୧ । ତା ମିତ୍ର କାଶୀ ନରମଣି । ଅକ୍ଷୌହିଣୀ ଏ ସୈନ୍ୟ ଘେନି ॥ ପୃଷ୍ଠପୋଷକ ହେଲା ତାର । ହରି ଦେଖିଲେ ପୌଣ୍ଡ୍ରକର ॥ ତିନ ଅକ୍ଷୌହିଣୀ ସଇନ୍ୟ । ଚିହ୍ନ ଲକ୍ଷଣ ସମାନ । ୧୨ । ଶଙ୍ଖ ଚକ୍ର ଯେ ଗଦା ଖଡ୍ଗ । ଶ୍ରୀବତ୍ସ ଚିହ୍ନ ଧନୁ ଶାର୍ଙ୍ଗ ॥ କୌସ୍ତୁଭ ମଣି ବକ୍ଷସ୍ଥଳେ । ଲମ୍ବାଇ ବନମାଳା ଗଳେ । ୧୩ । ପୀତ କୌଶେୟ ବାସ ପିନ୍ଧି । ରଥେ ଗରୁଡ଼ ଧ୍ୱଜା ବାନ୍ଧି ॥ ଅମୂଲ୍ୟ ମୁକୁଟ ଶିରରେ । ମକର କୁଣ୍ଡଳ କର୍ଣ୍ଣରେ । ୧୪ । ହରି ଦେଖିଲେ ଯେ କୃତ୍ରିମ । ବେଶ ଧରିଛି ନିଜ ସମ ॥ ନାଟୁଆ ଯେସନେ ନାଟରେ । ରାମ ରାବଣ ରୂପ ଧରେ ॥ ତା ବେଶ ଦେଖି ହସି ହସି । ଚଢ଼ିଲେ ଯଦୁ ବୃଷ୍ଣିବଂଶୀ । ୧୫ । ଶକ୍ତିଏ ଗଦା ଖଡ୍ଗ ଶକ୍ତି । ଶୂଳ ପରିଘ ପ୍ରାସ ଋଷ୍ଟି ॥ ତୋମର ପଟ୍ଟିଶ ବାଣରେ । ହରିଙ୍କୁ ପ୍ରହାରିଲେ ଖରେ । ୧୬ । ପୌଣ୍ଡ୍ରକ କାଶୀରାଜ ବଳ । ପଦାତି ଗଜ ଅଶ୍ୱକୁଳ ॥ ରଥ ଏ ଗଦା ଶର ଖଣ୍ଡା । ଚକ୍ର ପ୍ରହାରେ କଲେ ଗୁଣ୍ଡା ॥

Digitized by PPRACHIN, SOA

ଛତ୍ରଂ ମୋଦବନ୍ଧଂ ମନସ୍ବିନାମାକ୍ରୀଡନଂ ଭୁତପତେରିବୋଲ୍ବଣଂ । ୧୮ । ଅଥାହ ପୌଣ୍ଡ୍ରକଂ ଶୌରିର୍ଭୋ ଭୋ ପୌଣ୍ଡ୍ରକ ଯଦ୍ଭବାନ୍ । ଦୂତ-ବାକ୍ୟେନ ମାମାହ ତାନ୍ୟସ୍ତ୍ରାଣ୍ୟୁତ୍ସୃଜାମି ତେ । ୧୯ । ତ୍ୟାଜୟିଷ୍ୟେଽଭିଧାନଂ ମେ ଯତ୍ତ୍ୱୟାଜ୍ଞ ମୃଷାଧୃତଂ । ବ୍ରଜାମି ଶରଣଂ ତେଽଦ୍ୟ ଯଦି ନେଚ୍ଛାମି ସଂଯୁଗଂ । ୨୦ । ଇତି କ୍ଷିପ୍ତ୍ୱା ଶିତୈର୍ବାଣୈ ର୍ବିରଥୀକୃତ୍ୟ ପୌଣ୍ଡ୍ରକଂ । ଶିରୋଽବୃଶ୍ଚଦ୍ରଥାଙ୍ଗେନ ବଜ୍ରେଣେନ୍ଦ୍ରୋ ଯଥା ଗିରେଃ । ୨୧ । ତଥା କାଶୀପତେଃ କାୟାତ୍ ଶିର ଉତ୍କୃତ୍ୟ ପତ୍ରିଭିଃ । ନ୍ୟପାତୟତ୍ କାଶୀପୁର୍ଯ୍ୟାଂ ପଦ୍ମକୋଶମିବାନିଲଃ । ୨୨ । ଏବଂ ମତ୍ସରିଣଂ ହତ୍ୱା ପୌଣ୍ଡ୍ରକଂ ସସଖଂ ହରିଃ । ଦ୍ୱାରକାମାବିଶତ୍ସିଦ୍ଧୈର୍ଗୀୟମାନକଥାମୃତଃ । ୨୩ । ସ ନିତ୍ୟଂ ଭଗବଦ୍ଧ୍ୟାନପ୍ରଧ୍ୱସ୍ତାଖିଳବନ୍ଧନଃ । ବିଭ୍ରାଣଶ୍ଚ ହରେ ରାଜନ୍ ସ୍ୱରୂପଂ ତନ୍ମୟୋଽଭବତ୍ । ୨୪ । ଶିରଃ ପତିତମାଲୋକ୍ୟ ରାଜଦ୍ୱାରେ ସକୁଣ୍ଡଳଂ । କିମିଦଂ କସ୍ୟ ବା ବକ୍ତ୍ରମିତି ସଂଶିଶ୍ୟିରେ ଜନାଃ । ୨୫ ।

ପ୍ରଜାଶ୍ଚତୁର୍ବିଧଂ ଭୂତଗ୍ରାମଂ ଯଥା ଯୁଗାନ୍ତାଗ୍ନିରିତ । ୧୬ । ଆୟୋଧନଂ ରଣସ୍ଥାନଂ । ଅରୁଣା ରକ୍ତେନ । ଚିତମାଙ୍କଣ୍ଠଂ । ଆକ୍ରୀଡନମିବ କଲ୍ପାନ୍ତ-ରୁଦ୍ରସ୍ୟ କ୍ରୀଡାସ୍ଥାନମିବ । ୧୮-୨୦ । ଗିରେଃ ଶୃଙ୍ଗଂ ଯଥେତି । ୨୧-୨୪। ପ୍ରଥମଂ କିମିଦମିତି ପଶ୍ଚାଦ୍ବକ୍ତ୍ରମିତି ନିଶ୍ଚିତ୍ୟ କସ୍ୟ ବେତି ସଂଶିଶ୍ୟିରେ

ଯୁଗାନ୍ତ ଅଗ୍ନି ଚତୁର୍ବିଧ । ପ୍ରଜାଙ୍କୁ ଯେସନ୍ତେ କରେ ଦଗ୍ଧ । ୧୭ । କୃଷ୍ଣଙ୍କ ଅସ୍ତ୍ର ପ୍ରହାରରେ । ରଥ କୁଞ୍ଜର ଅଶ୍ୱ ଖରେ ॥ ମହିଷ ପଦାତି ସହିତେ । ପଡନ୍ତେ ସେହି ରଣକ୍ଷେତ୍ରେ ॥ ମନସ୍ୱୀ ବୀରଙ୍କର ମନ । ଆନନ୍ଦେ ହୋଇଲା ମଗନ ॥ ପ୍ରଳୟେ ରୁଦ୍ରଲୀଳା ଯେସନ୍ତେ । ଉତ୍କଟ ଦଶିଲା ତେସନେ । ୧୮ । ତଦନ୍ତେ ପୌଣ୍ଡ୍ରକେ ଅନାଇ । ଡାକ କହିଲେ ଯଦୁସାଇଁ ॥ ଭୋ ଭୋ ପୌଣ୍ଡ୍ରକ ଦୂତ ହସ୍ତେ । ଆକ୍ଷେପ କଲ ଯେ ଯେ ଅସ୍ତ୍ରେ ॥ ତୁମ୍ଭଙ୍କୁ ସେହି ଅସ୍ତ୍ରମାନ । ପେଶିବ ସମ୍ଭାଳ ରାଜନ । ୧୯ । ରେ ଅଜ୍ଞ ମୋ ନାମ ମିଥ୍ୟାରେ । ବହିଛୁ ଛଡାଇବି ଖରେ ॥ ଯେବେ ମୁଁ ଯୁଦ୍ଧ ନ କରିବ । ତୋରେ ଶରଣ ପିନା ଯିବ । ୨୦ । ସ୍ୱା କହି ଶଏ ଶର ମାରି । ପୌଣ୍ଡ୍ରକ ରଥ ଚୂନାକରି ॥ ଇନ୍ଦ୍ର ଗିରିକୁ ବଜ୍ରେ ଯେସନ୍ତେ । ଚକ୍ରେ ଛେଦିଲେ ଶିର ତେସନ୍ତେ । ୨୧ । ଶରରେ କାଶୀରାଜା ଶିର । ତେସନେ ଛେଦି ଚକ୍ରଧର ॥ ପଦ୍ମ ପୁଷ୍ପକୁ ପ୍ରଭଞ୍ଜନ । ଉଡାଇ ଦଅଇ ଯେସନ ॥ ତେସନ୍ତେ ତା ଶିର ଉଡିଗଲା । କାଶୀ ନଗରରେ ପଡିଲା । ୨୨ । ଏରୂପେ ମତ୍ସର ପୌଣ୍ଡ୍ରକେ । ତା ସଙ୍ଗୀ ରୂପେ ମାରି ସୁଖେ ॥ ସିଦ୍ଧଙ୍କ ସ୍ତୁତି ଗୀତ ଶୁଣି । ଦ୍ୱାରକା ଗଲେ ଚକ୍ରପାଣି । ୨୩ । ମତ୍ସର ଗୁଣେ ଭଗବାନେ । ସଦା ଭାବି ସେ ଶତ୍ରୁପଣେ ॥ ଅବର ହରିରୂପ ଧରି । ସକଳ ପାପକ୍ଷୟ କରି ॥ ସର୍ବଦା ତନ୍ମୟ ରହିଲା । ତେଣୁ ସେ ମୁକତି ଲଭିଲା । ୨୪ । କୁଣ୍ଡଳ ମଣ୍ଡିତ ସେ ଶିର । ପଡନ୍ତେ ରାଜ ପୁରଦ୍ୱାର ॥ ଏ କିସ ଏ ମୁଣ୍ଡ

ସଙ୍କଃ କାଶୀପତେର୍ଜ୍ଜାହ୍ୱୀ ମହୁଷ୍ୟଃ ସ୍ୱବାନ୍ଧବାଃ । ପୌତ୍ରସ୍ତ ହା ହତା ରାଜନ୍ ନାଥ ନ ଥେଭ ଶାଳୁକନ୍ । ୨୬ । ସୁଦକ୍ଷିଣସ୍ତସ୍ୟ ସୁତଃ କ୍ରିୟାଃ ସମ୍ପ୍ରାବଧ୍ୟ ପିତୁଃ । ନହନ୍ତ୍ୟ ପିତୃହନ୍ତାରଂ ଯସ୍ୟାମ୍ୟପଚିତିଂ ପିତୁଃ । ୨୭ । ଇତ୍ୟାତ୍ମନାଭିସନ୍ଧାୟ ସୋପାଧ୍ୟାୟୋ ମହେଶ୍ୱରଂ । ସୁଦକ୍ଷିଣୋଽର୍ଚ୍ଚୟାମାସ ପରମେଣ ସମାଧିନା । ୨୮ । ପ୍ରୀତୋଽବିମୁକ୍ତେ ଭଗବାଂସ୍ତସ୍ମୈ ବରମଦାଦ୍ଵିଭୁଃ । ପିତୃହନ୍ତୃବଧୋପାୟଂ ସ ବବ୍ରେ ବରମୀପ୍ସିତଂ । ୨୯ । ଦକ୍ଷିଣାଗ୍ନି ପରିଚର ବ୍ରାହ୍ମଣୈଃ ସମମୃତ୍ୱିଜଂ । ଅଭିଚାରବିଧାନେନ ସ ଚାଗ୍ନିଃ ପ୍ରମଥୈର୍ବୃତଃ । ୩୦ । ସାଧୟିଷ୍ୟତି ସଙ୍କଳ୍ପମବ୍ରହ୍ମଣ୍ୟେ ପ୍ରୟୋଜିତଃ । ଇତ୍ୟାଦିଷ୍ଟସ୍ତଥା ଚକ୍ରେ କୃଷ୍ଣାୟାଭିଚରନ୍ ବ୍ରତୀ । ୩୧ । ତତୋଽଗ୍ନିରୁତ୍ଥିତଃ କୁଣ୍ଡାନ୍ମୂର୍ତ୍ତିମାନତିଭୀଷଣଃ । ତପ୍ତତାମ୍ରଶିଖାଶ୍ମଶ୍ରୁରଙ୍ଗାରୋଦ୍‌ଗାରିଲୋଚନଃ । ୩୨ । ଦଂଷ୍ଟ୍ରୋଗ୍ରଭ୍ରୁକୁଟୀଦଣ୍ଡକଠୋରାସ୍ୟଃ ସ୍ୱଜିହ୍ୱୟା । ଆଲିହନ୍ ସୃକ୍କଣୀ ନଗ୍ନୋ ବିଧୁନ୍ୱଂସ୍ତ୍ରିଶିଖଂ ଜ୍ୱଲତ୍ । ୩୩ ।

ସନ୍ଦେଶଂ କୃତବନ୍ତ ଇତି । ୨୫-୨୬ । ସମ୍ପ୍ରାବଧ୍ୟ ଉପରକ୍ରିୟାଂ । ଅପଚିତିଂ ନିଷ୍କୃତିଂ । ୨୭ । ଆତ୍ମନା ଅଭିସନ୍ଧାୟ ବୁଦ୍ଧ୍ୟା ବ୍ୟବସାୟ । ସୁଦ ସମ୍ୟକ୍ ଭୁତବନ୍ତ ଇତି । ୨୫-୨୬ । ସମ୍ପ୍ରାବଧ୍ୟଂ ଉପରକ୍ରିୟାଂ । ଅପଚିତିଂ ନିଷ୍କୃତିଂ । ୨୭ । ଆତ୍ମନା ଅଭିସନ୍ଧାୟ ବୁଦ୍ଧ୍ୟା ବ୍ୟବସାୟ । ସୁଦକ୍ଷିଣୋଽର୍ଚ୍ଚୟାମାସ । ୨୮ । ବରମଦାଂ ବରଂ ବୃଣୀଷ୍ୱେତ୍ୟୁକ୍ତବାନିତ୍ୟର୍ଥଃ । ୨୯ । ଋତ୍ୱିକଂ ଋତ୍ୱିକମିବ ସ୍ୱନିୟୋଗକାରଣଂ । ଯଜ୍ଞସ୍ୟ ଦେବମୂର୍ତ୍ତିକ ମିଶ୍ରୋଽଗ୍ନ୍ୟାଦାବଃ । ୨୮ । ବରମଦାଂ ବରଂ ବୃଣୀଷ୍ୱେତ୍ୟୁକ୍ତବାନିତ୍ୟର୍ଥଃ । ୨୯ । ଋତ୍ୱିକଂ ଋତ୍ୱିକମିବ ସ୍ୱନିୟୋଗକାରଣଂ । ଯଜ୍ଞସ୍ୟ ଦେବମୂର୍ତ୍ତିକ ମିତି ଶ୍ରୁତେଃ । ୩୦ । ଅବ୍ରହ୍ମଣ୍ୟେ ପ୍ରଯୋଜିତ ଇତି କୃଷ୍ଣେ ପ୍ରଯୋଜିତୋ ବିପରୀତୋ ଭବିଷ୍ୟତୀତି ସୂଚିତଂ । ଅଭିଚରନ୍ ଅଭିଚାରଂ କୁର୍ବନ୍ ମିତି ଶ୍ରୁତେଃ । ୩୦ । ଅବ୍ରହ୍ମଣ୍ୟେ ପ୍ରଯୋଜିତ ଇତି କୃଷ୍ଣେ ପ୍ରଯୋଜିତୋ ବିପରୀତୋ ଭବିଷ୍ୟତୀତି ସୂଚିତଂ । ଅଭିଚରନ୍ ଅଭିଚାରଂ କୁର୍ବନ୍ । ୩୧ । ତପ୍ତଂ ତାମ୍ରମିବ ଶିଖାଃ ଶ୍ମଶ୍ରୂଣି ଚ ଯସ୍ୟ ସଃ । ଅଙ୍ଗାରୋଦ୍‌ଗାରିଣୀ ଲୋଚନାନି ଯସ୍ୟ ସଃ । ୩୨ । ଦଂଷ୍ଟ୍ରାଭିରୁଗ୍ରା ଭ୍ରୁକୁଟୀ ତଦ୍ୱନ୍ମୁଖଂ । ୩୩ ।

ଜାଳାର । ଦେଖି ଜନନ୍ତ ପୁରଜନ । ୨୫ । କାଶୀପତିର ମୃତ୍ୟୁ ଏହି । ତା ପୁତ୍ର ରାଣୀ ବନ୍ଧୁ ଗୃହି ॥ ହା ନାଥ ହା ନାଥ କାନ୍ଦିଲେ ଜାଳାର । ଦେଖି ଜନନ୍ତ ପୁରଜନ । ୨୫ । କାଶୀପତିର ମୃତ୍ୟୁ ଏହି । ତା ପୁତ୍ର ରାଣୀ ବନ୍ଧୁ ଗୃହି ॥ ହା ନାଥ ହା ନାଥ କାନ୍ଦିଲେ ପୁରଜନ ଯିଏ ଦୁଃଖୀ ହୋଇଲେ । ୨୬ । ସେ ରାଜା ପୁତ୍ର ସୁଦକ୍ଷିଣ । ସାରିଲା ପିତୃ ଶୁଦ୍ଧି କର୍ମ ॥ ଚିନ୍ତିଲା କଲା ଶବ ମାର । ପିତୃ ଋଣରୁ ହେବ ପାର । ୨୭ । ଗୁରୁଙ୍କ ଉପଦେଶ ମତେ । ଶିବେ ସେବିଲା ସ୍ଥିରଚିତ୍ତେ । ୨୮ । ଶିବ ତା ତପେ ବାଧ୍ୟ ହେଲେ । କ ବର ମାଗ ହୋ ବୋଇଲେ ॥ ପୁରଜନ ଯିଏ ଦୁଃଖୀ ହୋଇଲେ । ୨୬ । ସେ ରାଜା ପୁତ୍ର ସୁଦକ୍ଷିଣ । ସାରିଲା ପିତୃ ଶୁଦ୍ଧି କର୍ମ ॥ ଚିନ୍ତିଲା କଲା ଶବ ମାର । ପିତୃ ଋଣରୁ ହେବ ପାର । ୨୭ । ଗୁରୁଙ୍କ ଉପଦେଶ ମତେ । ଶିବେ ସେବିଲା ସ୍ଥିରଚିତ୍ତେ । ୨୮ । ଶିବ ତା ତପେ ବାଧ୍ୟ ହେଲେ । କ ବର ମାଗ ହୋ ବୋଇଲେ ॥ ଶତ୍ରୁ ବଇର ନାଶ ପାଇଁ । ବର ମାଗିଲା ଶିବେ ସେହି । ୨୯ । ଏ ବୈରନାଶ ଯଜ୍ଞ ଅର୍ଥେ । ବ୍ରାହ୍ମଣମାନଙ୍କ ସହିତେ ॥ ଦକ୍ଷିଣାଗ୍ନିଙ୍କୁ ଋତ୍ୱିକ । ବଇ, ମାରଣ ମତେ ପୂଜ ॥ ସେ ଅଗ୍ନି ପ୍ରମଥଙ୍କ ଯୁକ୍ତେ । ୩୦ । ଅବ୍ରାହ୍ମଣଙ୍କୁ ବୁ ଘେପିଲେ ॥ ସଙ୍କଳ୍ପ କରିବେ ସାଧନ । ବ୍ରହ୍ମଣ୍ୟେ ଋତ୍ୱିକ । ବଇ, ମାରଣ ମତେ ପୂଜ ॥ ସେ ଅଗ୍ନି ପ୍ରମଥଙ୍କ ଯୁକ୍ତେ । ୩୦ । ଅବ୍ରାହ୍ମଣଙ୍କୁ ବୁ ଘେପିଲେ ॥ ସଙ୍କଳ୍ପ କରିବେ ସାଧନ । ବ୍ରହ୍ମଣ୍ୟେ ହେଲା ଖେଦ ଜାଣ ॥ ଏ ଆଜ୍ଞା ପାଇଁ ବିଧାନରେ । କୃଷ୍ଣ ମାରଣେ କର୍ମ କରେ । ୩୧ । କୁଣ୍ଡରୁ ଅତ୍ୟନ୍ତ ଭୀଷଣ । ମୂର୍ତ୍ତିରେ ବାହାର ଦହନ ॥ ଅତ୍ୟନ୍ତ ରକତ ନୟନ । କେଶ ତପତତାମ୍ର ବର୍ଣ୍ଣ । ୩୨ । ଭ୍ରୁକୁଟୀ ଦନ୍ତେ ଭୟଙ୍କର । ବଦନେ ଜିହ୍ୱା ଲହ ଲହ ॥ ଲଙ୍ଗଳା ହୋଇ

ପଭ୍ୟାଂ ତାଳପ୍ରମାଣାଭ୍ୟାଂ ଜଙ୍ଘାଭ୍ୟାମବନୀତଳଂ । ସୋଽଭ୍ୟଧାବଦ୍ଦ୍ରୁତୋ କୃତ୍ୟୈର୍ଦ୍ଦ୍ୱାରକାଂ ପ୍ରଦହନ୍ ଦଶଃ । ୩୪ । ତମାଲୋକ୍ୟାଭିଦ୍ରବନ୍ତମଗ୍ନିମାଳ୍ୟାଂ ଦ୍ୱାରକୌକସଃ । ବିଲୋକ୍ୟ ଭୟଭ୍ରସ୍ତାଃ ସର୍ବେ ବନଦାହେ ମୃଗା ଯଥା । ୩୫ । ଅକ୍ଷୈଃ ସଭାୟାଂ କ୍ରୀଡନ୍ତଂ ଭଗବନ୍ତଂ ଭୟାତୁରାଃ । ତ୍ରାହି ତ୍ରାହି ତ୍ରିଲୋକେଶ ବହ୍ନେଃ ପ୍ରଦହତଃ ପୁରଂ । ୩୬ । ଶ୍ରୁତ୍ୱା ତଜ୍ଜନବୈକ୍ଳବ୍ୟଂ ଦୃଷ୍ଟ୍ୱା ସ୍ୱାନାଞ୍ଚ ସାଧ୍ୱସଂ । ଶରଣ୍ୟଃ ସପ୍ରହସ୍ୟାହ ମାଭୈଷ୍ଟେତ୍ୟ-ବତାସ୍ମ୍ୟହଂ । ୩୭ । ସର୍ବସ୍ୟାନ୍ତର୍ବହିଃସାକ୍ଷୀ କୃତ୍ୟାଂ ମାହେଶ୍ୱରୀଂ ବିଭୁଃ । ବିଜ୍ଞାୟ ତଦ୍ବିଘାତାର୍ଥଂ ପାର୍ଶ୍ୱସ୍ଥଂ ଚକ୍ରମାଦିଶତ୍ । ୩୮ । ତତ୍ ସୂର୍ଯ୍ୟ-କୋଟିପ୍ରତିମଂ ସୁଦର୍ଶନଂ ଜାଜ୍ୱଲ୍ୟମାନଂ ପ୍ରଳୟାନଳପ୍ରଭଂ । ସ୍ୱତେଜସା ଖଂ କକୁଭୋଽଥ ରୋଦସୀ ଚକ୍ରଂ ମୁକୁନ୍ଦାସ୍ତ୍ରମଥାଗ୍ନିମର୍ଦ୍ଦୟତ୍ । ୩୯ । କୃତ୍ୟାନଳଃ ପ୍ରତିହତଃ ସ ରଥାଙ୍ଗପାଣେରସ୍ତ୍ରୌଜସା ସ ନୃପ ଭଗ୍ନମୁଖୋ ନିବୃତ୍ତଃ । ବାରାଣସୀଂ ପରିସମେତ୍ୟ ସୁଦକ୍ଷିଣଂ ତଂ ସର୍ତ୍ୱିଗ୍ଜନଂ ସମଦହତ୍ ସ୍ୱକୃତୋଽଭିଚାରଃ । ୪୦ । ଚକ୍ରଞ୍ଚ ବିଷ୍ଣୋସ୍ତଦନୁପ୍ରବିଷ୍ଟଂ ବାରାଣସୀଂ ସାଟ୍ଟସଭାଳୟାପଣାଂ । ସଗୋପୁରାଟ୍ଟାଳକକୋଷ୍ଠସଙ୍କୁଳାଂ

ରୌଦ୍ରୈର୍କୁର୍ଦ୍ଧ୍ୱଂଷ୍ଟ୍ରୈର୍ବିଷ କଠୋରଂ କ୍ରୂରମାଦ୍ୟଂ ଯସ୍ୟ ସଃ । ବିଶିଖଂ ତ୍ରିଶୂଳଂ । ୩୩ । ଦଶଃ ପ୍ରଦହନ୍ । ୩୪-୩୫ । ତାହି ତାହୀତ୍ୟାଦ୍ୟନେକ ଶେଷଃ । ୩୬ । ଅବମବତାସ୍ମି ରକ୍ଷିଷ୍ୟାମୀତି । ୩୭-୩୮ । ରୋଦସୀ ଚ ପ୍ରକାଶୟଦିତି ଶେଷଃ । ଯଦ୍ୱା ସ୍ୱତେଜସା ଖାଦୀନ୍ ପ୍ରତି ଜାଜ୍ୱଲ୍ୟ-ମାନମତ୍ୟର୍ଥଂ ପ୍ରକାଶମାନମିତ୍ୟର୍ଥଃ । ଅର୍ଦ୍ଦୟତ୍ ଅପୀଡୟତ୍ । ୩୯ । ଅଭିଚାରୋଽଗ୍ନିର୍ଯତ୍ର କୃତବାଂସ୍ତଦାହ କୃତ୍ୟାନଳ ଇତି । ସହ ଋତ୍ୱିଗ୍ଭିଃ

ଅଗ୍ନି ପାପ୍ତ । ତ୍ରିଶୂଳ ଧୂଲନ୍ତ ସନ୍ତ । ୩୩ । ତାଳ ପ୍ରମାଣ ପାଦ ବେନି । ପକାନ୍ତେ କମ୍ପଇ ଅବନି ॥ ଚୌଦିଗ ଦହଦେଲା ପର । ଭୂତ ଗଣଙ୍କୁ ସଙ୍ଗେ ଧର ॥ ଧାଇଁଲେ ଦ୍ୱାରକା ଲକ୍ଷ୍ୟରେ । ମାରଣ ଅଗ୍ନି ଦର୍ଶନରେ ॥ ଦାବାଗ୍ନି ଦେଖି ମୃଗେ ଯେସନ୍ତେ । ଦ୍ୱାରକାବାସୀ ଗ୍ରାସ ହେତେ । ୩୫ । ସଭାରେ ଅକ୍ଷକ୍ରୀଡାକାଳେ । ଭୟରେ ଡାକଲେ ସକଳେ ॥ ତ୍ରିଲୋକେଶ କୃଷ୍ଣ ବାହୁଡ଼ କର । ବହ୍ନି ଦହଇ ଏହି ପୁର । ୩୬ । ସ୍ୱଜନେ ଗ୍ରାସ ହେବା ଶୁଣି । ପ୍ରଜାଙ୍କ ବିକଳ ଅନାଇଁ ॥ ଶରଣ ରକ୍ଷକ ହସିଲେ । ନ ଡର ରକ୍ଷିବି ବୋଇଲେ । ୩୭ । ସର୍ବାତ୍ମା ସାକ୍ଷୀ ପ୍ରଭୁ ଶ୍ରୀହରି । ଏ କୃତ୍ୟା ଅଟେ ମାହେଶ୍ୱରୀ ॥ ଯା ଜାଣି ତାର ନାଶ ପାଇଁ । ଚକ୍ରକୁ ପେଷିଲେ ଗୋସାଇଁ । ୩୮ । ପ୍ରଳୟାନଳ ପରି ତେଜ । ପ୍ରଭୁ ଚକ୍ର ଜଣେ କୋଟି ସୂର୍ଯ୍ୟ ॥ ଆକାଶ ପୃଥିବୀ ଚୌଦିଗେ । ତେଜେ ପ୍ରକାଶି ଅତି ବେଗେ ॥ ମୁକୁନ୍ଦ ଅସ୍ତ୍ର ସୁଦର୍ଶନ । କୃତ୍ୟାକୁ କଲା ମରଦନ । ୩୯ । ଚକ୍ରପାଣିଙ୍କ ଅସ୍ତ୍ର ତେଜେ । କୃତ୍ୟାଗ୍ନି ରହନ୍ତେ ନସ୍ତେଜେ ॥ ନୃପର ମୁହଁ ଭାଙ୍ଗିଗଲା । ସେ କୃତ୍ୟା କାଶୀକୁ ଫେରିଲା । ଯାଜ୍ଞିକ କୁଳେ

ସକୋଷହସ୍ତ୍ୟଶ୍ୱରଥାଢ଼ଶାଳକାଂ ।୪୧। ଦଗ୍ଧ୍ୱା ବାରାଣସୀଂ ସର୍ବାଂ ବିଷ୍ଣୋଶ୍ଚକ୍ରଂ ସୁଦର୍ଶନଂ । ଭୂୟଃ ପାର୍ଶ୍ୱମୁପାତିଷ୍ଠତ୍ କୃଷ୍ଣସ୍ୟାକ୍ଲିଷ୍ଟକର୍ମଣଃ ।୪୨। ଯ ଏନଂ ଶ୍ରାବୟେନ୍ମର୍ତ୍ତ୍ୟ ଉତ୍ତମଶ୍ଳୋକବିକ୍ରମଂ । ସମାହିତୋ ବା ଶୃଣୁୟାତ୍ ସର୍ବପାପୈଃ ପ୍ରମୁଚ୍ୟତେ । ୪୩ ।

ଇତି ଶ୍ରୀ ମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମସ୍କନ୍ଧେ ପୌଣ୍ଡ୍ରକାଦିବଧୋ ନାମ ଷଟ୍ଷଷ୍ଟିତମୋଽଧ୍ୟାୟଃ ।୬୬।

ସପ୍ତ ଷଷ୍ଟିତମୋଽଧ୍ୟାୟଃ ।

ଶ୍ରୀ ରାଜୋବାଚ । ଭୂୟୋଽହଂ ଶ୍ରୋତୁମିଚ୍ଛାମି ରାମସ୍ୟାଦ୍ଭୁତକର୍ମଣଃ । ଅନନ୍ତସ୍ୟାପ୍ରମେୟସ୍ୟ ଯଦନ୍ୟତ୍ କୃତବାନ୍ ପ୍ରଭୁଃ । ୧ ।

ଜନୈଶ୍ଚ ବର୍ତ୍ତମାନଂ । ଅଭିଚର୍ଯ୍ୟତେ ମାର୍ଯ୍ୟତେଽନେନେତ୍ୟଭିଚାରଃ କୃତ୍ୟାନଳଃ । ୪୦ । ଅଷ୍ଟାଦ୍ଧ ସଂହିତାଂ । ଅଷ୍ଟାଃ ମଷାଃ । ୪୧-୪୩ ।

କ୍ଲାନ୍ତାୟା ବ୍ୟଧମତ୍ କୃତ୍ୟାନଳଂ ଚକ୍ରେଣ କେଶବଃ । ରକ୍ଷଯିତ୍ୱା ଜନଂ ତସ୍ମାତ୍ ସୁଦକ୍ଷିଣମଥାଦହତ୍ ॥

ଇତି ଶ୍ରୀମଦ୍ଭାଗବତଭାବାର୍ଥ ଦୀପିକାୟାଂ ଦଶମସ୍କନ୍ଧେ ଷଟ୍ଷଷ୍ଟିତମୋଽଧ୍ୟାୟଃ । ୬୬ ।

ସପ୍ତଷଷ୍ଟିତମେ ରାମୋ ଗିରୌ ରୈବତକେ ମଦାତ୍ । ସ୍ୱୈରଂ ଯୁବତିଭିଃ କ୍ରୀଡନ୍ ଅବଧୀଦ୍ଦ୍ୱିବିଦଂ ଖଳଂ ॥ କାଳିନ୍ଦୀ ବିଦାରଣାନନ୍ତରଂ ରାମଚରିତଂ ଦ୍ୱିବିଦବଧାଦ ସଙ୍ଗତମପ୍ୟନୁକ୍ତ୍ୱା ତତ୍ପୂର୍ବକ୍ରମବଦ୍ଧେନ ପୌଣ୍ଡ୍ରକବଧାଦ ନରୂପ୍ୟ ଇଦାନୀଂ ତଦେବ ପ୍ରଷ୍ଟୁମିଚ୍ଛନ୍ ଭୂୟୋଽହମିତ୍ୟାଦିନା ।

ଚକ୍ରକ୍ଷ୍ମାନ । ତହ୍ନାଳେ କଲ ସେ ଦହନ । ୪୦ । ତା ପଛେ ବିଷ୍ଣୁଚକ୍ର ଧାଇଁ । କାଶୀରେ ପ୍ରବେଶିଲ ଯାଇ ॥ ପଲ୍ଲ ବସଣୀ ପୁରଦ୍ୱାର । ରଥାଶ୍ୱ-ଗଜ ଧନାଗାର ॥ ପୁରବାସିଙ୍କ ଗୃହ ଭୁଲେ । ସକଳ ଦହିଲ ତତ୍କାଳେ । ୪୧ । ସେ ବିଷ୍ଣୁଚକ୍ର ବାରାଣସୀ । ପୁରୀକୁ କ୍ଷଣକରେ ଧ୍ୱଂସି ॥ ଅକ୍ଳିଷ୍ଟ କର୍ମା କୃଷ୍ଣ ପାଶେ । ପୁଣି ମିଳିଲ ଅତି ତୋଷେ । ୪୨ । ଉତ୍ତମଶ୍ଳୋକ କୃଷ୍ଣଙ୍କର । ଚରିତ ଶ୍ରବାରେ ଯେ ନର ॥ ଶୁଣେ ଶୁଣାଏ ଅବା ଯେତ୍ନେ । ପାପୁ ମୁକତ ହୁଏ ସେହୁ । ୪୩ । ପୌଣ୍ଡ୍ରକ ବିନାଶ ଚରିତ । କହିଲ ଦାଶ ପଶ୍ଚିତ ॥

ଇତି ଶ୍ରୀ ମଦ୍ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ଷଟ୍ଷଷ୍ଟିତମୋଽଧ୍ୟାୟଃ । ୬୬ ।

ଶ୍ରୀ ଶୁକୋବାଚ ।—ଅଦ୍ଭୁତ କର୍ମା ରାମଙ୍କର । କଥା ଶ୍ରବଣେ ଇଚ୍ଛା ମୋର ॥ ଅମାପ ଅନନ୍ତ ସେ ରାମ । କହ କି କଲେ ଅନ୍ୟ

ଶ୍ରୀ ଶୁକ ଉବାଚ । ନରକସ୍ୟ ସଖା କଶ୍ଚିଦ୍ଦ୍ୱିବିଦୋ ନାମ ବାନରଃ । ସୁଗ୍ରୀବସଚିବଃ ସୋଽଥ ଭ୍ରାତା ମୈନ୍ଦସ୍ୟ ବୀର୍ଯ୍ୟବାନ୍ । ୨ । ସଖ୍ୟୁଃ ସୋଽପଚିତିଂ କୁର୍ବନ୍ ବାନରୋ ରାଷ୍ଟ୍ରବିପ୍ଲବଂ । ପୁରଗ୍ରାମାକରାନ୍ ଘୋଷାନଦହଦ୍ବହ୍ନିମୁତ୍ସୃଜନ୍ । ୩ । କ୍ୱଚିତ୍ସ ଶୈଳାନୁତ୍ପାଟ୍ୟ ତୈର୍ଦେଶାନ୍ ସମଚୂର୍ଣ୍ଣୟତ୍ । ଆନର୍ତ୍ତାନ୍ ସୁତରାମେବ ଯତ୍ରାସ୍ତେ ମିତ୍ରହା ହରିଃ । ୪ । କ୍ୱଚିତ୍ସମୁଦ୍ରମଧ୍ୟସ୍ଥୋ ଦୋର୍ଭ୍ୟାମୁତ୍କ୍ଷିପ୍ୟ ତଜ୍ଜଲଂ । ଦେଶାନ୍ନାଗାୟୁତ-ପ୍ରାଣୋ ବେଲାକୂଲେ ନ୍ୟମଜ୍ଜୟତ୍ । ୫ । ଆଶ୍ରମାନୃଷିମୁଖ୍ୟାନାଂ କୃତ୍ୱା ଭଗ୍ନବନସ୍ପତୀନ୍ । ଅଦୂଷୟଚ୍ଛକୃନ୍ମୂତ୍ରୈରଗ୍ନୀନ୍ ବୈତାନିକାନ୍ ଖଳଃ । ୬ । ପୁରୁଷାନ୍ ଯୋଷିତୋ ଦୃପ୍ତଃ କ୍ଷ୍ମାଭୃଦ୍ଦ୍ରୋଣୀଗୁହାସୁ ସଃ । ନିକ୍ଷିପ୍ୟ ଚାପ୍ୟଧାଚ୍ଛୈଲୈଃ ପେଶସ୍କାରୀବ କୀଟକଂ । ୭ । ଏବଂ ଦେଶାନ୍ ବିପ୍ରକୁର୍ବନ୍ ଦୂଷୟଂଶ୍ଚ କୁଲସ୍ତ୍ରିୟଃ । ଶ୍ରୁତ୍ୱା ସୁଲଲିତଂ ଗୀତଂ ଗିରିଂ ରୈବତକଂ ଯଯୌ । ୮ । ତତ୍ରାପଶ୍ୟଦ୍ୟଦୁପତିଂ ରାମଂ ପୁଷ୍କରମାଳିନଂ । ସୁଦର୍ଶନୀୟ-

ସର୍ବାଙ୍ଗଂ ଲଲନାଯୂଥମଧ୍ୟଗଂ ।

ରାମଚରିତଶ୍ରବଣେଚ୍ଛାୟାମଭିଧର୍ମବିତ୍ତ୍ୱଂ ହେତୁଃ ତତ୍ର ଗୃହନ୍ତତ୍ତ୍ୱଂ ତଦାପ୍ୟପ୍ରମେୟତ୍ୱମିତି । ୧ । ନରକସ୍ୟ ସଖେତି ହରିଣା ବୈରେ କାରଣଂ । ସୁଗ୍ରୀବସଚିବ ଇତି ତସ୍ୟ ମନ୍ତ୍ରବଲଂ ମୈନ୍ଦସ୍ୟ ଭ୍ରାତେତି ରାମାନୁଗ୍ରହେଣ ତତ୍ତ୍ୱପ୍ରସିଦ୍ଧତ୍ୱେନ ବୀର୍ଯ୍ୟାଧିକ୍ୟମୁକ୍ତମିତି । ୨ । ସଖ୍ୟୁର୍ନରକସ୍ୟ ଅପଚିତି-ମାନୃଣ୍ୟ । ରାଷ୍ଟ୍ରସ୍ୟ ବିପ୍ଲବୋ ନାଶୋ ଯଥା ଭବତି ତଥା ପୁରାଦୀନଦହଦିତି । ୩ । କିଞ୍ଚ କ୍ୱଚିଦିତି । କ୍ୱଚିତ୍ସ ଦ୍ୱିବିଦଃ । ମିତ୍ରହା ସଖିହନ୍ତା । ୪ । ତସ୍ୟ ସମୁଦ୍ରସ୍ୟ ଜଲଂ ବାହୁଭ୍ୟାମୁତ୍କ୍ଷିପ୍ୟ ବେଲାୟାଃ କୂଲେ ବର୍ତ୍ତମାନାନ୍ ଦେଶାନ୍ ପ୍ଲାବୟାମାସେତି । ୫ । ଆଶ୍ରମସ୍ଥାନ୍ ବନସ୍ପତୀନ

କର୍ମ । ୧ । ଶ୍ରୀ ଶୁକ ଉବାଚ ।—ଦ୍ୱିବିଦ ନାମରେ ବାନର । ସଖା ଅଟେ ସେ ନରକର । ମୈନ୍ଦର ଭାଇ ବଳବାନ । ସୁଗ୍ରୀବ ମନ୍ତ୍ରୀ ତାକୁ ଜାଣ । ୨ । ବନ୍ଧୁର ଋଣ ଶୁଝିବାକୁ । ଦହିଲା ସେ ପୁର ଗ୍ରାମକୁ ॥ ରାଜ୍ୟେ ବିପ୍ଲବ ସରଜିଲା । ରୌଦ୍ରେ ଅଗ୍ନି ଲଗାଇଲା । ୩ । କାହିଁ ବା ଶଇଳ ଉପାଡ଼ି । ଦେଶ ଚୂରଇ ତା ପୋପାଡ଼ି ॥ ମିତ୍ର ନିହନ୍ତା ହରିଙ୍କର । ଆନର୍ତ୍ତ ଦେଶ ନାଶେ ବୀର । ୪ । ଅୟୁତହସ୍ତୀବଳ ତାର । ସମୁଦ୍ରେ ପଶି ସେ ବାନର ॥ ଜଳ ପୋପାଡ଼ି ଅଞ୍ଜଳିରେ । ବୁଡ଼ାଏ ନଗରଗ୍ରାମ ଖରେ । ୫ । ଋଷିଙ୍କ ଆଶ୍ରମେ ପଶଇ । ଆଶ୍ରମ ବୃକ୍ଷ ବିନାଶଇ ॥ ଯଜ୍ଞ କୁଣ୍ଡରେ ମଳ ମୂତ୍ର । ତେଜ କରଇ ଅପବିତ୍ର । ୬ । କୀଟକୁ ପେଶସ୍କାରୀ (ଭ୍ରମର କାଚପୃ ପୋକ) ଯେସନେ । ଗର୍ଭେ-ପୂରଏ ଏ ତେସନେ ॥ ନରନାରୀଙ୍କୁ ଧରି ନଏ । ଗିରି ଗହ୍ୱରେ ପିଙ୍ଗି ଦିଏ ॥ ପଥର ଲଦେ ଗାତ ମୁଖେ । ଦେଶ ନାଶଇ ଏହିରୂପେ । ୭ । କୁଳ-ନାରୀଙ୍କୁ ନଷ୍ଟକରେ । ଅନେକ ରୈବତ ଗିରିରେ ॥ ମଧୁର ସଙ୍ଗୀତ ଶୁଣିଲା । ବାନର ସେଠାକୁ ଚଳିଲା । ୮ । ଦେଖିଲା ଯଦୁପତି ରାମ ।

ସର୍ବାଙ୍ଗଂ ଲଲନାଯୂଥମଧ୍ୟଗଂ । ୯ । ଗାୟନ୍ତଂ ବାରୁଣୀଂ ପିତ୍ୱା ମଦବିହ୍ୱଲଲୋଚନଂ । ବିଭ୍ରାଜମାନଂ ବପୁଷା ପ୍ରଭିନ୍ନମିବ ବାରଣଂ । ୧୦ । ଦୁଷ୍ଟଃ ଶାଖାମୃଗଃ ଶାଖାମାରୂଢ଼ଃ କମ୍ପୟନ୍ ଦ୍ରୁମାନ୍ । ଚକ୍ରେ କିଲକିଲା ଶବ୍ଦମାତ୍ମାନଂ ସଂପ୍ରଦର୍ଶୟନ୍ । ୧୧ । ତସ୍ୟ ଧାର୍ଷ୍ଟ୍ୟଂ କପେର୍ବୀକ୍ଷ୍ୟ ତରୁଣ୍ୟୋ ଜାତିଚାପଲାଃ । ହାସ୍ୟପ୍ରିୟା ବିଜହସୁର୍ବଳଦେବପରିଗ୍ରହାଃ । ୧୨ । ତା ହେଳୟାମାସ କପିର୍ଭ୍ରୂକ୍ଷେପୈଃ ସମ୍ମୁଖାଦିଭିଃ । ଦର୍ଶୟନ୍ ସ୍ୱଗୁଦଂ ତାସାଂ ରାମସ୍ୟ ଚ ନିରୀକ୍ଷତଃ । ୧୩ । ତଂ ଗ୍ରାବ୍ଣା ପ୍ରାହରତ୍ କ୍ରୁଦ୍ଧୋ ବଳଃ ପ୍ରହରତାମ୍ବରଃ । ସ ବଞ୍ଚୟିତ୍ୱା ଗ୍ରାବାଣଂ ମଦିରାକଳଶଂ କପିଃ । ୧୪ । ଗୃହୀତ୍ୱା ହେଳୟାମାସ ଧୂର୍ତ୍ତସ୍ତଂ କୋପୟନ୍ ହସନ୍ । ନିର୍ଭିଦ୍ୟ କଳଶଂ ଦୁଷ୍ଟୋ ବାସାଂସ୍ୟାସ୍ଫାଳୟଦ୍ବଳଂ । କଦର୍ଥୀକୃତ୍ୟ ବଳବାନ୍ ବିପ୍ରଚକ୍ରେ ମଦୋଦ୍ଧତଃ ।୧୫। ତଂ ତସ୍ୟାବିନୟଂ ଦୃଷ୍ଟ୍ୱା ଦେଶାଂଶ୍ଚ ତଦୁପଦ୍ରୁତାନ୍ । କ୍ରୁଦ୍ଧୋ ମୁଷଳମାଦତ୍ତ ହଳଞ୍ଚାରିଜିଘାଂସୟା । ୧୬ । ଦ୍ୱିବିଦୋଽପି ମହାବୀର୍ଯ୍ୟଃ ଶାଳମୁଦ୍ୟମ୍ୟ ପାଣିନା । ଅଭ୍ୟେତ୍ୟ ତରସା ତେନ ବଳଂ ମୂର୍ଦ୍ଧନ୍ୟତାଡୟତ୍ । ୧୭ । ତନ୍ତୁ ସଙ୍କର୍ଷଣୋ ମୂର୍ଦ୍ଧ୍ନି ପତନ୍ତମଚଳୋ ଯଥା । ପ୍ରତିଜଗ୍ରାହ

ଦଂକ୍ଷ୍ୟ । ଅବଦ୍ଧନ୍ କ୍ଷ୍ମାଦ୍ୟଗ୍ନିଷୁ ମୂତ୍ରାଦ କୃତବାନିତ୍ୟର୍ଥଃ । ୭ । ଅପ୍ୟଧାତ୍ ପିଦଧେ । ପେଶସ୍ୱରୀ ଭ୍ରମରଃ । ୭-୯ । ଗାୟନ୍ତଂ କମପ୍ୟଙ୍ଗାଙ୍କଚନାଂ ସ୍ୱ- ଉଦ୍ଭିନ୍ନଂ ମତ୍ତଂ । ୧୦ । ଶାଖାମୃଗୋ ବାନରଃ । ୧୧ । ଜାତ୍ୟା ସ୍ୱଭାବେନୈବ ଚପଲଂ ଯାସାଂ ତାଃ । ୧୨ । ହେଳୟାମାସ ଅବଜଜ୍ଞେ । ନିରୀକ୍ଷ୍ୟତୋ ନିରୀକ୍ଷ୍ୟମାଣସ୍ୟ ତମନାଦୃତ୍ୟେତ୍ୟର୍ଥଃ । ୧୩-୧୪ । ଅସ୍ଫାଳୟତ୍ ଯୋଷିତାଂ ବାସାଂସ୍ୟାକୃଷ୍ୟ ପାଟିତବାନ୍ । ବିପ୍ରଚକ୍ରେ ଏବମପ

---

୨୪ ଗଲେ ଲମ୍ଭଇ ପଦ୍ମଦାମ ॥ ହେମାଙ୍ଗ ମନୋହର ଦଣେ । ଯୁବତୀ ବେଢ଼ନ୍ତି ଚୌପାଶେ । ୯ । ବାରୁଣୀ ପିଇ ଗାଉଛନ୍ତି । ନିଶାରେ ନୟନ ଘୂରନ୍ତି ॥ ମତ୍ତମାତଙ୍ଗ ପରି ହୋଇ । ଶରୀର ଶୋଭା ବଢ଼ାଇ । ୧୦ । ସେ ଦୁଷ୍ଟ ବାନର ଶାଖାରେ । ଡେଇଁ କମ୍ପାଏ ତରୁବରେ ॥ ଦେଖାଏ ନିଜ ଦେହ ବଳ । କରଇ କିଳ କିଳା ରୋଳ । ୧୧ । କପିର ଦେଖି ଧୃଷ୍ଟପଣ । ବଳଦେବଙ୍କ ନାରୀଗଣ ॥ ହସିଲେ; ସ୍ୱଭାବେ ସ୍ତ୍ରୀ ଜାତି । ଚପଳ ସ୍ୱଭାବ ଅଟନ୍ତି । ୧୨ । ବାନର ଖରାଇ ହୋଇଲା । ଭ୍ରୂରୁ ନଚାଇ ଡରାଇଲା ॥ ରାମ ଗୃହାନ୍ତେ ସେ ନାରୀଙ୍କୁ । ଦେଖାଇ ହଳାଏ ଲିଙ୍ଗକୁ । ୧୩ । ରାମ ପଥର ଏକ ଧରି । ଫିଙ୍ଗିଲେ ତାକୁ ଲକ୍ଷ୍ୟ କରି ॥ କପି ସେ ଲକ୍ଷ୍ୟ ଭ୍ରଷ୍ଟ କଲା । ମଦର ହାଣ୍ଡି ଝିଙ୍କିନେଲା । ୧୪ । ମଦର ହାଣ୍ଡି ଭାଙ୍ଗିଦେଲା । ହସି ରାମଙ୍କୁ ଚଢ଼ାଇଲା ॥ ନାରୀଙ୍କ ଲୁଗା ଝିଙ୍କି ଚିରେ । ରାମଙ୍କୁ ଖାତିର ନ କରେ ॥ କଦର୍ଥ କଲା ନାରୀଗଣେ । ବଳ ଦର୍ପରେ ଦୁଷ୍ଟପଣେ । ୧୫ । ବାନର ଅମାନିଆ ହୋଇ । ଦେଶରେ ଉପଦ୍ରବ କରଇ ॥ ବସ୍ତୁର ଧ୍ୱଂସ ବା ବିନାଶେ । ମୁଷଳ ଧରିଲେ

ବଲବୀନ୍ ସୁନନ୍ଦେନାହନଚ୍ଚ ତଂ । ୧୮ । ମୂଷଳାହତମସ୍ତିଷ୍କୋ ଶରେଜେ ରକ୍ତଧାରୟା । ଗୈରଯଥା ଗୈରକଂ ପ୍ରାହାରଂ ନାଲୁଣ୍ଠନ୍ମୂନ । ୧୯। ପୁନରନ୍ୟଂ ସମୁତ୍କ୍ଷିପ୍ୟ କୃତ୍ବାନିଷ୍ପତ୍ରମୋଜସା । ତେନାହନତ୍ ସୁସଙ୍କ୍ରୁଦ୍ଧସ୍ତଂ ବଲଃ ଶତଧାଛିନତ୍ । ୨୦ । ତତୋଽନ୍ୟେନ ରୁଷା ଜଘ୍ନେ ତଞ୍ଚାପି ଶତଧାଛିନତ୍ ।୨୧। ଏବଂ ଯୁଧ୍ୟନ୍ ଭଗବତା ଭଗ୍ନେ ଭଗ୍ନେ ପୁନଃ ପୁନଃ । ଆକୃଷ୍ୟ ସର୍ବତୋ ବୃକ୍ଷାନ୍ ନିର୍ବୃକ୍ଷମକରୋଦ୍ବନଂ । ୨୨ । ତତୋଽମୁଞ୍ଚଚ୍ଛିଲାବର୍ଷଂ ବଲସ୍ୟୋପର୍ଯ୍ୟମର୍ଷିତଃ । ତତ୍ସର୍ବଂ ଚୂର୍ଣ୍ଣୟାମାସ ଲୀଳୟା ମୂଷଲାୟୁଧଃ । ୨୩। ସ ବାହୂ ତାଳସଙ୍କାଶୌ ମୁଷ୍ଟୀକୃତ୍ୟ କପୀଶ୍ବରଃ । ଆସାଦ୍ୟ ରୋହିଣୀପୁତ୍ରଂ ତାଭ୍ୟାଂ ବକ୍ଷସ୍ୟରୂରୁଜତ୍ । ୨୪ । ଯାଦବେନ୍ଦ୍ରୋଽପି ତଂ ଦୋର୍ଭ୍ୟାଂ ତ୍ୟକ୍ତ୍ବା ମୂଷଲ ଲାଙ୍ଗଲେ । ଜତ୍ରାବଭ୍ୟର୍ଦ୍ଦୟତ୍ କ୍ରୁଦ୍ଧଃ ସୋଽପତଦ୍ରୁଧିରଂ ବମନ୍ । ୨୫ । ଚକମ୍ପେ ତେନ ପତତା ସଟଙ୍କଃ ସବନସ୍ପତିଃ । ପର୍ବତଃ କୁରୁଶାର୍ଦ୍ଦୂଳ ବାୟୁନା ନୌରିବାମ୍ଭସି

କୁରୁବାନ୍ । ୧୫-୧୬ । ଶାଳଂ ବୃକ୍ଷଂ । ୧୭ । ସୁନନ୍ଦେନ ମୂଷଳେନ ଅହନତ୍ ଅହଣିତ୍ୟର୍ଥଃ । ତଂ ବାନରଂ । ୧୮ । ମସ୍ତିଷ୍କଂ ମସ୍ତକାବୟବ-ବଶେଷଃ । ଗୈରିକଂ ଧାତୁ ଲୋହିତଧାତୁନା ନାନୁଚଣ୍ଡ୍ରମୂନ୍ ନ ଗଣୟନ୍ । ୧୯-୨୩ । ଅରୁରୁଜତ୍ ତାଡ଼ୟାମାସ । ୨୪ । ଯାଦବେନ୍ଦ୍ରଃ ସଙ୍କର୍ଷଣଃ

ସଗେଶେ । ୧୬ । ଦ୍ବିବିଦ ମହାବଳଯୀର । ଶାଳ ଉପାଡ଼ି ହେଳ କର ॥ ବେଗେ ଧାଇଁଲା ସେ ଅତର୍କେ । ପିଟିଲା ବଳଦେବ ମୁଣ୍ଡେ । ୧୭ । ମୁଣ୍ଡେ ପଡ଼ନ୍ତେ ଗିରିପରି । ସଙ୍କର୍ଷଣ ତା ସନ୍ଧ୍ୟାକରି ॥ ସୁନନ୍ଦ ମୂଷଳ ତା ମୁଣ୍ଡେ । ପିଟିଲେ ଅତି ପରାକ୍ରମେ । ୧୮ । ଗେରୁ ଆରରେ ଗିରି ଯେସନେ । ରକତ ଧାରରେ ତେସନେ ॥ ବଶିଲା ବାନର ଶରୀର । ପ୍ରହାରେ ନକରି ଖାତର । ୧୯ । ଅପର ବୃକ୍ଷ ଉପାଡ଼ିଲା । ପିଟି ତା ପତ୍ର ଝାଡ଼ିଦେଲା ॥ କ୍ରୋଧେ ପିଟିଲା ରାମ ମୁଣ୍ଡେ । ରାମ ଛେଦିଲେ ଶତଖଣ୍ଡେ । ୨୦ । ପିଟିଲେ ଅପର ବୃକ୍ଷଧରି । ରାମ କାଟନ୍ତି ସେହିପରି । ୨୧ । ଏରୂପ ରାମେ ଯୁଝି ବୀର । ବୃକ୍ଷେ ପିଟଇ ବାରମ୍ବାର ॥ ଚୌଦିଗୁଁ ବୃକ୍ଷ ଉପାଡ଼ିଲା । ସେ ବନ ବୃକ୍ଷ ଶୂନ୍ୟ କଲା । ୨୨ । ତଦନ୍ତେ ରାମେ ଲକ୍ଷ୍ୟ କରି । ଶିଳା ପିଙ୍ଗିଲା ବୃଷ୍ଟିପରି ॥ ମୂଷଳ ପିଟି ସେ ସକଳେ । ଚୂରିଲେ ରାମ କୁତୁହଳେ । ୨୩ । ତାଳ ପ୍ରମାଣ ଦୋନ ଭୁଜ । ମୂଠା କରି ସେ କପିରାଜ ॥ ରୋହିଣୀ ସୁତ ପାଶେ ଗଲା । ବକ୍ଷରେ ମୁଷ୍ଟି ପ୍ରହାରିଲା । ୨୪ । ହଳ ମୂଷଳ ପିଙ୍ଗିଦେଇ । କରେ ଧଇଲେ ଜତ୍ରୁ (କନ୍ଧର ଖାଲ ସ୍ଥାନ ଦ୍ବୟ) ଦୁଇ ॥ କ୍ରୋଧେ ଚପିଲେ ପରାକ୍ରମେ । ବାନର ପଡ଼ି ରକ୍ତ ବମେ । ୨୫ । ଜଳେ ପବନେ ନାବପରି । ଯୋଡ଼ଶ ବୃକ୍ଷ ଦୁଲେ ଗିରି ॥ କମ୍ପିଲା ବାନର ପଡନ୍ତେ । ସିଦ୍ଧ ମୁନିଏ ଜୟଗୀତେ ।୨୬। ଆକାଶୁଁ ପୁଷ୍ପ ବରଷିଲେ । ସକଳେ ଧନ୍ୟବାଦ ଦେଲେ

Digitized by PPRACHIN, SOA

। ୨୬ । ଜୟଶବ୍ଦୋ ନମଃ ଶବ୍ଦଃ ସାଧୁସାଧ୍ୱିତି ଚାମ୍ବରେ । ସୁରସିଦ୍ଧମୁନୀନ୍ଦ୍ରାଣାମାସୀତ୍ କୁସୁମବର୍ଷିଣାଂ । ୨୭ । ଏବଂ ନିହତ୍ୟ ଦ୍ୱିବିଦଂ ଜଗଦ୍‌ବ୍ୟତିକରାବହଂ । ସଂସ୍ତୂୟମାନୋ ଭଗବାନ୍ ଜନୈଃ ସ୍ୱପୁରମାବିଶତ୍ । ୨୮ । ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମସ୍କନ୍ଧେ ଦ୍ୱିବିଦବଧୋ ନାମ ସପ୍ତଷଷ୍ଟିତମୋଽଧ୍ୟାୟଃ । ୬୭ ।

ଅଷ୍ଟଷଷ୍ଟିତମୋଽଧ୍ୟାୟଃ ।

ଶ୍ରୀ ଶୁକ ଉବାଚ ।—ଦୁର୍ଯ୍ୟୋଧନସୁତାଂ ରାଜନ୍ ଲକ୍ଷ୍ମଣାଂ ସମିତିଞ୍ଜୟଃ । ସ୍ୱୟମ୍ବରସ୍ଥାମହରତ୍ ସାମ୍ବୋ ଜାମ୍ବବତୀସୁତଃ । ୧ । କୌରବାଃ କୁପିତା ଊଚୁର୍ଦୁର୍ବିନୀତୋଽୟମର୍ଭକଃ । କଦର୍ଥୀକୃତ୍ୟ ନଃ କନ୍ୟାମକାମାମହରଦ୍‌ବଲାତ୍ । ୨ । ବଧ୍ନୀତେମଂ ଦୁର୍ବିନୀତଂ କିଂ କରିଷ୍ୟନ୍ତି ବୃଷ୍ଣୟଃ । ଯେଽସ୍ମତ୍ପ୍ରସାଦୋପଚିତାଂ ଦତ୍ତାଂ ନୋ ଭୁଞ୍ଜତେ ମହୀଂ । ୩ । ନିଗୃହୀତଂ ସୁତଂ ଶ୍ରୁତ୍ୱା ଯଦ୍ୟେଷ୍ୟନ୍ତୀହ ବୃଷ୍ଣୟଃ । ଭଗ୍ନଦର୍ପାଃ ଶମଂ ଯାନ୍ତି

ଫୁଲ୍ଲାଃ ସନ୍ କାଶୌ କଣ୍ଠବାହୁମୂଲେ । ୨୫ । ଉଦ୍ଧାଃ ସତୋଽୟ ବିବରାଣି ଉତ୍ସହତାଃ । ୨୬ । ସୁରସାନାଂ ଜୟଶବ୍ଦ ଇତି ବଭୂବ । ୨୭ । ଜଗତୋ ବ୍ୟତିକରଂ ନାଶମାବହତୀତି ତଥା ତଂ । ୨୮ ।

ଇତି ଶ୍ରୀମଦ୍ଭାଗବତେ ଭାବାର୍ଥଦୀପିକାୟାଂ ଦଶମସ୍କନ୍ଧେ ସପ୍ତଷଷ୍ଟିତମୋଽଧ୍ୟାୟଃ । ୬୭ ।

ଅଷ୍ଟଷଷ୍ଟିତମେ ସାମ୍ବେ କୁରୁଭିଃ କୌରବୈର୍ଯୁଧି । ଦେଶମୋକ୍ଷାୟ ରାମେଣ ଗଜାହ୍ୱୟବିକର୍ଷଣଂ ॥ ସ୍ୱୟମ୍ବରସ୍ଥାନ୍ତରଂ କୁରୁପତ୍ନୀରୂ-ମାଜ ଦୁର୍ଯ୍ୟୋଧନସୁତାମିତି । ସମିତିଞ୍ଜୟଃ ସଙ୍ଗ୍ରାମଜିତ୍ । ୧-୨ । ନୋଽସ୍ମାକଂ ମହୀଂ ଅସ୍ମାଭିର୍ଦତ୍ତାଂ । ନ ତେ ଭୂପତୟ ଇତି ଭାବଃ । ୩ । ଯାନ୍ତି

---

୨୭ । ଜଗତ ଅମଙ୍ଗଳ ନାଶ । ଦ୍ୱିବିଦ ବାନରକୁ ମାରି । ଲୋକଙ୍କ ସ୍ତୁତି ଶୁଣି ଶୁଣି । ସ୍ୱପୁରେ ଗଲେ ହଳପାଣି । ୨୮ । ରାମ ଦ୍ୱିବିଦେ କଲେ ନାଶ । ଭଣିଲ ପରୀକ୍ଷିତ ଦାସ ॥ ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ସପ୍ତଷଷ୍ଟିତମୋଽଧ୍ୟାୟଃ । ୬୭ ।

ଶ୍ରୀଶୁକ ଉବାଚ ।—ହେ ରାଜନ୍ ପରୀକ୍ଷିତ । ଶୁଣ ସେ ରାମଙ୍କ ଚରିତ ॥ ଲକ୍ଷ୍ମଣା ଦୁର୍ଯ୍ୟୋଧନ ସୁତା । ତାହାର ସ୍ୱୟମ୍ବର ବାର୍ତ୍ତା ॥ ଶୁଣନ୍ତେ ଜାମ୍ବବତୀ ସୁତ । ହରିଲା ସେ ମହାରଥ । ୧ । କୌରବେ କୁପିତ ହୋଇଲେ । ଏ ଦୁଷ୍ଟ ବାଳକ ବୋଇଲେ ॥ କନ୍ୟା ଏହାକୁ ବର ନାହିଁ । ବଳେ ହରୁଛି ନ ଡରଇ । ୨ । ଦୁଷ୍ଟକୁ ଧର ବାନ୍ଧ ଏବେ । ଯାଦବେ କିସ କରିବେ ॥ ଅମ୍ଭର ଅନୁଗ୍ରହ ବଳ । ମହୀ ଭୁଞ୍ଜନ୍ତି

Digitized by PPRACHIN, SOA

ପ୍ରାଣା ଇବ ସୁସଂଯତାଃ । ୪। ଇଷ୍ଟ କର୍ଣ୍ଣଃ ଶଲୋ ଭୂରିଶ୍ରବଶ୍ଚ କେବଳଃ ସୁଯୋଧନାଃ ସାମ୍ପ୍ରମାରେଭିରେ ତତ୍ର, କୁରୁବୃକାନ୍ ମୋହିତାଃ ।୫। ଦୃଷ୍ଟ୍ୱାନ୍ଧାବତଃ ସମ୍ୟୋ ଧାର୍ତ୍ତରାଷ୍ଟ୍ରାନ୍ ମହାରଥାଃ । ପ୍ରଗୃହ୍ୟ ରୁଚିରଂ ଚାପଂ ତସ୍ଥୌ ସିଂହ ଇବୋଦ୍ଧତଃ । ୬ । ତଂ ତେ କଥୟବଃ କୁ କାନ୍ତ୍ରେଷ୍ଟ ତସ୍ୟୈବ ହନ୍ତିଣଃ । ଅସାଦ୍ୟ ଅଭ୍ୟଦ୍ରବନ୍ ବାଣୈଃ କର୍ଣ୍ଣାଗ୍ରଣ୍ୟଃ ସମାକିରନ୍ । ୭ । ଯୋଧବାଃ କୁରୁଶ୍ରେଷ୍ଠ ଭୂରିଭୂର୍ଯ୍ୟୋନନ୍ଦନଃ । ନାମୃଷ୍ୟତ୍ତଦ୍ଦଶନ୍ତ୍ୟାର୍ଦ୍ଧ ସ ବ୍ରହ୍ମ ମୈବ ସମ୍ପେଦେ । ୮ । ସ ସ୍ୱର୍ଣ୍ଣ ରୁଚିରଂ ଚାପଂ ସନ୍ଧାନ ତତ୍ୟାଧ ଦାସ୍ତକେଃ । କର୍ଣ୍ଣାଦୀନ୍ ଷତ୍ତୁରଥାନ୍ ଗାରସ୍ୱାଦଭିର୍ଯ୍ୟୁଗପଚ୍ଚ ପୃଥକ୍ । ୯। ପରୁର୍ଣ୍ଣିସ୍ତୁରଗେ ବାଜାନେକୈକେନ ନ ସାରଥୀନ୍ । ରଥନଷ୍ଟ ମଜ୍ଜେତ୍ସ୍ୱାସାଂସ୍ତସ୍ୟ ତତ୍ତ୍ୱୋତ୍କ୍ଷେପ୍ୟ ପୃକସ୍ତ୍ୱନ୍ । ୧୦। ତଲ୍ଲୁ ତେ ବିରଥଂ ଚକ୍ରୁ ଷ୍ଟ୍ୱଷ୍ଟ୍ୱ୍ୱା-ସ୍ତବ୍ରୁରେ ମହାନ୍ । ଏକସ୍ୟ ସାରଥିଂ ତସ୍ୟ ତଦ୍ରଦ୍ଧାତାଃ ଶରାଧନଂ । ୧୧ । ତଂ ବଦ୍ଧ୍ୱା ବିରଥୀକୃତ୍ୟ ଭୂତ୍ତେଣ କୁରବୋ ଯୁଧି । କୁମାରଂ ସ୍ୱ

ଯାମ୍ୟନ୍ତ ପ୍ରାଣା ଇବ ସୁଶୀତା । ସୁସଂଯତା ପ୍ରାଣାୟାମାବିର୍ଭୂର୍ଯମିତା । ୪ । କୁରୁବୃକୋ ସ୍ୱଷ୍ଟେନ୍ଦ୍ରାନ୍ମୋଦିତାସ୍ତତ୍ସହିତାଃ ଷଣ୍ଡେତେ ଇତ୍ୟର୍ଥଃ । ୫-୬ । କର୍ଣ୍ଣେ ତ୍ୱରଣୀ ବେଷ୍ଟାଂଶ୍ଚ । ନାମୃଷ୍ୟ ନାସହତ ଅବନ୍ତ୍ୟସ୍ୟ ଭଗଦତ୍ତୋର୍ଭିଃ ଅର୍ଦ୍ଧକାଶା ଅବନ୍ତ୍ୟଷ୍ଟାସାବର୍ଦ୍ଧଶ୍ଚେତ ବା । ୮-୯ । ହେ ପଦପାତ୍ତ୍ର ବରୁଦ୍ଧିଷ୍ଟିତ । ବରୁଣ୍ଣିସ୍ତୁର ଇତ୍ୟେବ ବହ୍ନାନୁଷଙ୍ଗ୍ୟ । ତତ୍କର୍ମ ତେ ସମ୍ମାନିତବନ୍ତ ଇତ୍ୟର୍ଥଃ । ୧୦-୧୧ । ସ୍ୱସ୍ୟ ଦୁର୍ଯୋ-

ଏବେ ଶୋଭ । ୩ । ପୁତ୍ରକୁ କରଜ ଶ୍ରବଣେ । ଦୃଷ୍ଟିଏ ଅସିଲେ ଏ ସ୍ଥାନେ ॥ ପ୍ରାଣାୟାମରେ ପ୍ରାଣ ମତ । ଗରବ ତେଜ ଦେବେ ଶାନ୍ତ । ୪ । ଭଗ୍ନ ଆଦେଶେ ଦୁର୍ଯ୍ୟୋଧନ । ଭୂରିଶ୍ରବା ଶଲ କର୍ଣ୍ଣ ॥ ପଞ୍ଚ କୌରବ ସବେ ଗଲେ । ଶାମ୍ଭେ ବାନ୍ଧିବା ମନାସିଲେ ।୫। ପଛରେ ଧୃତରାଷ୍ଟ୍ର ସୁତ । ଅସିବା ଦେଖି କୃଷ୍ଣପୁତ୍ର ॥ ଉଦ୍ଧତ ସିଂହ ପରକାରେ । ରହିଲ ଧନୁ ଧର କରେ । ୬ । ଧରିବାପାଇଁ କୁରୁଗଣେ । କ୍ରୋଧେ ଭାଜିଲ୍ଲ ରଣେ ବାରେ ॥ କର୍ଣ୍ଣଙ୍କ ପଛେ ସବେ ଯାନ୍ତି । ଧନୁରେ ବାଣ ବର୍ଷି ଛନ୍ତି । ୭ । ଶୁଦ୍ର ମୃଗଙ୍କୁ ସିଂହ ଯେହ୍ନେ । ନ ଡରେ ସେ ଶାମ୍ବ ତେମନ୍ତେ । କୁରୁଙ୍କ ବାଣେ ବନ୍ଦ ହୋଇ । ପାରିଲ୍ଲ ନାହିଁ ଥାଇ ସହି । ୮ । ଗୁଣ ଟଙ୍କାରି ଛଅଶରେ । ଏକନେ ବସାଇ ଗୁଣରେ ॥ ରହିଲେ କର୍ଣ୍ଣାଦି ଛରଥୀ । ଦେହରେ ଯେସିନ୍ତି ତତ୍ତ୍ୱ । ୯ । ସାରଥିଗଣେ ଏକ ଏକ । ଛଅ ଅଶ୍ୱକୁ କଲ ଲକ୍ଷ୍ୟ ॥ ରଥକେ ଅଶ୍ୱ ଚାରି ଚାରି । ପ୍ରତ୍ୟେକେ ଶରେ ଶରେ ମାର ॥ ରଥୀ ସାରଥୀ ଅଶ୍ୱଗଣେ । ଶ୍ରେଷ୍ଠେ ଏକକାଳେ ବାଣେ ॥ ମହାଧନୁଷ୍ଟ କରୁଗଣେ । ପ୍ରଶଂସା କଲେ ତା କର୍ମରେ । ୧୦ । ଚାରି ଅଶ୍ୱଙ୍କୁ ଚାରି ରଥୀ । ସାରଥୀ ଛଅ ଏକରଥୀ ॥ ଶାମ୍ବକୁ ଅନ୍ତରିଲ୍ଲ ଏକ । ଏରୂପେ ସେହ ଚାରି ପାଶ । ଅଶ୍ୱ ସାରଥୀ ଧନୁ କାଟି । ବିରଥ

Digitized by PPRACHIN, SOA

କନ୍ୟାଞ୍ଚ ସ୍ୱପୁରଂ ଜିଗ୍ମିଜୋଃବଶନ୍ ।୧୨। ତଚ୍ଛ୍ରୁତ୍ୱା ନାରଦୋକ୍ତେନ ରାଜନ୍ ସଂଜାତମନ୍ୟବଃ । କୁରୂନ୍ ପ୍ରତ୍ୟୁଦ୍ୟମଂ ଚକ୍ରୁରୁଗ୍ରସେନପ୍ରଚୋଦିତାଃ ।୧୩। ସାନ୍ତ୍ୱୟିତ୍ୱା ତୁ ତାନ୍ ରାମଃ ସନ୍ନଦ୍ଧାନ୍ ବୃଷ୍ଣିପୁଙ୍ଗବାନ୍ । ନୈଚ୍ଛତ୍ କୁରୂଣାଂ ବୃଷ୍ଣୀନାଂ କଲିଂ କଲିମଲାପହଃ ।୧୪। ଜଗାମ ହସ୍ତିନପୁରଂ ରଥେନାଦିତ୍ୟବର୍ଚ୍ଚସା । ବ୍ରାହ୍ମଣୈଃ କୁଲବୃଦ୍ଧୈଶ୍ଚ ବୃତଶ୍ଚନ୍ଦ୍ର ଇବ ଗ୍ରହୈଃ । ୧୫ । ଗତ୍ୱା ଗଜାହ୍ୱୟଂ ରାମୋ ବାହ୍ୟୋପବନମାସ୍ଥିତଃ । ଉଦ୍ଧବଂ ପ୍ରେଷୟାମାସ ଧୃତରାଷ୍ଟ୍ରଂ ବୁଭୁତ୍ସୟା । ୬। ସୋଽଭିବନ୍ଦ୍ୟାମ୍ବିକାପୁତ୍ରଂ ଭୀଷ୍ମଂ ଦ୍ରୋଣଞ୍ଚ ବାହ୍ଲିକଂ । ଦୁର୍ଯ୍ୟୋଧନଞ୍ଚ ବିଧିବଦ୍ରାମମାଗତମବ୍ରବୀତ୍ ।୧୭। ତେଽତିପ୍ରୀତାଃ ସମାକର୍ଣ୍ଣ୍ୟ ପ୍ରାପ୍ତଂ ରାମଂ ସୁହୃତ୍ତମଂ । ତମର୍ଚ୍ଚୟିତ୍ୱାଭିଯୟୁଃ ସର୍ବେ ମଙ୍ଗଳପାଣୟଃ । ୧୮ । ତଂ ସଙ୍ଗମ୍ୟ ଯଥାନ୍ୟାୟଂ ଗାମର୍ଘ୍ୟଞ୍ଚ ନ୍ୟବେଦୟନ୍ । ତେଷାଂ ଯେ ତତ୍ପ୍ରଭାବଜ୍ଞାଃ ପ୍ରଣେମୁଃ ଶିରସା ବଲଂ । ୧୯ । ବନ୍ଧୂନ୍ କୁଶଲିନଃ ଶ୍ରୁତ୍ୱା ପୃଷ୍ଟ୍ୱା ଶିବମନାମୟଂ । ପରସ୍ପରମଥୋ ରାମୋ ବଭାଷେଽବିକ୍ଲବଂ ବଚଃ । ୨୦ । ଉଗ୍ରସେନଃ କ୍ଷିତୀଶେଶୋ ଯଦ୍ ବ ଆଜ୍ଞାପୟତ୍ ପ୍ରଭୁଃ । ତଦବ୍ୟଗ୍ରଧିୟଃ ଶ୍ରୁତ୍ୱା କୁରୁଧ୍ୱମବିଲମ୍ବିତଂ ।୨୧।

ଧିକ୍ଷ୍ୟ କନ୍ୟାଂ ନୀତ୍ୱା ଇତି ଶେଷଃ । ୧୨-୧୩ । କଲିଂ କଲହଂ ସନ୍ନଦ୍ଧ୍ୟ ତ୍ୱା ଜଗାମେତି ।୧୪-୧୫। ଧୃତରାଷ୍ଟ୍ରଂ ପ୍ରତି ବୁଭୁତ୍ସୟା ଅଭିପ୍ରାୟ-ଜିଜ୍ଞାସୟେତ୍ୟର୍ଥଃ । ୧୬ । ବିଧିବଦଭିବନ୍ଦ୍ୟ । ୧୭ । ତମର୍ଚ୍ଚୟିତ୍ୱା ଗୃହୀତ୍ୱା ମଙ୍ଗଳପାଣୟ ଉପାୟନହସ୍ତାଃ । ୧୮ । ବଲଂ ଅପି ପ୍ରଣେମୁଃ

କଲେ ଶାମ୍ବେ ସେଠି । ୧୧ । ମହାକଷ୍ଟରେ ସେ ସମରେ । ଶାମ୍ବେ ବାନ୍ଧିଲେ କୁରୁବୀରେ ॥ ସମରେ ଜିଣି କନ୍ୟାବୁଲେ । ଶାମ୍ବକୁ ନିଜ-ପୁରେ ନେଲେ । ୧୨ । ନାରଦ ମୁଖୁଁ ଏ ସମ୍ବାଦ । ଶୁଣି ଯାଦବେ ବଢ଼ି କ୍ରୋଧ ॥ ସନ୍ଦେଶେ ଉଗ୍ରସେନଙ୍କର । ରଚିଲେ ସମର ସମ୍ଭାର ।୧୩। ପ୍ରସ୍ତୁତ ଯଦୁବୀରଗଣେ । ରାମ ବୁଝାଇ ଜଣେ ଜଣେ ॥ ନଇଚ୍ଛି କୁରୁ ଯଦୁ କଳି । ଶାନ୍ତ କରାଇ ସଙ୍ଗେ ଦଳି ।୧୪। ବ୍ରାହ୍ମଣ କୁଳବୃଦ୍ଧ ବୁଲେ । ହସ୍ତିନାପୁରେ ବିଜେକଲେ ॥ ଗ୍ରହଙ୍କ ମଧ୍ୟେ ଚନ୍ଦ୍ରପରି । ରଥେ ରାଜନ୍ତି ହଳଧାରୀ । ୧୫ । ହସ୍ତିନା ବାହାର ତୋଟାରେ । ରାମ ରହିଲେ ଶିବିରରେ ॥ ଧୃତରାଷ୍ଟ୍ରଙ୍କ ମତଜାଣେ । ଉଦ୍ଧବ ଗଲେ ଦୂତପଣେ । ୧୬ । ଅମ୍ବିକା ପୁତ୍ର ଭୀଷ୍ମ ଦ୍ରୋଣେ । ବାହ୍ଲିକ ଆଉ ଦୁର୍ଯ୍ୟୋଧନେ ॥ ଉଦ୍ଧବ ବନ୍ଦିଲେ ପ୍ରଥମେ । ରାମ ଆଗମ ଜଣାଇଲେ । ୧୭ । ପରମ ମିତ୍ର ରାମଙ୍କର । ଆଗମ ଶୁଣି କୁରୁବର ॥ ଆନନ୍ଦେ ଭେଟିମାନ ଧରି । ପ୍ରୀତ ଆସିଲେ ମିଳକରି । ୧୮ । ରାମଙ୍କ ସମୀପେ ମିଳିଲେ । ଅର୍ଘ୍ୟ ଶୋଧନ ସମର୍ପିଲେ ॥ ରାମ ପ୍ରଭାବ ଯେ ଜାଣନ୍ତି । ସେମାନେ ନମିଲେ ଝଟତି । ୧୯ । ଅସେଗୀ ପୁଚ୍ଛି ପରସ୍ପର । ବନ୍ଧୁଙ୍କ ଶୁଭ ସମାଚାର ॥ ଶୁଣିବା ଅନ୍ତେ ହଳଧର । ଉଚ୍ଚେ ଭଣନ୍ତି ତାଙ୍କୁ ଗିର । ୨୦ । ରାଜାଧିରାଜ

ଯଦ୍ବୟଂ ବନ୍ଧବସ୍ତେଷ୍ୱଙ୍କ୍ତାଧର୍ମେଣ ଧାର୍ମିକଂ । ଅବଧ୍ନୀତାଥ ତନ୍ମନ୍ତ୍ରେଷ୍ୟ ବନ୍ଧୁନାମୈକ୍ୟକାମ୍ୟୟା ॥ ୨୨ ॥ ବୀର୍ଯ୍ୟଶୌର୍ଯ୍ୟବଲୈର୍ନମାତ୍ମଶକ୍ତି-
ସମଂ ବଚଃ । କୁରବୋ ବଲଦେବସ୍ୟ ହନ୍ତାମ୍ୟୋଚୁଃ ପ୍ରକୋପିତାଃ ॥ ୨୩ ॥ ଅହୋ ମହଚ୍ଚିତ୍ରମିଦଂ କାଲଗତ୍ୟା ଦୁରତ୍ୟୟା । ଆରୁରୁକ୍ଷତ୍ୟୁ-
ପାନଦ୍ୱୈ ଶିରୋ ମୁକୁଟସେବିତଂ ॥ ୨୪ ॥ ଏତେ ଯୌନେନ ସମ୍ବଦ୍ଧାଃ ସହଶଯ୍ୟାସନାଶନାଃ । ବୃଷ୍ଣୟସ୍ତୁଲ୍ୟତାଂ ନୀତା ଅସ୍ମଦ୍ଦତ୍ତନୃପାସନାଃ ॥ ୨୫ ॥
ଚାମରବ୍ୟଜନେ ଶଙ୍ଖମାତପତ୍ରଞ୍ଚ ପାଣ୍ଡୁରଂ । କିରୀଟମାସନଂ ଶଯ୍ୟାଂ ଭୁଞ୍ଜନ୍ତ୍ୟସ୍ମଦୁପେକ୍ଷୟା ॥ ୨୬ ॥ ଅଲଂ ଯଦୂନାଂ ନରଦେବଲାଞ୍ଛନୈର୍ଦାତୁଃ
ପ୍ରତୀପୈଃ ଫଣିନାମିବାମୃତଂ । ଯେଽସ୍ମତ୍ପ୍ରସାଦୋପଚିତା ହି ଯାଦବା ଆଜ୍ଞାପୟନ୍ତ୍ୟଦ୍ୟ ଗତତ୍ରପା ବତ ॥ ୨୭ ॥ କଥମିନ୍ଦ୍ରୋଽପି କୁରୁଭିର୍ଭୀଷ୍ମଦ୍ରୋଣା-

---

। ୧୯-୨୧ । ଯଦ୍‌ବୟମିତ୍ୟୁଗ୍ରସେନବାକ୍ୟଂ ନୃଷେଶ୍ୟ ସହେ । ଅଥାଶୁ ତମାମାସ୍ୟ ସମର୍ପୟେତ ଶେଷଃ । ୨୨ । ବୀର୍ଯ୍ୟଂ ପ୍ରଭାବଃ ଶୌର୍ଯ୍ୟମୁତ୍ସାହଃ ବଲଂ
ସତ୍ତ୍ୱଂ ତୈରୁନ୍ନଦ୍ଧମୁଚ୍ଛୃଙ୍ଖଲଂ । କଥଂ ଆତ୍ମନଃ ଶକ୍ତେଃ ସମଂ ଅନୁରୂପଂ । ୨୩ । ଉପାନତ୍ପାଦରକ୍ଷା ଶିରଃ ଆରୋଢୁମିଚ୍ଛତି ଇତି । ହ୍ରିନା ଅସ୍ମା-
ନାଜ୍ଞାପୟନ୍ତୀତ୍ୟର୍ଥଃ । ୨୪ । ଅନ୍ୟେବ ସ୍ତପଞ୍ଚ ଏଷ ଇତି ଚତୁର୍ଭିଃ ଯୌନେନ ପୃଥାଯ୍ୟା ବିବାହେନ । ୨୫ । କିଞ୍ଚ ଚାମରବ୍ୟଜନେ ଇତି ଭୁଞ୍ଜନ୍ତ୍ୟପ-
ଭୁଞ୍ଜତ ଇତ୍ୟର୍ଥଃ । ଅସ୍ମଦୁପେକ୍ଷୟା ଅସ୍ମଦନୁଗ୍ରହେଣ । ୨୬ । ଅଲମତ ଅତଃ ପରଂ ତାନ୍ୟପହରିଷ୍ୟାମ ଇତ୍ୟର୍ଥ । ୨୭ । ଅନ୍ୱଭୁଞ୍ଜୀତ ସ୍ୱୀକୁର୍ଯ୍ୟାତ୍ ।

ଉଗ୍ରସେନ । ଆଦେଶ ସର୍ବେ ଧୀରେ ଶୁଣ ॥ ତତ୍କାଳେ ପାଳ ଯେ ଆଦେଶ । ବଳମ୍ଭେ ବନ୍ଧବେ ସେ ରୋଷ । ୨୧ । ଧାର୍ମିକ ଏକ ଶାସ୍ତ୍ରବାଦରେ ।
ବନ୍ଧୁତ ମିଶି ଅଧର୍ମରେ ॥ କଣ ବାନ୍ଧିଛ; ତା ସହିଲୁ । ବନ୍ଧୁ ତା ଭର୍ଗ ଯିବ ବୋଲୁ । ୨୨ । ବୀର୍ଯ୍ୟ ଐଶ୍ୱର୍ଯ୍ୟେ ବଳବନ୍ତ । କୁରୁଏ ସ୍ୱଭାବେ ଉନ୍ମତ୍ତ ॥
ରାମଙ୍କ ଗର୍ବିତ ବଚନେ । ବହିଲେ ଅତି କ୍ରୋଧ ମନେ । ୨୩ । କହନ୍ତି ଏ ଅଦ୍ଭୁତ ଅତି । ଓଲଟା ହେଲା କାଳଗତି ॥ ମୁକୁଟ ମଣ୍ଡିତ ଶିରରେ ।
ଯୋତା ରହିବା ଇଚ୍ଛା କରେ । ୨୪ । ପୃଥାଙ୍କୁ ବିବାହ ଏ ଦେଲେ । ବେଶ ବସିଲେ ଆମ୍ଭ ତୁଲେ ॥ ଶଯ୍ୟା ଆସନ ଭୋଜନରେ । ମିଶିଲେ ଏ ଆମ୍ଭ
ସଙ୍ଗରେ ॥ ଆମ୍ଭେ ବୃଷ୍ଣିଙ୍କୁ ରାଜା କଲୁଁ । ୨୫ । ଶଙ୍ଖ ଚାମର ଛତ୍ର ଦେଲୁଁ । ମୁକୁଟ ଆସନ ବ୍ୟଜନ ॥ ଭୁଞ୍ଜନ୍ତି ରାଜଭୋଗମାନ ॥ ଏ ସବୁ ଆମ୍ଭ
ଅନୁଗ୍ରହ । ଏବେ ହୋଇଲୁଁ ଆଜ୍ଞାବହ । ୨୬ । ସର୍ପକୁ ଅମୃତ ସମାନ । ଯଦୁଙ୍କୁ ଦେଲୁଁ ରାଜ ଚିହ୍ନ ॥ ଏବେ ସେ ଦାନ ବୃଥା ହେଲା । ଦାତାକୁ
ଓଲଟି ଦଂଶିଲା ॥ ଆମ୍ଭର ଅନୁଗ୍ରହ ପାଇ । ଯାଦବେ ଶକ୍ତିଶାଳୀ ହୋଇ ॥ ଆଜ ଆମ୍ଭଙ୍କୁ ଆଜ୍ଞାଦ୍ୟନ୍ତ । କେତେ ହାର୍ଲଜ୍ଜ ଯଦୁଜାତ । ୨୭ । ଅର୍ଜ୍ଜୁନ
ଭୀଷ୍ମ ଦ୍ରୋଣ ଆଦ । କୁରୁଙ୍କ ସ୍ନେହ ନ ସମ୍ବାଦ ॥ ଇନ୍ଦ୍ର ତ ଅସ୍ତ୍ର ପଡନାହିଁ । ନ ଦେଲେ ବଳେ ନ ନେଇ ॥ ସିଂହ କବଳେ ଯେ ପଡ଼ିଛି । ମେଣ୍ଢା

Digitized by PPRACHIN, SOA

ର୍ଜନାଦଭଃ । ଅବଭୃମବବୁଦ୍ଧୀତ ସଂହ୍ବଦଭୃମିବୋରଣଃ । ୨୮ । ଶ୍ରୀ ବାଦରାୟଣିରୁବାଚ ।—ଜନ୍ମବନ୍ଧୁଶ୍ରିୟୋନ୍ନଦ୍ଧମଦାସ୍ତେ ଭାରତର୍ଷଭ । ଆଶ୍ରାବ୍ୟ ରାମଂ ଦୁର୍ବାଚମସଭ୍ୟାଃ ପୁରମାବଶନ୍ । ୨୯ । ଦୃଷ୍ଟ୍ୱା କୁରୂଣାଂ ଦୌଃଶୀଲ୍ୟଂ ଶ୍ରୁତ୍ୱାଽବାଚ୍ୟାନି ଚାଚ୍ୟୁତଃ । ଅବୋଚତ୍କୋପସଂରବ୍ଧୋ ଦୁଷ୍ପ୍ରେକ୍ଷ୍ୟଃ ପ୍ରହସନ୍ ମୁହୁଃ । ୩୦ । ନୂନଂ ନାନାମଦୋନ୍ନଦ୍ଧାଃ ଶାନ୍ତିଂ ନେଚ୍ଛନ୍ତ୍ୟସାଧବଃ । ତେଷାଂ ହି ପ୍ରଶମୋ ଦଣ୍ଡଃ ପଶୂନାଂ ଲଗୁଡୋ ଯଥା । ୩୧ । ଅହୋ ଯଦୂନ୍ ସୁସଂରବ୍ଧାନ୍ କୃଷ୍ଣଞ୍ଚ କୁପିତଂ ଶନୈଃ । ସାନ୍ତ୍ୱୟିତ୍ୱାହମେତେଷାଂ ଶମମିଚ୍ଛନ୍ନିହାଗତଃ । ୩୨ । ତ ଇମେ ମନ୍ଦମତୟଃ କଲହାଭିରତାଃ ଖଲାଃ । ତଂ ମାମବଜ୍ଞାୟ ମୁହୁର୍ଦୁର୍ଭାଷାନ୍ ମାନିନୋଽବ୍ରୁବନ୍ । ୩୩ । ନୋଗ୍ରସେନଃ କିଲ ବିଭୁର୍ଭୋଜବୃଷ୍ଣ୍ୟନ୍ଧକେଶ୍ୱରଃ । ଶକ୍ରାଦୟୋ ଲୋକପାଲା ଯସ୍ୟାଦେଶାନୁବର୍ତ୍ତିନଃ । ୩୪ । ସୁଧର୍ମାକ୍ରମ୍ୟତେ ଯେନ ପାରିଜାତୋଽମରାଙ୍ଘ୍ରିପଃ । ଆନୀୟ ଭୁଜ୍ୟତେ ସୋଽସୌ ନ କିଲାଧ୍ୟାସନାର୍ହଣଃ । ୩୫ । ଯସ୍ୟ ପାଦଯୁଗଂ ସାକ୍ଷାଚ୍ଛ୍ରୀରୁପାସ୍ତେଽଖିଲେଶ୍ୱରୀ । ସ ନାର୍ହତି କିଲ ଶ୍ରୀଶୋ ନରଦେବପରିଚ୍ଛଦାନ୍ । ୩୬ । ଯସ୍ୟାଙ୍ଘ୍ରିପଙ୍କଜରଜୋଽଖିଲଲୋକ-

ପାଳୈର୍ମୌଳ୍ୟୁତ୍ତମୈର୍ଧୃତମୁପାସିତତୀର୍ଥତୀର୍ଥମ୍ । ବ୍ରହ୍ମା ଭବୋଽହମପି ଯସ୍ୟ କଳାଃ କଳାୟାଃ ଶ୍ରୀଶ୍ଚୋଦ୍ୱହେମ ଚିରମସ୍ୟ ନୃପାସନଂ କ୍ୱ । ୩୭ ।

ଭୂରଣୋ ମେଷଃ । ୨୮ । ଜନ୍ମନା ବନ୍ଧୁଭିଶ୍ଚ ପରକ୍ଷିତସ୍ୟାଶ୍ରିୟା ଉନ୍ନଦ୍ଧ ଉଦ୍ଧତୋ ମଦୋ ଯେଷାଂ ତେ । ଦୁର୍ବାକ୍ୟଂ ପରୁଷଂ ବାକ୍ୟଂ ଅସଭ୍ୟା ଦୁର୍ଜନାଃ । ୨୯ । ୩୦ । ନାନାଧନାଭିଜନାଦିମଦୈ ରୁନ୍ନଦ୍ଧାଃ ତେଷାଂ ଦଣ୍ଡ ଏବ ପ୍ରଶମଃ ପ୍ରକର୍ଷେଣ ସମସ୍ୟ ଶମସ୍ୟ ହେତୁଃ ତଥା ଯଥା ଲଗୁଡୋ ଦଣ୍ଡଃ । ୩୧ । ୩୨ । ଦୁର୍ଭାଷାନ୍ ଅବାଚ୍ୟ ଶବ୍ଦାନ୍ । ୩୩ । ଦୁର୍ଭାଷଣମନୁସ୍ମରତି ଷଡ୍ଭିଃ, ଉଗ୍ରସେନ ଇତି । ବିଭୁ ରାଜ୍ଞାପଦ୍ୱିତ୍ୱଂ ସମର୍ଥଃ । ୩୪ । ଅହୋ ଧୃଷ୍ଟାଃ ଶ୍ରୀକୃଷ୍ଣମପ୍ୟଧିକ୍ଷିପନ୍ତ୍ୟତ ।

ତା ଦବର ଇଚ୍ଛନ୍ତି । ୨୮ । କୁରୁଏ ବାଲୁଂ ବନ୍ଧୁ ହୋଇ । ରାମକୃଷ୍ଣଙ୍କୁ ଭୟ ନାହିଁ ॥ ଐଶ୍ୱର୍ଯ୍ୟ ଗର୍ବେ ମତ୍ତ ଭାବେ । ରାମେ କୁବାକ୍ୟ କହି ସର୍ବେ । ଅସଭ୍ୟ ପଣ ଦେଖାଇଲେ । ନିଜ ପୁରକୁ ଫେରିଗଲେ । ୨୯ । ଦେଖି କୁରୁଙ୍କ ଦୁଷ୍ଟପଣ । କୁବାକ୍ୟ ଶୁଣି ସଂକର୍ଷଣ ॥ କୋପରେ ପ୍ରଜ୍ୱଳିତ ହୋଇଲେ । ଅଟ୍ଟହାସରେ ମତ୍ତ ହେଲେ । ୩୦ । ଅସାଧୁ ନାନାମଦେ ମତ୍ତ । ହୋଇ ନ ଭଜେ ଶାନ୍ତ ପଥ ॥ ପଶୁଙ୍କୁ ପ୍ରହାର ସମାନ । ଦଣ୍ଡ ତା ଶାନ୍ତିର କାରଣ । ୩୧ । ଯୁଦ୍ଧକୁ ସଜ୍ଜିତ ଯଦୁଙ୍କୁ । ଆବର କୁପିତ କୃଷ୍ଣଙ୍କୁ ॥ ବୁଝାଇ ଶାନ୍ତ କରି ମୁହିଁ । ଆସିଲି ସ୍ୱାନ୍ତ ଶୁଭ ପାଇଁ । ୩୨ । ଏତେ କଳିହା ମନ୍ଦମତି । ଖଳ ଏ କୌରବେ ଅଟନ୍ତି ॥ ଗରବେ ମୋତେ ତୁଚ୍ଛ କଲେ । କେତେ କୁବାକ୍ୟ ନ କହିଲେ । ୩୩ । ଅନ୍ଧକ ଭୋଜ ବୃଷ୍ଣି ପତି । ଯେ ଉଗ୍ରସେନ ପୃଥ୍ୱୀ ଅଛି ॥ ଶକ୍ରାଦି ଲୋକପାଳେ ଯାର । ଅଜ୍ଞା ବହନ୍ତି ନିରନ୍ତର । ୩୪ । ଅମର ଦ୍ରୁମ ପାରିଜାତ । ଯେ କୃଷ୍ଣ ହରି ଭୁଞ୍ଜେ, ନିତ୍ୟ ॥ ବସେ ଯେ ସୁଧର୍ମା ସଭାରେ । ସେ ନିନ୍ଦ୍ୟ କୁରୁଙ୍କ ପାଶରେ ॥ ଅଖିଳେଶ୍ୱରୀ ଲକ୍ଷ୍ମୀ ଯାର । ଚରଣେ ସେବେ ନିରନ୍ତର ॥ ସେ ଲକ୍ଷ୍ମୀପତି ନୃପଚିହ୍ନ ।

Digitized by PPRACHIN, SOA

ପାଲେ ମୌଲ୍ୟଉମୈଧୃ ତମୁପାସିତତୀର୍ଥତୀର୍ଥଂ । ବ୍ରହ୍ମା ଭବୋଽହମପି ଯସ୍ୟ କଲାକଲାୟାଃ ଶ୍ରୀଶ୍ଚୋଦ୍‌ବହେମ ଚିରମସ୍ୟ ନୃପାସନଂ କ୍ୱ । ୩୭ । ଭୁଞ୍ଜତେ କୁରୁଭିର୍ଦତ୍ତଂ ଭୂଖଣ୍ଡଂ ବୃଷ୍ଣୟଃ କିଲ । ଉପାନହଃ କିଲ ବୟଂ ସ୍ୱୟନ୍ତୁ କୁରବଃ ଶିରଃ । ୩୮ । ଅହୋ ଐଶ୍ୱର୍ଯ୍ୟମତ୍ତାନାଂ ମତ୍ତାନାମିବ ମାନିନାଂ । ଅସଦ୍‌ବାଚୋ ଗିରେ ରୁଷଃ କଃ ସହେତାନୁଶାସିତା । ୩୯ । ଅଦ୍ୟ ନିଷ୍କୌରବାଂ ପୃଥ୍ୱୀଂ କରିଷ୍ୟାମୀତ୍ୟମର୍ଷିତଃ । ଗୃହୀତ୍ୱା ହଲମୁତ୍ତସ୍ଥୌ-ଦହନ୍ନିବ ଜଗତ୍ରୟଂ । ୪୦ । ଲାଙ୍ଗଲାଗ୍ରେଣ ନଗରମୁଦ୍‌ବିଦାର୍ଯ୍ୟ ଗଜାହ୍ୱୟଂ । ବିଚକର୍ଷ ସ ଗଙ୍ଗାୟାଂ ପ୍ରହରିଷ୍ୟନ୍ନମର୍ଷିତଃ । ୪୧ । ଜଲଯାନମିବାଘୂର୍ଣ୍ଣଂ ଗଙ୍ଗାୟାଂ ନଗରଂ ପତତ୍ । ଆକୃଷ୍ୟମାଣମାଲୋକ୍ୟ କୌରବାଃ ଜାତସମ୍ଭ୍ରମାଃ । ୪୨ । ତମେବ ଶରଣଂ ଜଗ୍ମୁଃ ସକୁଟୁମ୍ବା ଜିଜୀବିଷବଃ । ସଲକ୍ଷଣଂ ପୁରସ୍କୃତ୍ୟ ସାମ୍ବଂ ପ୍ରାଞ୍ଜଲୟଃ ପ୍ରଭୁଂ । ୪୩ । ରାମରାମାଖିଳାଧାର ପ୍ରଭାବଂ ନ ବିଦାମ ତେ । ମୂଢ଼ାନାଂ ନଃ କୁବୁଦ୍ଧୀନାଂ

କ୍ଷୁପିତ ଅହ ସୁଧର୍ମେତ୍ୟାଦିଭିର୍ଷିଭିଃ । ୩୬ ୩୭ । ମୌଲ୍ୟଭିମୈଁର୍ମ୍ମୌଲିସୁରେନ୍ଦ୍ରେର୍ବୁଭମାର୍ଚ୍ଚୈଃ ଉତ୍ତମୈର୍ମୌଲିଭିରହ୍ୟବା । ଉପାସିତାଜ୍ଞ ତୀର୍ଥାନ୍ତ ଯୈର୍ଯୋଗିଭିସ୍ତେଷାମପି ତୀର୍ଥଂ । ଯଦ୍ୱା ଉପାସିତଂ ସର୍ବୈଃ ସେବିତଂ ତୀର୍ଥଂ ଗଙ୍ଗା ତସ୍ୟ ତୀର୍ଥଂ ତୀର୍ଥତ୍ୱ ନିମିତ୍ତଂ; କିଞ୍ଚ ବ୍ରହ୍ମା ଭବଃ ଶ୍ରୀଶ୍ଚାହମପି ଉଦ୍‌ବହେମ କଥମ୍ଭୂତା ବୟଂ, ଅସ୍ୟ କଲାୟା ଅଂଶସ୍ୟ କଲାଃ ଅଂଶାଃ । ୩୭ ୩୮ । ମତ୍ତାନାମିବମଦ୍ୟାଦିନା, ରୁଷାଃ ପରୁଷାଃ ଅନୁଶାସିତାଃ ସ୍ୱୟଂ ଦଣ୍ଡଧରଃ ସନ । ୩୯-୪୦ । ଲାଙ୍ଗଲାଗ୍ରେଣ ଦକ୍ଷିଣତଃ ପ୍ରାକାରମୂଲେ କର୍ଷଣେନ ଉଦ୍‌ବିଦାର୍ଯ୍ୟ ଉତ୍ପାଟ୍ୟ । ୪୧-୪୨ । ଜିଜୀବିଷବ ଇତ୍ୟ

ଧାରଣେ ନୁହଇ ଭାଜନ । ୩୬ । ମୁକୁଟ ମଣ୍ଡିତ ଶିରରେ । ଯା ପାଦରଜ ନିରନ୍ତରେ । ବହନ୍ତି ଲୋକପାଳଗଣ । ସିବେ (ଗଙ୍ଗା) ସେବନ୍ତି ଯା ଚରଣ । ଯା ଅଂଶ ଅଂଶ ବ୍ରହ୍ମା ଶିବ । ମୁଁ ଲକ୍ଷ୍ମୀ ବହି କରୁଁ ଗର୍ବ । ସେ କୃଷ୍ଣ ପକ୍ଷେ ନୃପ ଯନ । ନୁହଇ କେଉଁ ବା ସାମାନ୍ୟ । ୩୭ । କୁରୁଙ୍କ ଦାନ ଭୂମି ଅମ୍ଭେ । ଭୁଞ୍ଜୁଛୁ କହନ୍ତି କି ଗର୍ବେ । ମସ୍ତକ ହୋଇଲେ କୌରବେ । ଯୋତା ହୋଇଲେ ଏ ଯାଦବେ । ୩୮ । ଐଶ୍ୱର୍ଯ୍ୟ ଅଭିମାନେ ମତ୍ତ । ମଦୁଆ ପରି ଯାଙ୍କ କୃତ୍ୟ । ଅଯଥା କଠୁ ଉକ୍ତି ଶୁଣି । ସହିବ କେଉଁ ଶାସ ପୁଣି । ୩୯ । କୌରବ ଶୂନ୍ୟ ଧରା ଆଜ । କରିବି କହିଲେ ଗରଜ । ବିପୁର ଦହି ଦେଲାପରି । ରାମ ଉଠିଲେ ହଳଧରି । ୪୦ । ଗଙ୍ଗାରେ ହସ୍ତିନା ନଗରୀ । ଭସାଇ ଦେବାକୁ ବିଚାରି । ଲାଙ୍ଗଳ ଅଗ୍ରେ କୋପଭରେ । ହସ୍ତିନା ତାଡ଼ିଲେ ସେ ଖରେ । ୪୧ । ଗଙ୍ଗାରେ ନଗରୀ ପଡ଼ିଲା । ନଉକା ପରି ଏ ଭାସିଲା । ଦେଖି ନଗରୀ ଆକର୍ଷଣ । ଭୟ ପାଇଲେ କୁରୁଗଣ । ୪୨ । ଜୀବନ ଆଶେ ସକୁଟୁମ୍ବେ । ଶରଣ ଗଲେ ରାମ ଅଗେ । ଲକ୍ଷ୍ମଣା ଶାମ୍ବକୁ ଆଗରେ । ଚଳାଇ ନମିଲେ ରାମରେ । ୪୩ । ଅଖିଳ

Digitized by PPRACHIN, SOA

ଷଲ୍ଲମର୍ଦ୍ଦସ୍ୟଚ୍ଛକ୍ରମଂ । ୪୪ । ସ୍ଥିତ୍ୟୁତ୍ପତ୍ତ୍ୟପ୍ୟୟାନାଂ ତ୍ୱମେକୋ ହେତୁର୍ନିରାଶ୍ରୟଃ । ଲୋକାନ୍ କ୍ରୀଡନକାନୀଶ କ୍ରୀଡତସ୍ତେ ବଦନ୍ତି ହ । ୪୫ । ତ୍ୱମେବ ମୂର୍ଦ୍ଧ୍ନୀଦମନନ୍ତ ଲୀଲୟା ଭୂମଣ୍ଡଳଂ ବଭର୍ଷି ସହସ୍ରମୂର୍ଦ୍ଧନ୍ । ଅନ୍ତେ ଚ ଯଃ ସ୍ୱାତ୍ମନିରୁଦ୍ଧବିଶ୍ୱଃ ଶେଷେଽଦ୍ୱିତୀୟଃ ପରିଶିଷ୍ୟମାଣଃ । ୪୬ । କୋପସ୍ତେଽଖିଳଶିକ୍ଷାର୍ଥଂ ନ ଦ୍ୱେଷାନ୍ନ ଚ ମତ୍ସରାତ୍ । ବିଭ୍ରତୋ ଭଗବନ୍ ସତ୍ତ୍ୱଂ ସ୍ଥିତିପାଳନତତ୍ପରଃ । ୪୭ । ନମସ୍ତେ ସର୍ବଭୂତାତ୍ମନ୍ ସର୍ବଶକ୍ତିଧରାବ୍ୟୟ । ବିଶ୍ୱକର୍ମନ୍ ନମସ୍ତେଽସ୍ତୁ ତ୍ୱାଂ ବୟଂ ଶରଣଂ ଗତାଃ । ୪୮ । ଶ୍ରୀଶୁକ ଉବାଚ ।—ଏବଂ ପ୍ରପନ୍ନୈଃ ସଂବିଗ୍ନୈ ର୍ବେପମାନାୟନୈର୍ବଲଃ । ପ୍ରସାଦିତଃ ସୁପ୍ରସନ୍ନୋ ମା ଭୈଷ୍ଟେତ୍ୟଭୟଂ ଦଦୌ । ୪୯ । ଦୁର୍ଯ୍ୟୋଧନଃ ପାରିବର୍ହଂ କୁଞ୍ଜରାନ୍ ଷଷ୍ଟିହାୟନାନ୍ । ଦଦୌ ଚ ଦ୍ୱାଦଶଶତାନ୍ୟୟୁତାନି ତୁରଙ୍ଗମାନ୍ । ୫୦ । ରଥାନାଂ ଷଟ୍ସହସ୍ରାଣି ରୌକ୍ମାଣାଂ ସୂର୍ଯ୍ୟବର୍ଚ୍ଚସାଂ । ଦାସୀନାଂ ନିଷ୍କକଣ୍ଠୀନାଂ ସହସ୍ରଂ ଦୁହିତୃବତ୍ସଲଃ । ୫୧ ।

ଅସ୍ୱସ୍ଥ୍ୟଂ ସେଢବ୍ୟଂ । ୪୩ । ମୂଢ଼ାନାଂ ସ୍ୱଭାବାନଭିଜ୍ଞାନାଂ ଅଭିକ୍ରମମପରାଧଂ । ୪୪ ୪୫ । ଶେଷେ ଶୟନଂ କରୋଷି । ଶେଷପର୍ଯ୍ୟନ୍ତେ ପରିଶିଷ୍ୟମାଣୋ ଯଃ ସ ଚ ତ୍ୱମେବେତି ବା । ୪୬ । ଅସ୍ମାସୁ କୋପସ୍ତ ଭବାୟମୁଚିତଏବେତ୍ୟାହୁଃ । କୋପସ୍ତ ଇତି । ସ୍ଥିତିପାଳନେ ତତ୍ପରସ୍ୟାତୁପର୍ଯ୍ୟବାନ୍ କୋପଃ । ଉତ୍ତରେତି ପାଠାନ୍ତରେ ସମ୍ବୋଧନଂ । ୪୮ । ବେପମାନମୟନଂ ପୁରଂ ଯେଷାଂ ତୈଃ । ୪୯ । ତୁରଙ୍ଗମାଂଶ୍ଚ ଦ୍ୱାଦଶାୟୁ-

---

ଆଧାର ହୋଇଅଛ । ଜାଣି ତୁମ୍ଭ ପରାକ୍ରମ ॥ ମୂଢ଼ କୁବୁଦ୍ଧି କୁରୁଙ୍କର । କରିବା ଦୋଷ କ୍ଷମା କର । ୪୪ । ସ୍ଥିତି ଉତ୍ପତ୍ତି ପ୍ରଳୟର । ତୁମ୍ଭେ କାରଣ ନିରାଧାର ॥ ବିଶ୍ୱକୁ ଖେଳଣା ସମାନ । ଖେଳାଅ କହନ୍ତି ସୁଜନ । ୪୫ । ଆହେ ଅନନ୍ତ ଲୀଳାବରେ । ବିଶ୍ୱକୁ ସହସ୍ର ଶିରରେ ॥ ଖେଳାଉ ଥାଅ; ପ୍ରଳୟରେ । ଉଷ ଏ ବିଶ୍ୱ ସ୍ୱଗର୍ଭରେ ॥ ଶେଷ ଶଯ୍ୟାରେ ଏକା ହୋଇ । ଯୋଗ ନିଦ୍ରାରେ ଥାଅ ଶୋଇ । ୪୬ । ଲୋକଙ୍କୁ ଶିକ୍ଷା ଦେବା ଯୋଗେ । କୋପ ପ୍ରକାଶି ଥାଅ ତୁମ୍ଭେ ॥ ମତ୍ସର ଭାବେ କି ଦ୍ୱେଷରେ । କୋପ ନକର କାହାଠାରେ ॥ ସ୍ଥିତି ପାଳନେ ସଦାବ୍ରତ । ସର୍ବଦା ସତ୍ତ୍ୱଗୁଣବନ୍ତ । ୪୭ । ଅବ୍ୟୟ ସର୍ବଶକ୍ତିଧର । ଏ ବିଶ୍ୱ ରଚନା ତୁମ୍ଭର ॥ ତୁମ୍ଭେ ସର୍ବାତ୍ମା; ପ୍ରଣମୁଁ । ଚରଣେ ଶରଣ ଯାଉଛୁଁ । ୪୮ । ଶ୍ରୀଶୁକ କହେ ।—ଏମନ୍ତ ନଗରୀ କମ୍ପନେ । ଭୟେ ଶରଣ କୁରୁଗଣେ ॥ ସ୍ତୁତିରେ ରାମେ ତୁଷ୍ଟ କଲେ । କ୍ଷମ ଅଭୟ ତାଙ୍କୁ ଦେଲେ । ୪୯ । ତେବେନ୍ତେ ରାଜା ଦୁର୍ଯ୍ୟୋଧନ । ରଚିଲା କୌତୁକ ବିଧାନ ॥ ଷାଠିଏ ଅୟୁତ ମାତଙ୍ଗ । ବାରଣ ଅୟୁତ ତୁରଙ୍ଗ ॥ ସୂର୍ଯ୍ୟ ସମାନ ତେଜୋବନ୍ତ । ଛଅ ସହସ୍ର ସ୍ୱର୍ଣ୍ଣରଥ ॥ ସହସ୍ରେ କମ୍ବୁ କଣ୍ଠୀ ଦାସୀ । ସ୍ନେହେ କନ୍ୟାକୁ ଦେଲା ତୋଷି । ୫୦ । ୫୧ । ସ୍ୱୟଂ ସେ

ପ୍ରତସ୍ଥିତ୍ୟ ତୁ ତଷ୍ଟଂ ଭଗବାନ୍ ଭରତର୍ଷଭ । ସସୁତା ସସ୍ନୁଷଃ ପ୍ରାପ୍ତାନ୍ ସୁହୃଦ୍ଭିରଭିନନ୍ଦିତଃ । ୫୨ । ତତଃ ପ୍ରଭୃତ୍ୟ ସ୍ୱପୁରଂ ହଳାୟୁଧଃ ସମେତ୍ୟ ବନ୍ଧୂନନୁରକ୍ତଚେତସଃ । ଶଶଂସ ସର୍ବଂ ଯଦୁପୁଙ୍ଗବାନାଂ ମଧ୍ୟେ ସଭାୟାଂ କୁରୁଷୁ ସ୍ୱଚେଷ୍ଟିତଂ । ୫୩ । ଅଦ୍ୟାପି ଚ ପୁରଂ ହ୍ୟେତତ୍ ସୂଚୟଦ୍ରାମ ବିକ୍ରମଂ । ସମୁନ୍ନତଂ ଦକ୍ଷିଣତୋ ଗଙ୍ଗାୟାମନୁଦୃଶ୍ୟତେ । ୫୪ । ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମସ୍କନ୍ଧେ ହସ୍ତିନପୁରକର୍ଷଣରୂପସଙ୍କର୍ଷଣବିଜୟୋ ନାମାଷ୍ଟଷଷ୍ଟିତମୋଽଧ୍ୟାୟଃ । ୬୮ ।

ଏକୋନସପ୍ତତିତମୋଽଧ୍ୟାୟଃ ।

ଶ୍ରୀଶୁକ ଉବାଚ ।—ନରକଂ ନିହତଂ ଶ୍ରୁତ୍ୱା ତଥୋଦ୍ୱାହଞ୍ଚ ଯୋଷିତାଂ । କୃଷ୍ଣେନୈକେନ ବହ୍ୱୀନାଂ ତଦ୍ଦିଦୃକ୍ଷୁଃ ସ୍ମ ନାରଦଃ । ୧ । ଚିତ୍ରଂ ବତୈତଦେକେନ ବପୁଷା ଯୁଗପତ୍ ପୃଥକ୍ । ଗୃହେଷୁ ଦ୍ୱ୍ୟଷ୍ଟସାହସ୍ରଂ ସ୍ତ୍ରିୟ ଏକ ଉଦାବହତ୍ । ୨ । ଇତ୍ୟୁତ୍ସୁକୋ ଦ୍ୱାରବତୀଂ ଦେବର୍ଷି-

ର୍ଦ୍ରଷ୍ଟୁମାଗମତ୍ । ୩-୩୧ । ସୁହୃଦ୍ଭିଃ କୌରବୈଃ । ୩୨ । ମଧ୍ୟେ ସଭାୟାଂ ସଭାମଧ୍ୟେ । ୩୩-୩୪ । ଇତି ଶ୍ରୀମଦ୍ଭାଗବତେ ଭାବାର୍ଥଦୀପିକାୟାଂ ଦଶମସ୍କନ୍ଧେ ଅଷ୍ଟଷଷ୍ଟିତମୋଽଧ୍ୟାୟଃ । ୬୮ ।

ଏକୋନସପ୍ତତିତମେ ଗାର୍ହସ୍ଥ୍ୟଂ ଦ୍ରଷ୍ଟୁମାଦରଂ । କୃଷ୍ଣସ୍ୟ ନାରଦୋ ଦୃଷ୍ଟ୍ୱା ବସୁଦେବାତ୍ମଜଂ ତତଃ ସ୍ତୁବନ୍ । ୧ । ଦଦୃଶାମଦ୍ଭୁତସ୍ନେହାତ୍ ତଦ୍ଗତିଂ ; ଦ୍ୱ୍ୟଷ୍ଟସହସ୍ରସ୍ତ୍ରୀବୃନ୍ଦାବନ୍ତୁ ପରିଣୀତବାନ୍ । ୨ । ତାଂ ଦ୍ୱାରବତୀମନୁବର୍ଣ୍ଣୟତି ପୁଷ୍ପିତେତି ସାର୍ଦ୍ଧଦ୍ୱୟେନ । ପୁଷ୍ପିତେଷୁ ଉପବନେଷୁ

ସକଳ ସେନିଲେ । ପୁଣ ଅବର ବଧୂ ରୁଲେ ॥ ନିଜ କୁରୁଙ୍କ ପୂଜା ସେନି । ସ୍ୱପୁରେ ବାହୁଡ଼ିଲେ ପୁଣି । ୫୨ । ତବନ୍ତେ ସମ ନିଜପୁରେ । ପଦୁଷ୍ଟ ଯାଦବ ସଭରେ ॥ ସ୍ୱପ୍ରିୟ ବନ୍ଧୁଙ୍କୁ କହିଲେ । କୌରବେ ଯାହା ଯାହା କଲେ ॥ ତାହାଙ୍କ ସତ ନିଜକୃତ୍ୟ । ଯଦୁଙ୍କ ଆଗେ କଲେ ବ୍ୟକ୍ତ । ୫୩ । ଅଦ୍ୟାପି ଦେଖ ସେହି ପୁର । ବିକ୍ରମ କହେ ରାମଙ୍କର ॥ ଗଙ୍ଗାର ଦକ୍ଷିଣ ପାର୍ଶ୍ୱେ । ଉନ୍ନତ ଭୂମିଭାଗ ଦଶେ । ୫୪ । ହସ୍ତିନା କର୍ଷଣ ବୃତ୍ତାନ୍ତ । ଭଣିଲ ଦାଶ ପରୀକ୍ଷିତ ॥ ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ଅଷ୍ଟଷଷ୍ଟିତମୋଽଧ୍ୟାୟଃ । ୬୮ ।

ଶ୍ରୀଶୁକ ଉବାଚ ।—ଶ୍ରୀକୃଷ୍ଣ ନରକେ ମାଇଲେ । ଏକା ବହୁସ୍ତ୍ରୀ ବିଭାକଲେ ॥ ନାରଦ ସମ୍ବାଦ ପାଇଣ । ଲୀଳା ଦର୍ଶନେ କଲେ ମନ । ୧ । ଏକରୂପରେ ଏକାବେଳେ । ଭିନ୍ନ ଗୃହେ କୁଳବଧୂଙ୍କଲେ ; ଷୋଳ ସହସ୍ର ସ୍ତ୍ରୀଙ୍କରେ । ବିବାହ କଲେ କି ପ୍ରକାରେ । ୨ ।

Digitized by PPRACHIN, SOA

ଦ୍ୱାରକାମଗମତ୍ । ପୁଷ୍ପିତୋପବନାରାମଦ୍ରୁମାଳିକୁଳନାଦିତାଂ । ୩ । ଉତ୍ଫୁଲ୍ଲେନ୍ଦୀବରାମ୍ଭୋଜକହ୍ଲାରକୁମୁଦୋତ୍ପଳୈଃ ଛୁରିତେଷୁ ସରଃସୂଚ୍ଚୈଃ କୂଜିତାଂ ହଂସସାରସୈଃ । ୪ । ପ୍ରାସାଦଲକ୍ଷୈର୍ନବଭିର୍ଜୁଷ୍ଟାଂ ସ୍ଫାଟିକରାଜତୈଃ । ମହାମରକତପ୍ରଖ୍ୟୈଃ ସ୍ୱର୍ଣ୍ଣରତ୍ନପରିଚ୍ଛଦୈଃ । ୫ । ବିଭକ୍ତରଥ୍ୟାପଥଚତ୍ୱରାପଣୈଃ ଶାଳାସଭାଭୀ ରୁଚିରାଂ ସୁରାଳୟୈଃ । ସଂସିକ୍ତମାର୍ଗାଙ୍ଗଣବୀଥିଦେହଳୀଂ ପତତ୍ପତାକଧ୍ୱଜବାରିତାତପାଂ । ୬ । ତସ୍ୟାମନ୍ତଃପୁରଂ ଶ୍ରୀମଦର୍ଚ୍ଚିତଂ ସର୍ବଧିଷ୍ଣ୍ୟପୈଃ । ହରେଃ ସ୍ୱକୌଶଳଂ ଯତ୍ର ତ୍ୱଷ୍ଟ୍ରା କାର୍ତ୍ସ୍ନ୍ୟେନ ଦର୍ଶିତଂ । ୭ । ତତ୍ର ଷୋଡଶଭିଃ ସଦ୍ମସହସ୍ରୈଃ ସମଲଙ୍କୃତଂ । ବିବେଶୈକତମଂ ଶୌରେଃ ପତ୍ନୀନାଂ ଭବନଂ ମହତ୍ । ୮ । ବିଷ୍ଟବ୍ଧଂ ବିଦ୍ରୁମସ୍ତମ୍ଭୈର୍ବୈଦୂର୍ଯ୍ୟଫଲକୋତ୍ତମୈଃ । ଇନ୍ଦ୍ରନୀଳମୟୈଃ କୁଡ୍ୟୈର୍ଜଗତ୍ୟା ଚାହତତ୍ୱିଷା । ୯ । ବିତାନୈର୍ନିର୍ମିତା ତ୍ୱଷ୍ଟ୍ରା ମୁକ୍ତାଦାମବିଲମ୍ବିଭିଃ । ଦାନ୍ତୈରାସନପର୍ଯ୍ୟଙ୍କୈର୍ମଣ୍ୟୁତ୍ତମପରିଷ୍କୃତୈଃ । ୧୦ । ଦାସୀଭିର୍ନିଷ୍କ-

---

ଆରାମେଷୂଦ୍ୟାନେଷୁ ଚ ଦ୍ରୁମାଣାମାଳୀନାଞ୍ଚ କୁଳାନି ତୈର୍ନାଦିତାଂ । ୩ । ଛୁରିତେଷୁ ବ୍ୟାପ୍ତେଷୁ । ୪ । ମହାମାରକତୈଃ ପ୍ରଖ୍ୟାଯନ୍ତେ ପ୍ରକାଶନ୍ତ ଇତି ତଥା ତୈଃ ସ୍ୱର୍ଣ୍ଣରତ୍ନମୟାଃ ପରିଚ୍ଛଦାଃ ପରିକର୍ ଯେଷାଂ ତୈଃ । ୫ । ପତନ୍ତ୍ୟଃ ପ୍ରଚଳନ୍ତ୍ୟଃ ପତାକା ଯେଷୁ ତୈଃ ଧ୍ୱଜୈର୍ବାରିତ ଆତପୋ ଯସ୍ୟାଂ ତାଂ । ୬ । ତସ୍ୟାଂ ଦ୍ୱାରବତ୍ୟାଂ ସର୍ବୈର୍ଧିଷ୍ଣ୍ୟପୈର୍ଲୋକପାଳୈରର୍ଚ୍ଚିତଂ ଷୋଡଶଭିଃ ସଦ୍ମସହସ୍ରୈଃ ସମଲଙ୍କୃତଂ ହରେରନ୍ତଃପୁରଂ ବିବେଶ । ତତ୍ର ଚ ତସ୍ୟ ଶୌରେଃ ପତ୍ନୀନାଂ ଭବନେଷୁ ଏକତମଂ ବିବେଶେତ୍ୟନ୍ୱୟଃ । ଯତ୍ର ଚ ସ୍ୱକୌଶଳଂ ତ୍ୱଷ୍ଟ୍ରା ଦର୍ଶିତମିତ୍ୟନ୍ତଃପୁରଭବନୟୋର୍ବିଶେଷଣଂ । ୭-୮ । ତଦେବ ବର୍ଣ୍ଣୟନ୍ତି ଚତୁର୍ଭିଃ ବିଷ୍ଟବ୍ଧମିତି । ବିଦ୍ରୁମସ୍ତମ୍ଭୈର୍ବିଷ୍ଟବ୍ଧଂ ଧୃତଂ ବୈଦୂର୍ଯ୍ୟମୟାନି ଫଲକୋତ୍ତମାନି

ଏକଥା ବିଚାର ଲାଗିଲା । ଅତି ଉତ୍କଣ୍ଠା ଜନମିଲା ॥ ଦେବର୍ଷି ଦେଖିବା ଇଚ୍ଛାରେ । ମିଳିଲେ ଦ୍ୱାରକା ପୁରେ ॥ ତୋଟା ବଗିଚ୍ଚ ପୁଷ୍ପେ ପୂରେ । ରବନ୍ତି ବିହଙ୍ଗ ଭ୍ରମରେ । ୩ । ଫୁଟି କହ୍ଲାର ଇନ୍ଦୀବରେ । ପଦ୍ମ କୁମୁଦ ଉତ୍ପଳରେ ॥ ପୁଷ୍କରିଣୀଏ ଶୋଭା ପାନ୍ତି । ହଂସ ସାରସେ ରାବୁଛନ୍ତି । ୪ । ନଅଲକ୍ଷ ପ୍ରାସାଦ ସେ ପୁରେ । ସବୁ ନିର୍ମିତ ସ୍ଫଟିକରେ ॥ ସୁବର୍ଣ୍ଣ ରତନେ ବେଷ୍ଟିତ । ଶିଖରେ ମହା ମରକତ । ୫ । ରଥ୍ୟା ଚତ୍ୱର ରାଜପଥ । ବଜାରେ ହୋଇଛନ୍ତି ବିଭକ୍ତ ॥ ସଭା ମଣ୍ଡପ ପଙ୍କ୍ତି ସାର । ଦେବମନ୍ଦିରେ କି ରୁଚିର ॥ ଗଳି ଦେହଳୀ ରାଜପଥ । ସଦା ହୋଇଛି ଜଳ ସିକ୍ତ ॥ ଉଡନ୍ତା ଧ୍ୱଜ ପତାକାରେ । ଖରା ନ ପଡଇ ନଗରେ । ୬ । ତା ମଧ୍ୟେ କୃଷ୍ଣ ଅନ୍ତଃପୁର । ଲୋକପାଳଙ୍କ ମନୋହର ॥ ବିଶ୍ୱକର୍ମାର କାରୁଗରୁ । ଶେଷ କରିଛି ଯାର ଶିଳ୍ପ । ୭ । ଷୋଳ ସହସ୍ର ପୁର ତହିଁ । କୃଷ୍ଣ କାମିନୀ ଥାନ୍ତି ଯହିଁ ॥ ତା ମଧ୍ୟୁ ଗୋଟିଏ ପୁରରେ । ନାରଦ

Digitized by PPRACHIN, SOA

କଣ୍ଠୀଭିଃ ସୁଗାଟପାଭିରଲଂକୃତ । ପୁଂଭିଃ ସକଣ୍ଠ କୋଷ୍ଣୀଷସୁବସ୍ତ୍ରମଣିକୁଣ୍ଡଳୈଃ ।୧। ରତ୍ନପ୍ରଦୀପନିକରଦ୍ୟୁତିଭିର୍ନିରସ୍ତଧ୍ୱାନ୍ତଂ ବିଚିତ୍ରବଲଭୀଷୁ ଶିଖଣ୍ଡିନୋଽଙ୍ଗ । ନୃତ୍ୟନ୍ତି ଯତ୍ର ବିହିତାଗୁରୁଧୂପମକ୍ଷୈର୍ନିର୍ଯାନ୍ତମୀକ୍ଷ୍ୟ ଘନବୁଦ୍ଧୟ ଉନ୍ନଦନ୍ତଃ ।୨। ତସ୍ମିନ୍ ସମାନଗୁଣରୂପବୟଃସୁବେଷଦାସୀସହସ୍ରଯୁତୟାନୁସବଂ ଗୃହିଣ୍ୟା । ବିପ୍ରୋ ଦଦର୍ଶ ଚମରବ୍ୟଜନେନ ରୁକ୍ମବଦଣ୍ଡେନ ସାତ୍ୱତପତିଂ ପରିବୀଜୟନ୍ତ୍ୟା ।୩। ତଂ ସନ୍ନିରୀକ୍ଷ୍ୟ ଭଗବାନ୍ ସହସୋତ୍ଥିତଃ ଶ୍ରୀପର୍ଯ୍ୟଙ୍କତଃ ସକଳଧର୍ମଭୃତାଂ ବରିଷ୍ଠଃ । ଆନମ୍ୟ ପାଦଯୁଗଳଂ ଶିରସା କିରୀଟଜୁଷ୍ଟେନ ପାଞ୍ଜଳିରବୀବିଶଦାସନେ ସ୍ୱେ ।୪। ତସ୍ୟାବନିଜ୍ୟ ଚରଣୌ ତଦପଃ ସ୍ୱମୂର୍ଦ୍ଧ୍ନା ବିଭ୍ରଜ୍ଜଗଦ୍ଗୁରୁତମୋଽପି ସତାଂ ପତିର୍ହି । ବ୍ରହ୍ମଣ୍ୟଦେବ ଇତି ଯଦ୍ଗୁଣନାମ ଯୁକ୍ତଂ ତସ୍ୟୈବ

ଯନ୍ମାତୃଯାଣି ଛଦନାନ୍ତ ଦୈଃ ଇନ୍ଦ୍ରନୀଳମୟୈଃ କୁଡ୍ୟାଦିଭିଶ୍ଚୋପଲକ୍ଷିତଂ ଜଗତ୍ୟା ଭୂମିର୍ଯସ୍ୟା ତ ଇନ୍ଦ୍ରନୀଳମୟ୍ୟା ନ ବିଦ୍ୟା ଦୃଷ୍ଟି ଯସ୍ୟାସ୍ତସ୍ୟା ।୯। ମୁକ୍ତାଦାମ୍ନା ବଲମ୍ବା ବବଧାନ ରମ୍ୟତାନ ବିଦ୍ୟନ୍ତେ ଯେଷୁ ତୈଃ ମଣ୍ୟଭର୍ଣୈଃ ପରସ୍ତୃତୈଃ ଭୂଷିତୈଃ ।୧୦ ୧୧। ଲକ୍ଷ୍ୟ ସମୀକ୍ଷ୍ୟ । ଏତେ ନୋ ମେଘୋଽୟମିତି ବୁଦ୍ଧିର୍ଯେଷାଂ ତେ ।୨। ଅନୁସବଂ ସର୍ବକାଲଂ ଅସ୍ୱନା ସମାନାନ ଗୁଣରୂପବୟାଂସି ସୁବେଶୋଽଲଙ୍କାରଶ୍ଚ ଯସ୍ୟ ତେନ ଦାସୀସହସ୍ରେଣ ଯୁକ୍ତୟା ଗୃହିଣ୍ୟାସହ ।୧୩। ଶ୍ରିୟୋ ରୁକ୍ମିଣ୍ୟାଃ ପର୍ଯ୍ୟଙ୍କତଃ ଅବାବଶତ୍ ଉପବେଶୟାମାସ ।୧୪। ଅବନିଜ୍ୟ ଅଭିତଃ ଦଧାର

ପ୍ରବେଶିଲେ ଧୀରେ ।୮। ଚନ୍ଦ୍ରମ ସ୍ତମ୍ଭମାନ ତହିଁ । ବୈଦୂର୍ଯ୍ୟ କାନ୍ଥ ବର୍ଜିଲ । ଇନ୍ଦ୍ର ନୀଳରେ କାନ୍ଥ ଖଞ୍ଜି । ଜଗତ ଇନ୍ଦ୍ରନୀଳେ ଚୌରି ।୯। ଛଳେ ନହିଁ ଏ ତେଜ ଉଣା । ଚନ୍ଦ୍ରୁଆମାନ ତହିଁ ଠଣା ॥ ମୁକୁତା ହାର ଲମ୍ବା ତହିଁ । ବିଶ୍ୱକର୍ମା ଅଛୁ ଭିଆଇ ॥ ସୁବର୍ଣ୍ଣ ପଲଙ୍କ ଆସନ । ମଣିରେ ହୋଇଛୁ ଗଠନ ।୧୦। ପିନ୍ଧି ଭୂଷଣ ସୁବସନ । ସୁନ୍ଦରୀ ଦାସୀ ଯହିଁ ପୂର୍ଣ୍ଣ ॥ ସୁବସ୍ତ୍ର କଞ୍ଚୁକ ଉଷ୍ଣୀଷ । କୁଣ୍ଡଳ ଏଥିଙ୍କ ବେଶ ।୧୧। ରତ୍ନ ପ୍ରଦୀପ ତେଜ ପୂରେ । ଅନ୍ଧାର ନରହେ ସେଠାରେ ॥ ଅଗୁରୁ ଧୂପ ଧୂମରାଶି । ଗବାକ୍ଷ ମାର୍ଗେ ଯାନ୍ତି ଭାସି ॥ ଶିଖି ବଳଭୀରେ ଥାଇ । ମୟୂରେ ତାକୁ ମେଘ ଧ୍ୟାୟି ॥ ଉଚ୍ଚେ କରନ୍ତି କେକାସ୍ୱନ । ନାଚନ୍ତି ପୁଚ୍ଛ ଟେକି ପୁଣ ।୧୨। ବେଶ ବୟସ ରୂପ ଗୁଣେ । ସମାନ ଦାସୀଙ୍କ ଗହଣେ ॥ କୃଷ୍ଣ ଗୃହିଣୀ ଏକ ତହିଁ । ଚାମର ବ୍ୟଜନେ ବିଞ୍ଚଇ ॥ ସୁବର୍ଣ୍ଣ ବେଣ୍ଟ ହସ୍ତେ ଧରି । କୃଷ୍ଣେ ବିଞ୍ଚଇ ଥିର ହୋଇ ।୧୩। ନାରଦ ଦେଖିଲେ ଏମନ୍ତ । ନାରଦେ ଦେଖି ଯଦୁନାଥ ॥ ସହସା ରୁକ୍ମିଣୀ ପଲଙ୍କ । ତେଜି ଉଠିଲେ ସେ ଧାର୍ମିକ ॥ କିରୀଟମଣ୍ଡିତ ଶିର ନେଇ । ନାରଦ ଚରଣେ ଲଗାଇ ॥ ଅଞ୍ଜଳି ପୂର୍ବେ ପ୍ରଣମିଲେ । ନିଜ ଆସନେ ବସାଇଲେ ।୧୪। ବେନି ଚରଣ ଧୋଇ ଦେଲେ । ମସ୍ତକେ ଜଳ ସିଞ୍ଚିଦେଲେ ।

ଯଚ୍ଚରଣଶୌଚମଶେଷତୀର୍ଥଂ ।୧୪। ସମ୍ପୂଜ୍ୟ ଦେବମୃଷିବର୍ଯ୍ୟମୃଷିଃ ପୁରାଣୋ ନାରାୟଣୋ ନରସଖୋ ବିଧିନୋଦିତେନ । ବାଣ୍ୟାଭିଭାଷ୍ୟ ମିତୟାମୃତମିଷ୍ଟୟା ତଂ ପ୍ରାହ ହେ ଭୋ ଭଗବତେ କରବାମ ହେ କିଂ ।୧୬। ଶ୍ରୀ ନାରଦ ଉବାଚ ।—ନୈବାଦ୍ଭୁତଂ ତ୍ୱୟି ବିଭୋଽଖିଳଲୋକନାଥେ ମୈତ୍ରୀ ଜନେଷୁ ସକଲେଷୁ ଦମଃ ଖଳାନାଂ । ନିଃଶ୍ରେୟସାୟ ହି ଜଗତ୍‌ସ୍ଥିତିରକ୍ଷଣାଭ୍ୟାଂ ସ୍ୱୈରାବତାର ଉରୁଗାୟ ବିଦାମ ସୁଷ୍ଠୁ ।୧୭। ଦୃଷ୍ଟଂ ତବାଙ୍ଘ୍ରିଯୁଗଳଂ ଜନତାପବର୍ଗଂ ବ୍ରହ୍ମାଦିଭିର୍ହୃଦି ବିଚିନ୍ତ୍ୟମଗାଧବୋଧୈଃ । ସଂସାରକୂପପତିତୋତ୍ତରଣାବଲମ୍ବଂ ଧ୍ୟାୟଂଶ୍ଚରାମ୍ୟନୁଗୃହାଣ ଯଥା

ଇତ୍ୟର୍ଥଃ ବିଭ୍ରାଜନ୍ତ ଶବଳଂ ବା ତଦା ସମ୍ପୂଜ୍ୟ ଅଭିଭାଷ୍ୟ ଚ ପ୍ରାହେତ୍ୟୁତ୍ତରେଣାନ୍ୱୟଃ । ତମ୍ପୂତଃ ଯସ୍ୟ ଚରଣଶୌଚଂ ଗଙ୍ଗା ଅଶେଷତୀର୍ଥଂ ଦଃ ଅତଏବ ଜଗଦ୍‌ଗୁରୁତମୋଽପି ସତାଂ ଧର୍ମବ୍ରତାଂ ସଚ୍ଛାଦେବମକରୋଦିତ୍ୟର୍ଥଃ । ସତାଂ ସତ୍ତ୍ୱେ ହେତୁଃ । ବ୍ରହ୍ମଣ୍ୟଦେବ ଇତି ଯଦ୍ଧୂଣ୍କ୍ତଂ ନାମ ତମେବ ଯତୋ ଯୁକ୍ତଂ ସମଞ୍ଜସଂ ଅତଃ ଧର୍ମପ୍ରବର୍ତ୍ତନାୟ ଏବମାଚରଣମିତ୍ୟର୍ଥଃ ।୧୫। ଅଭିଭାଷ୍ୟ ଦର୍ଶୟାନ୍ ତ୍ୱଦାଗମନମିତ୍ୟାଦି ମିତ୍ୟ-ମୃଷ୍ଟ୍ୟା ।୧୬। ଭଗବତା ସ୍ୱୟଂ ... ମନ୍ୟମାନସ୍ତସ୍ମାଦସ୍ମାତ୍ କୈବେତ; ସର୍ବନିବ୍ଧାଦେବମର୍ଦ୍ଦଣଂ ନ ତୁ ମମ ଗୌରବାତ୍ । ତର୍ହି କଥଂ କଂ ସାଦର ଅମୈତ୍ରୀ ତବାହ ଖଳାନାଂ ଦମଶ୍ଚ ନୈବାଦ୍ଭୁତମିତି । ଯତଃ ଜଗତଃ ସ୍ଥିତିର୍ଧାରଣଂ ପାଳନଂ ରକ୍ଷଣଞ୍ଚ ତାଭ୍ୟାଂ ସହ ତସ୍ୟ ନିଃଶ୍ରେୟସାୟ ତବାୟଂ ସ୍ୱେଚ୍ଛାବତାର ଇତି ବାୟଂ ସୁଷ୍ଠୁ ସମ୍ୟକ୍ ବିଦ୍ମଃ । ଅତଃ ଖଳଦମନଂ ସାଧୁ ସମ୍ମାନନଞ୍ଚ ଯୁକ୍ତମିତି ଭାବଃ ।୧୭। ଯଦୁକ୍ତଂ ପ୍ରବେ କିଂ

ଯାହାର ପାଦ ଧୌତ ଗଙ୍ଗାନୀର । ସକଳ ତୀର୍ଥ ମଧ୍ୟେ ସାର ॥ ସେ ଜଗଦ୍‌ଗୁରୁ ସାଧୁପତି । ହେଲେହେଁ ଯାହା ଲୋକ ନୀତି ॥ ତାହା ସେ ଭଲେ ଆଚରଣ । ବ୍ରହ୍ମଣ୍ୟ ଦେବ ଏହୁ ନାମ ॥ ଅଧିକେ ସାର୍ଥକ ଯେ କଲେ । ବ୍ରାହ୍ମଣ ଦେବଙ୍କେ ପୂଜିଲେ ।୧୫। ପୁରାଣ ଋଷି ନାରାୟଣ । ନର ସ୍ୱରୂପେ ହୋଇ ଜନ୍ମ ॥ ମାନବ ପୂଜା ବିଧି ଯେତେ । ଦେବ ଋଷିଙ୍କୁ ପୂଜା କଲେ ॥ ମଧୁରେ ଅଳପ ବଚନେ । ନାରଦେ ସମ୍ଭାଷି ବହନେ ॥ କହିଲେ ତୁମ୍ଭର ମୁଁ କସ । କହିବ ହେ ଋଷି ଆଦେଶ ।୧୬। ଶ୍ରୀନାରଦ ଉବାଚ ।—ତୁମ୍ଭେ ଅଖିଳ ଲୋକନାଥ । ତେଣୁ ସକଳେ ସ୍ନେହି ॥ ଦୁଷ୍ଟଦମନ ଯାହା କର । ଶବ୍ଦ ପଣେ ତା ନ ଆଚର ॥ ତୁମ୍ଭେ ତ ବାନ୍ଧବ ତୁମ୍ଭପାଇଁ । ଅଦ୍ଭୁତ କର୍ମ କହୁନାହିଁ ॥ ଜଗତ ଧାରଣ ପାଳନେ । ଅବତରନ୍ତ ଏ ଭୁବନେ ॥ ତୁମ୍ଭର ଏଥି ଶ୍ରେୟ ନାହିଁ । ଭଲେ ମୁଁ ଜାଣେ ଯଦୁସାଇଁ ।୧୭। ବ୍ରହ୍ମାଦି ଯୋଗୀ ମହାତ୍ମାମା । ହୋଇ ଚିନ୍ତନ୍ତି ପାଲୁ ପୁଣି ॥ ସଂସାର କୂପେ ନିପତିତ । ନରର ଉଦ୍ଧାରେ ଯେ ନିତ୍ୟ ॥ ଅବଲମ୍ବନ ବୋଲି ଖ୍ୟାତ । ସେ କରେ ଜନଙ୍କୁ ମୁକତ ॥ ତୁମ୍ଭର ସେହି ପାଦ

Digitized by PPRACHIN, SOA

ମ୍ନ ତଃ ସ୍ୟାତ୍ ।୧୮। ତତୋଽନ୍ୟଦାବସଥନ୍ଦୃଷ୍ଟ୍ବା କୃଷ୍ଣପତ୍ନ୍ୟାଃ ସ ନାରଦଃ । ଯୋଗେଶ୍ୱରେଶ୍ୱରସ୍ୟାଙ୍ଗ ଯୋଗମାୟା ବିବିତ୍ସୟା ।୧୯। ଦୀବ୍ୟନ୍ତଂ ଅକ୍ଷୈସ୍ତତ୍ରାପି ପ୍ରିୟୟା ଚୋଦ୍ଧବେନ ଚ । ପୂଜିତଃ ପରୟା ଭକ୍ତ୍ୟା ପ୍ରତ୍ୟୁତ୍ଥାନାସନାଦିଭିଃ ।୨୦। ପୃଷ୍ଟଶ୍ଚାବିଦୁଷେବାସୌ କଦାୟାତୋ ଭବାନିତି । କ୍ରିୟତେ କିନ୍ନୁ ପୂର୍ଣ୍ଣାନାମପୂର୍ଣ୍ଣୈରସ୍ମଦାଦିଭିଃ ।୨୧। ଅଥାପି ବ୍ରୂହି ନୋ ବ୍ରହ୍ମନ୍ ଜନ୍ମୈତଚ୍ଛୋଭନଂ କୁରୁ । ସ ତୁ ବିସ୍ମିତ ଉତ୍ଥାୟ ତୂଷ୍ଣୀମନ୍ୟଦଗାଦ୍ଗୃହମ୍ ।୨୨। ତତ୍ରାପ୍ୟଚଷ୍ଟ ଗୋବିନ୍ଦଂ ଲାଳୟନ୍ତଂ ସୁତାନ୍ ଶିଶୂନ୍ । ତତୋଽନ୍ୟସ୍ମିନ୍ ଗୃହେଽପଶ୍ୟନ୍ମଜ୍ଜନାୟ କୃତୋଦ୍ୟମଂ ।୨୩। ଜୁହ୍ୱନ୍ତଞ୍ଚ ବିତାନାଗ୍ନୀନ୍ ଯଜନ୍ତଂ ପଞ୍ଚଭିର୍ମଖୈଃ । ଭୋଜୟନ୍ତଂ ଦ୍ୱିଜାନ୍ କ୍ୱାପି ଭୁଞ୍ଜାନମବଶେଷିତଂ ।୨୪। କ୍ୱାପି ସନ୍ଧ୍ୟାମୁପାସୀନଂ ଜପନ୍ତଂ ବ୍ରହ୍ମ ବାଗ୍ୟତଃ । ଏକତ୍ର ଚାସିଚର୍ମ୍ମାଭ୍ୟାଂ ଚରନ୍ତମସିବର୍ତ୍ମସୁ ।୨୫। ଅଶ୍ୱୈର୍ଗଜୈରଥୈଃ କ୍ୱାପି ବିଚରନ୍ତଂ ଗଦାଗ୍ରଜଂ । କ୍ୱଚିଚ୍ଛୟାନଂ ପର୍ଯ୍ୟଙ୍କେ ସ୍ତୂୟମାନଞ୍ଚ ବନ୍ଦିଭିଃ

କରବାମେତି ତଦୋକ୍ତ ଦୃଷ୍ଟମିତି ଭକ୍ତଜନତାୟା ଅପବର୍ଗରୂପଂ କିଞ୍ଚ ଅତିଦୁର୍ଲଭତୟା ବ୍ରହ୍ମାଦିଭିର୍ଯୋଗେଶ୍ୱରୈରପି ହୃଦି ଚିନ୍ତ୍ୟଂ କିଞ୍ଚ ସଂସାରକୂପେ ପତିତାନାଂ ଉଦ୍ଧରଣାୟ ଅବଲମ୍ବଂ ଆଶ୍ରୟଂ ଏବମ୍ଭୂତଂ ତବାଙ୍ଘ୍ରିଯୁଗଳଂ ମୟା ଦୃଷ୍ଟଂ ଅତଃ କୃତକୃତ୍ୟୋଽସ୍ମି । ତଥାପି ତ୍ୱତ୍ସ୍ମୃତିର୍ଯଥା ସ୍ୟାତ୍ ତଥାନୁଗୃହାଣ । ତତସ୍ତ୍ୱଦ୍ୟାତ୍ରୈବ ନତ୍ୟଂ ଚରାମୀତି ।୧୮-୧୯। ଅଷ୍ଟୈର୍ଦୀବ୍ୟନ୍ତମିତ୍ୟାଦୌ ଦଦର୍ଶେତି ଜ୍ଞାତବ୍ୟଂ ।୨୦-୨୩। ବିତାନାଗ୍ନୀନ୍

ଯୁଗ । ଅକ ଦେଖିଲି ମହାଭାଗ ॥ ଏତିକି ଅନୁଗ୍ରହ କର । ସେ ପାଦ ହୃଦେ ରହୁ ମୋର ।୧୮। ଅପର କୃଷ୍ଣନାରୀ ଗୃହେ । ତହୁଁ ଚଳିଲେ ଏତି ସ୍ନେହେ ॥ ଯୋଗେଶ ଶ୍ରୀହରିଙ୍କ ଅଂଶ । ହେଲେହେଁ ନାରଦ ଯୋଗୀଶ ॥ ଯୋଗମାୟାର କର୍ମମତି । ଜାଣିବା ପାଇଁ ସେ ଚଳନ୍ତି ।୧୯। ତହିଁ ଦେଖିଲେ ଭାର୍ଯ୍ୟା ତୁଲେ । ଉଦ୍ଧବେ ଦେନି କୁତୁହଳେ ॥ ପଶା ଖେଳନ୍ତି ନରହରି । ନାରଦେ ଗୃହେ ଭକ୍ତି କରି ॥ ଆସନ ଦେଇ ପୂଜା କଲେ ।୨୦। ଅଜଣା ପରି ପଚାରିଲେ । କେବେ ଆସିଲ ହେ ଏଠାକୁ ॥ ତୁମ୍ଭେ ଜଣିଛ କାମନାକୁ । ଆମ୍ଭେ ଧକାମ ହୀନ ନର ॥ କିସ ବା କରିବୁଁ ତୁମ୍ଭର ।୨୧। ତଥାପି କହ କି କାରଣ । କୃତାର୍ଥ ହେଉ ଏ ଜନମ ॥ ନାରଦ ବିସ୍ମୟେ ଉଠିଲେ । ଅନ୍ୟ ପୁରକୁ ଧୀରେ ଗଲେ ।୨୨। ତହିଁ ଦେଖିଲେ ସାନ ସାନ । ପୁଅଙ୍କୁ ଖେଳାନ୍ତି ମୋହନ ॥ ତଦନ୍ତେ ଅନ୍ୟପୁରେ ଯାଇ । ଦେଖିଲେ ଯାଉଛନ୍ତି ଗାଧୋଇ ।୨୩। କାହିଁ ବା ବିତାନ ଅଗ୍ନିରେ । ହୋମ କରନ୍ତି ବିଧାନରେ ॥ କାହିଁ ବା ପଞ୍ଚ ଯଜ୍ଞ କରି । ବସିଅଛନ୍ତି ନରହରି । କାହିଁ ବା ବ୍ରାହ୍ମଣେ ଭୁଞ୍ଜାନ୍ତି ॥ କାହିଁ ବା ନିଜେ ଭୁଞ୍ଜୁଛନ୍ତି ।୨୪। କାହିଁ ବା ସନ୍ଧ୍ୟା ଆଚରନ୍ତି । ମୁଖେ ବ୍ରହ୍ମ ସୁମରନ୍ତି ॥ କାହିଁ ବା ଢାଲ ଖଣ୍ଡା ଧରି । କ୍ରୀଡ଼ା କରନ୍ତି

Digitized by PPRACHIN, SOA

। ୨୬ । ମନ୍ତ୍ରୟନ୍ତଞ୍ଚ କସ୍ମିଂଶ୍ଚିନ୍ମନ୍ତ୍ରିଭିଶ୍ଚୋଦ୍ଧବାଦିଭିଃ । ଜଳକ୍ରୀଡ଼ାରତଂ କ୍ୱାପି ବାରମୁଖ୍ୟାବଳାବୃତଂ । ୨୭ । କୁତ୍ରଚଦ୍ଦ୍ୱିଜମୁଖ୍ୟେଭ୍ୟୋ ଦଦତଂ ଗାଃ ସ୍ୱଲଙ୍କୃତାଃ । ଇତିହାସପୁରାଣାନି ଶୃଣ୍ୱନ୍ତଂ ମଙ୍ଗଳାନି ଚ । ୨୮ । ହସନ୍ତଂ ହାସ୍ୟକଥୟା କଦାଚିତ୍ ପ୍ରିୟୟା ଗୃହେ । କ୍ୱାପି ଧର୍ମଂ ସେବମାନମର୍ଥକାମୌ ଚ କୁତ୍ରଚିତ୍ । ୨୯ । ଧ୍ୟାୟନ୍ତମେକମାସୀନଂ ପୁରୁଷଂ ପ୍ରକୃତେଃ ପରଂ । ଶୁଶ୍ରୂଷନ୍ତଂ ଗୁରୂନ୍ କ୍ୱାପି କାମୈର୍ଭୋଗୈଃ ସପର୍ଯ୍ୟୟା । ୩୦ । କୁର୍ବନ୍ତଂ ବିଗ୍ରହଂ କୈଶ୍ଚିତ୍ସନ୍ଧିଞ୍ଚାନ୍ୟତ୍ର କେଶବଂ । କୁତ୍ରାପି ସହ ରାମେଣ ଚିନ୍ତୟନ୍ତଂ ସତାଂ ଶିବଂ । ୩୧ । ପୁତ୍ରାଣାଂ ଦୁହିତୄଣାଞ୍ଚ କାଲେ ବିଧ୍ୟୁପଯାପନଂ । ଦାରୈର୍ବରୈସ୍ତତ୍ସଦୃଶୈଃ କଲ୍ପୟନ୍ତଂ ବିଭୂତିଭିଃ । ୩୨ । ପ୍ରସ୍ଥାପନୋପାନୟନୈରପତ୍ୟାନାଂ ମହୋତ୍ସବାନ୍ । ଦୃଷ୍ଟ୍ୱା ଯୋଗେଶ୍ୱରେଶସ୍ୟ ଯେଷାଂ ଲୋକା ବିସିସ୍ମିରେ । ୩୩ । ଯଜନ୍ତଂ ସକଳାନ୍ ଦେବାନ୍ କ୍ୱାପି କ୍ରତୁଭିରୂର୍ଜିତୈଃ । ପୂର୍ତ୍ତୟନ୍ତଂ କ୍ୱଚିଦ୍ଧର୍ମଂ କୂପାରାମମଠାଦିଭିଃ । ୩୪ ।

ଅହବନୀୟାଦୀନ୍ ଅଗ୍ନିହୋତ୍ରେଣ ପଞ୍ଚଧର୍ମଣୈଃ ମହାଯଜ୍ଞୈ ର୍ଯଜନ୍ତଂ । ୨୪-୩୧ । କାଲେ ତତ୍ତତ୍ସମୟେ ବିଧିନା ଉପଯାପନଂ ପ୍ରାପଣଂ ବିବାହମିତ୍ୟର୍ଥଃ । କଲ୍ପୟନ୍ତଂ ଘଟୟନ୍ତ ବିଭୂତିଭି ର୍ବିଭବୈଃ । ୩୨ । ପ୍ରସ୍ଥାପନଂ ଦୁହିତୃଣାମାବାହନାଂ ସ୍ୱଗୃହାଭିଭିଦ୍ଧ୍ୱଂ ସତନୟନଂ । ଉପାନୟନଂ ତତ୍ତଦ୍ଗୃହାତ୍ ପୁନରାନୟନଂ ତୈଃ ମହୋତ୍ସବାନ୍ କଲ୍ପୟନ୍ତଂ ଯୋଗେଶ୍ୱରସ୍ୟ ତେଷାମପତ୍ୟାନାଂ ମହୋତ୍ସବାନ୍ ଦୃଷ୍ଟ୍ୱା ଲୋକାଃ ସର୍ବେ ବିସିସ୍ମିରେ

ଜରହର । ୨୫ । କାହିଁ ବା ଅଶ୍ୱରେ ଗଜରେ । କାହିଁ ବା ଭ୍ରମନ୍ତି ରଥରେ ॥ କାହିଁ ପଲଙ୍କେ ଶୋଇଛନ୍ତି । ଶୁଣନ୍ତି ବନ୍ଦୀଙ୍କର ସ୍ତୁତି । ୨୬ । ଉଦ୍ଧବ ଆଦି ମନ୍ତ୍ରୀ ନେଇ । ମନ୍ତ୍ରଣା କରନ୍ତି ବା କାହିଁ ॥ ବେଶ୍ୟା ମାନଙ୍କ ସଙ୍ଗେ କାହିଁ । ଜଳେ କ୍ରୀଡ଼ନ୍ତି ଯଦୁସାଇଁ । ୨୭ । କାହିଁ ମଣ୍ଡିତ ଗୋରୁ ଗଣ । ବିପ୍ରଙ୍କୁ କରୁଛନ୍ତି ଦାନ ॥ କାହିଁ ଉତ୍ତମ ଇତିହାସ । ପୁରାଣ ଶୁଣନ୍ତି ରମେଶ । ୨୮ । କାହିଁ ବା ପ୍ରିୟାର ସହିତେ । ହାସ୍ୟେ ମାତନ୍ତି ପ୍ରୀତ ଚିତ୍ତେ ॥ କାହିଁ ସେବନ୍ତି ଅର୍ଥ କାମ । କାହିଁ ସେବନ୍ତି ଅବା ଧର୍ମ । ୨୯ । ପ୍ରକୃତି ପର ପୁରୁଷରେ । କାହିଁ ଚିନ୍ତନ୍ତି ଆସନରେ ॥ କାହିଁ ବା କାମ୍ୟ ଭୋଗ୍ୟ ଦ୍ରବ୍ୟେ । ଗୁରୁ ସେବନ୍ତି ଭକ୍ତ ଭାବେ । ୩୦ । କାହିଁ ବା ବଳ କରୁଛନ୍ତି । କାହିଁ ବା କଳି ଭାଙ୍ଗି ଯାନ୍ତି ॥ କାହିଁ ବା ରାମେ ହୋଇ ମେଳ । ଚିନ୍ତନ୍ତି ସାଧୁଙ୍କ ମଙ୍ଗଳ । ୩୧ । କାହିଁ ବା ପୁତ୍ର କନ୍ୟାଙ୍କର । ବିବାହ କାଳ କରନ୍ତି ସ୍ଥିର ॥ ତାହାଙ୍କ ତୁଲ୍ୟ କନ୍ୟା ବର । ଘଟନା କରନ୍ତି ଶ୍ରୀଧର । ୩୨ । କନ୍ୟା ସହିତେ ଜାମାତାରେ । ବିଦାୟ ଦେବା ଆଣିବାରେ ॥ ସଦା କୃଷ୍ଣଙ୍କ ମହୋତ୍ସବ । ଦେଖି ବିସ୍ମିତ ଜନବର୍ଗ । ୩୩ । କାହିଁ ବା ମହାଯଜ୍ଞ କରି । ଦେବଙ୍କୁ ପୂଜନ୍ତି ଶ୍ରୀହରି ॥ କାହିଁ ବା କୂପ ତୋଟା ମଠ । ସ୍ଥାପି ଶିଖାନ୍ତି ଧର୍ମ ବାଟ

Digitized by PPRACHIN, SOA

ଚରନ୍ତଂ ମୃଗୟାଂ କ୍ୱାପି ହୟମାରୁହ୍ୟ ସୈନ୍ଧବଂ । ଘ୍ନନ୍ତଂ ତତ୍ର ପଶୂନ୍ ମେଧ୍ୟାନ୍ ପରୀତଂ ଯଦୁପୁଙ୍ଗବୈଃ । ୩୫ । ଅବ୍ୟକ୍ତଲିଙ୍ଗଂ ପ୍ରକୃତିଷ୍ୱନ୍ତଃପୁର-ଗୃହାଦିଷୁ । କ୍ୱଚିଚ୍ଚରନ୍ତଂ ଯୋଗେଶଂ ତତ୍ତଦ୍ଭାବବୁଭୁତ୍ସୟା । ୩୬ । ଅଥୋବାଚ ହୃଷୀକେଶଂ ନାରଦଃ ପ୍ରହସନ୍ନିବ । ଯୋଗମାୟୋଦୟଂ ବୀକ୍ଷ୍ୟ ମାନୁଷୀମୀୟୁଷୋ ଗତିଂ । ୩୭ । ବିଦାମ ଯୋଗମାୟାସ୍ତେ ଦୁର୍ଦ୍ଦର୍ଶା ଅପି ମାୟିନାଂ । ଯୋଗେଶ୍ୱରାତ୍ମନ୍ ନିର୍ଭାତା ଭବତ୍ପାଦନିଷେବୟା । ୩୮ । ଅନୁଜାନୀହି ମାଂ ଦେବ ଲୋକାଂସ୍ତେ ଯଶସାପ୍ଲୁତାନ୍ । ପର୍ଯ୍ୟଟାମି ତବୋଦ୍ଗାୟନ୍ ଲୀଲା ଭୁବନପାବନୀଃ । ୩୯ । ଶ୍ରୀ ଭଗବାନୁବାଚ ।—ବ୍ରହ୍ମନ୍ ଧର୍ମସ୍ୟ ବକ୍ତାହଂ କର୍ତ୍ତା ତଦନୁମୋଦିତା । ତଚ୍ଛିକ୍ଷୟନ୍ ଲୋକମିମମାସ୍ଥିତଃ ପୁତ୍ର ମା ଖିଦଃ । ୪୦ । ଶ୍ରୀଶୁକ ଉବାଚ ।—ଇତ୍ୟାଚରନ୍ତଂ ସଦ୍ଧର୍ମାନ୍ ପାବନାନ୍ ଗୃହମେଧିନାଂ । ତମେବ ସର୍ବଗେହେଷୁ ସନ୍ତମେକଂ ଦଦର୍ଶ ହ । ୪୧ । କୃଷ୍ଣସ୍ୟାନନ୍ତବୀର୍ଯ୍ୟସ୍ୟ ଯୋଗମାୟାମହୋଦୟଂ । ମୁହୁର୍ଦୃଷ୍ଟ୍ୱା

ବିସ୍ମୟଂ ଚକ୍ରୁଃ । ତଥାଭୂତାନ୍ କଲ୍ପୟନ୍ତଂ । ୩୩-୩୫ । ଅବ୍ୟକ୍ତଲିଙ୍ଗଂ ବେଶାନ୍ତରେଣ ଛନ୍ନଂ । ୩୬-୩୭ । ହେ ଯୋଗେଶ୍ୱର ଆତ୍ମନ୍ ଆତ୍ମନ ମମ ମନସି ତବ ସ୍ୱରୂପେ ବା ନିର୍ଭାତାଃ ପ୍ରଥତାସ୍ତବ ଯୋଗମାୟାଃ କେବଲଂ ବିଦାମ ବିଦ୍ମଃ ନ ତୁ ତତ୍ର ପରମାର୍ଥମିତି ଭାବଃ । ୩୮ । ତ୍ୱନ୍ମାନୁଷ୍ୟ-ନାଟ୍ୟେନ ମୁହ୍ୟନ୍ତି ଅତୋନାଂ ପ୍ରସ୍ଥାପୟେତ୍ୟାହ ଅନୁଜାନୀହୀତି । ୩୯ । ତତ୍ର ଉତ୍ପ୍ରେକ୍ଷ୍ୟୋକ୍ତଂ ଶିକ୍ଷୟନ୍ ଇମଂ ଧର୍ମମାସ୍ଥିତୋ ନତୁ ତଦ୍ବଦ୍ଧଃ । ହେ ପୁତ୍ର ମାଖିଦଃ ମୋହଂ ମାପ୍ରାପ୍ନୁହୀତି । ୪୦ । ଇତି ଏବମନୁଗୃହୀତସ୍ତମେକମେବ ସନ୍ତଂ ଦଦର୍ଶେତି । ୪୧ । ମୁହୁର୍ମୁହୁର୍ଦୃଷ୍ଟ୍ୱା କାତକୌତୁକୋ

। ୩୪ । କାହିଁ ସୈନ୍ଧବ ଅଶ୍ୱେ ଚଢ଼ି । ମୃଗୟା ପାଇଁ ଯାନ୍ତ ଉଢ଼ି । କେତି ଅଛନ୍ତ ଯଦୁବୀରେ । ମୃଗ ମାରନ୍ତ ଯେ ବନରେ । ୩୫ । ସଭିଙ୍କ ଭାବ ଜାଣିବାକୁ । ଗୋପନ କରି ଶରୀରକୁ । ପ୍ରକୃତି ମଧ୍ୟେ ଅନ୍ତଃପୁରେ । ଯୋଗେଶ ଭ୍ରମନ୍ତ ମାୟାରେ । ୩୬ । ମନୁଷ୍ୟ ଶରୀରେ ଶ୍ରୀପତି । ଯୋଗମାୟା ଯୁ ପ୍ରକାଶନ୍ତ । ଦେଖି ନାରଦ ହୃଷୀକେଶେ । ହସି କହନ୍ତ ଅତି ତୋଷେ । ୩୭ । ଗୁ ଆମ୍ଭ ଯୋଗେଶ୍ୱରଙ୍କର । ତୋପାଦ ସେବାରୁ ମୋହର । ମାୟାବିମାନଙ୍କୁ ଅଜଣା । ତୋ ଯୋଗମାୟା ହେଲା ଜଣା । ୩୮ । ଏବେ ବିଦାୟ ଦିଅ ମୋତେ । ତୋ ଯଶ ପୂର୍ଣ୍ଣ ଏ ଜଗତେ । ଭ୍ରମିବି; ଭୁବନ ପାବନୀ । ତୋ ଲୀଳା ଗାଇ ପୁଣିପୁଣି । ୩୯ । ଶ୍ରୀ ଭଗବାନୁବାଚ ।—ମୁଁ ଧର୍ମ ବକ୍ତା ଧର୍ମ କର୍ତ୍ତା । ଧର୍ମର ମୁଁ ଅନୁମୋଦିତା । ଶିଖାଇବାକୁ ଲୋକେ ଧର୍ମ । ମାନବେ ହୋଇଛି ମୁଁ ଜନ୍ମ । ହେ ପୁତ୍ର ଅନ୍ତର୍ଯ୍ୟ ନମଣ । ନାହିଁ ତ ମୋହର କାରଣ । ୪୦ । ଶ୍ରୀ ଶୁକ ଉବାଚ ।—ପବିତ୍ର ଗୃହଧର୍ମପଥ । ଏରୂପେ ଆଚରି ସନ୍ତତ । ପ୍ରତି ଗୃହରେ ବିରାଜନ୍ତ । ଏକ ସେ ସର୍ବ ଦଶନ୍ତି । ନାରଦ ଏମନ୍ତ ଦେଖିଲେ ।-

ଋଷିମରୁକିସ୍ମିତୋ ଜାତକୌତୁକଃ । ୪୨ । ଇତ୍ୟର୍ଥକାମଧର୍ମେଷୁ କୃଷ୍ଣେନ ଶ୍ରଦ୍ଧିତାତ୍ମନା । ସମ୍ୟକ୍ ସଭାଜିତଃ ପ୍ରୀତସ୍ତମେବାନୁସ୍ମରନ୍ ଯଯୌ ।୪୩। ଏବଂ ମନୁଷ୍ୟପଦବୀମନୁବର୍ତ୍ତମାନୋ ନାରାୟଣୋଽଖିଲଭବାୟ ଗୃହୀତଶକ୍ତିଃ । ରେମେଽଙ୍ଗ ଷୋଡଶସହସ୍ରବରାଙ୍ଗନାନାଂ ସବ୍ରୀଡସୌହୃଦନିରୀକ୍ଷଣହାସଜୁଷ୍ଟଃ ।୪୪। ଯାନୀହ ବିଶ୍ୱବିଲୟୋଦ୍ଭବବୃତ୍ତିହେତୁଃ କର୍ମାଣ୍ୟନନ୍ୟବିଷୟାଣି ହରିଶ୍ଚକାର । ଯସ୍ତ୍ୱଙ୍ଗ ଗାୟତି ଶୃଣୋତ୍ୟନୁମୋଦତେ ବା ଭକ୍ତିର୍ଭବେଦ୍ଭଗବତି ହ୍ୟପବର୍ଗମାର୍ଗେ । ୪୫ । ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମସ୍କନ୍ଧେ କୃଷ୍ଣଗାର୍ହସ୍ଥ୍ୟଦର୍ଶନଂ ନାମ ଏକୋନସପ୍ତତିତମୋଽଧ୍ୟାୟଃ । ୬୯ ।

ମୁନିର୍ବିସ୍ମିତୋଽଭୂଦତ । ୪୨ । ଚରିତୈଃ ଶ୍ରବଣ୍ଯା ଯୁକ୍ତ ଅସ୍ୟା ଯସ୍ୟ ତେନ । ୪୩ । ନାରଦଦୃଷ୍ଟାଂ ଶ୍ରୀକୃଷ୍ଣଲୀଲାଂ ନିଗମୟତି ଏବମିତି । ଅଖିଲସ୍ୟ ଭବାୟ ଉଦ୍ଭବାୟ ଗୃହୀତାଃ ଶକ୍ତୟୋ ନାନାମୂର୍ତ୍ତୟୋ ଯେନ ସଃ ସବ୍ରୀଡଞ୍ଚ ତତ୍ସୌହୃଦଞ୍ଚ ତେନ ନିରୀକ୍ଷଣଂ ହାସଶ୍ଚ ତାଭ୍ୟାଂ ଜୁଷ୍ଟଃ । ୪୪ । ଅନନ୍ୟବିଷୟାଣି ଅସାଧାରଣାନି ଅପବର୍ଗମାର୍ଗେ ମୋକ୍ଷହେତୌ । ୪୫ । ଇତି ଶ୍ରୀମଦ୍ଭାଗବତେ ଭାବାର୍ଥଦୀପିକାୟାଂ ଦଶମସ୍କନ୍ଧେ ଏକୋନସପ୍ତତିତମୋଽଧ୍ୟାୟଃ । ୬୯ ।

ଅତ୍ୟନ୍ତ ବିସ୍ମିତ ହୋଇଲେ । ୪୧ । ଅନନ୍ତ ଶକ୍ତି କୃଷ୍ଣଙ୍କର । ଏ ଯୋଗ ମାୟାର ବେଭାର ॥ ନାରଦ ଦେଖି ପୁଣ ପୁଣ । କୌତୁକ ପୂର୍ଣ୍ଣ ହେଲା ମନ । ୪୨ । ଏରୂପେ ଅର୍ଥ କାମ ଧର୍ମେ । କୃଷ୍ଣଙ୍କ ଛବା ଦେଖି କ୍ରମେ ॥ ଅନନ୍ଦେ କୃଷ୍ଣପୂଜା ସେନି । ହୃଦ ସୁମରି ଗଲେ ମୁନି । ୪୩ । ଈଶ୍ୱର ମଙ୍ଗଳ ନିମିତ୍ତ । ମାୟା ଅବୋଧ ଲକ୍ଷ୍ମୀନାଥ ॥ ମନୁଷ୍ୟ ପରି ଆଚରନ୍ତି । ଷୋଡଶ ସହସ୍ର ଯୁବତି ॥ ଲଜ୍ଜ ପ୍ରେମ ନିରୀକ୍ଷଣ । ହାସେ ରସାନ୍ତ ତାଙ୍କ ମନ ॥ ରମନ୍ତି ସୁନ୍ଦରୀଙ୍କ ତୁଲେ । ମନୁଷ୍ୟଭାବେ କୁତୁହଳେ । ୪୪ । ଏ ବିଶ୍ୱ ସୃଷ୍ଟି ସଂହରଣ । ପାଳନ ଯାହାଙ୍କ ଭୂଷଣ ॥ ସେ ହରି ଯେ ଆଶ୍ଚର୍ଯ୍ୟ କର୍ମ । କଲେ ବର୍ଣ୍ଣଣ ନର ଜନ୍ମ ॥ ହେ ରାଜା ଯେ ଏହା ଶୁଣଇ । ଗାଅଇ ବିଶ୍ୱାସ କରଇ ॥ ତହୁଁ ମୁକତି ପାଇଁ ହରି । ଭକତି ଜନମେ ତାହାର । ୪୫ । ଏ କୃଷ୍ଣ ଗାର୍ହସ୍ଥ୍ୟ ବେଭାର । ପ୍ରକାଶେ ପଣ୍ଡିତ ଛାର ॥ ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ଏକୋନସପ୍ତତିତମୋଽଧ୍ୟାୟଃ । ୬୯ ।

Digitized by PPRACHIN, SOA

ସପ୍ତତିତମୋଽଧ୍ୟାୟଃ ।

ଶ୍ରୀଶୁକ ଉବାଚ ।—ଅଥୋଷସ୍ୟୁପବୃତ୍ତାୟାଂ କୁକ୍କୁଟାନ୍ କୂଜତୋଽଶପନ୍ । ଗୃହୀତକଣ୍ଠ୍ୟଃ ପତିଭିର୍ମାଧବ୍ୟୋ ବିରହାତୁରାଃ ॥ ୧ ॥ ବୟାଂସ୍ୟରୋରୁବନ୍ କୃଷ୍ଣଂ ବୋଧୟନ୍ତୀବ ବନ୍ଦିନଃ । ଗାୟତ୍ସ୍ୱଳିଷ୍ୱନିଦ୍ରାଣି ମନ୍ଦାରବନବାୟୁଭିଃ ॥ ୨ ॥ ମୁହୂର୍ତ୍ତଂ ତଂ ତୁ ବୈଦର୍ଭୀ ନାମୃଷ୍ୟଦତିଶୋଭନଂ । ପରିରମ୍ଭଣବିଶ୍ଳେଷାତ୍ ପ୍ରିୟବାହ୍ୱନ୍ତରଂ ଗତା ॥ ୩ ॥ ବ୍ରାହ୍ମେ ମୁହୂର୍ତ୍ତ ଉତ୍ଥାୟ ବାର୍ଯ୍ୟୁପସ୍ପୃଶ୍ୟ ମାଧବଃ । ଦଧ୍ୟୌ ପ୍ରସନ୍ନକରଣ ଆତ୍ମାନଂ ତମସଃ ପରଂ ॥ ୪ ॥ ଏକଂ ସ୍ୱୟଂଜ୍ୟୋତିରନନ୍ୟମବ୍ୟୟଂ ସ୍ୱସଂସ୍ଥୟା ନିତ୍ୟନିରସ୍ତକଲ୍ମଷଂ । ବ୍ରହ୍ମାଖ୍ୟମସ୍ୟୋଦ୍ଭବନାଶହେତୁଭିଃ ସ୍ୱଶକ୍ତିଭିର୍ଲକ୍ଷିତ-

---

ତତଶ୍ଚ ସପ୍ତତିତମେ କୃଷ୍ଣସ୍ୟାହ୍ନିକକର୍ମଣି । ଦୂତନାରଦୟୋଃ କାର୍ଯ୍ୟେ କାର୍ଯ୍ୟମନ୍ତ୍ରବିଚାରଣଂ ॥ ଜଗନ୍ମଙ୍ଗଳଗୃହସ୍ଥାହ୍ନିକଂ ଜଗାଦାଖିଲଃ । ନାରଦେନ ଦୂତେନ ହୃଦ୍ଗତମାହ ଯଥାକ୍ରମଂ ଅତେତ ଇତ୍ୟର୍ଥକାମଧର୍ମେଷୁ ଲୋକେନ ଶିକ୍ଷାୟିତେତି ପ୍ରସ୍ତୁତସ୍ୟ ଶ୍ରୀକୃଷ୍ଣସ୍ୟାହ୍ନିକସ୍ୟ ଧୁରାରେ ଅଥ ଉଷସୀତି । ଉପବୃତ୍ତାୟାଂ ସନ୍ନିହିତାୟାଂ । ପତିଭିଃ ଶ୍ରୀକୃଷ୍ଣୈଃ ମାଧବ୍ୟଃ ମାଧବସ୍ୟ ଭାର୍ଯ୍ୟାଃ ॥ ୧ ॥ ବନ୍ଦିନଇବ ଶ୍ରୀକୃଷ୍ଣଂ ବୋଧୟନ୍ତି ସନ୍ତି ବୟାଂସି ପକ୍ଷିଣୋଽରୋରୁବନ୍ ଅଶବ୍ଦୟନ୍ନାକୂଜନ୍ । ମନ୍ଦାରବନବାୟୁଭିର୍ଗାୟତ୍ସୁ, ଅଲିଷୁ ଅନିଦ୍ରାଣି ନିଦ୍ରାରହିତାନି ବୟାଂସି ॥ ୨ ॥ ବୈଦର୍ଭୀତ୍ୟୁପଲକ୍ଷଣଂ । ପରିରମ୍ଭଣବିଶ୍ଳେଷତ ଇତି ତଂ ପର୍ଯ୍ୟାଲୋଚ୍ୟ ॥ ୩-୪ ॥ ଏକମଜସ୍ରଂ ତତ୍ତଦ୍ଧେତୁରହିତଂ ନିରୁପାଧିଂ ଅତଏବାନ୍ୟଦ୍ଧି ନତ୍ୟଂ ସ୍ୱୟଂଜ୍ୟୋତିଷ୍ଟ୍ୱେ ହେତୁଃ

ଶ୍ରୀ ଶୁକ ଉବାଚ ।—ହେଲେ ରାଜନରେ ମାୟାଧର । ପ୍ରଭାତ ଅଟଇ ଈଶ୍ୱର ॥ ପ୍ରତ୍ୟେକ ଭାର୍ଯ୍ୟାଙ୍କ ପାଶରେ । ମନ୍ଥାଇଦେଲେ ପ୍ରେମ ଭରେ ॥ ଏଥିରୁଁ କୁକ୍କୁଟେ ରାବିଲେ । ନାରୀଏ ତାଙ୍କୁ ଗାଳ ଦେଲେ ॥ ଏଥିରେ କୃଷ୍ଣ ଯିବେ ଚଳି । ସ୍ୱାମି ବିରହ ହେବ ବୋଲି ॥ ଅଲିଙ୍ଗି ଛନ୍ତି ତାଙ୍କୁ ପତି । ସେ କାଳେ ଛାଡ଼ିବେ କେମନ୍ତି ॥ ୧ ॥ କୃଷ୍ଣଙ୍କୁ ଉଠାଇବା ପାଇଁ । ପକ୍ଷୀଏ ବନ୍ଦୀପରି ହୋଇ ॥ ରାବ ଛାଡିଲେ, ଯେ ଯେମନ୍ତେ । ମନ୍ଦାରବନ ଗନ୍ଧ ବାତେ ॥ ଅଳିଙ୍କ ଶବଦ ଶୁଣନ୍ତେ । ଅନିଦ୍ରା ଥିଲେ ସେହି ରାତେ ॥ ୨ ॥ ରୁକ୍ମିଣୀ ପ୍ରିୟଭୁଜମଧ୍ୟେ । ଆଲିଙ୍ଗନରେ ଥିଲେ ମୋଦେ ॥ ଅତ୍ୟନ୍ତ ସୁନ୍ଦରସ୍ୱ କ୍ଷଣ । ପ୍ରିୟ ତେଜନ୍ତେ ଆଲିଙ୍ଗନ ॥ ବୈଦର୍ଭୀ ସହି ନ ପାରିଲେ । ବିରହେ ଅଥୟ ହୋଇଲେ ॥ ୩ ॥ ବ୍ରାହ୍ମେ ମୁହୂର୍ତ୍ତେ ଉଠି ହରି । ଜଳରେ ମୁଖ ଧୌତ କରି ॥ ଅଜ୍ଞାନଶୂନ୍ୟ ସୁଖସ୍ୱର । ଶରଣାଗତ ଜନଙ୍କର ॥ ମଙ୍ଗଳକର୍ମେ ଲଗାଇଲେ । ସେ ଯାହା କହିଲେ ଶୁଣିଲେ ॥ ୪ ॥ ଅଜସ୍ର ଭାବେ ଯେ ରହଇ । ଯାହାକୁ ବଳ ଅନ୍ୟ ନାହିଁ ॥ ଯେ ନିତ୍ୟ ସ୍ୱୟଂ ପ୍ରକା-

ଘବନକୃତଂ । ୫ । ଅଥାପ୍ଲୁତୋଽମ୍ବଂସମଲେ ଯଥାବଧି କ୍ରିୟାକଳାପଂ ପରିଧାୟ ତାପସୀ । ତତ୍ରାର ସନ୍ଧ୍ୟୋପଗମାଦ ସତ୍ତମୋ ହୁତାନଳୋ ବ୍ରହ୍ମ ଜଜାପ ବାଗ୍ଯତଃ । ୬ । ଉପସ୍ଥାୟାର୍କମୃଦ୍ୟାନ୍ତଂ ତର୍ପୟିତ୍ୱାତ୍ମନଃ କଳାଃ । ଦେବାନୃଷୀନ୍ ପିତୃନ୍ ବୃଦ୍ଧାନ୍ ବ୍ରାହ୍ମଣାଂସ୍ତର୍ପୟିତ୍ୱା ଗୃହ୍ୟବାନ୍ । ୭। ଧେନୂନାଂ ରୁକ୍ମଶୃଙ୍ଗୀନାଂ ସାଧ୍ୱୀନାଂ ମୌକ୍ତିକସ୍ରଜାଂ । ପୟସ୍ୱିନୀନାଂ ଗୃଷ୍ଟୀନାଂ ସବତ୍ସାନାଂ ସୁବାସସାଂ । ୮ । ଦଦୌ ରୌପ୍ୟଖୁରାଗ୍ରାଣାଂ କ୍ଷୌମାଜିନତିଲୈଃ ସହ । ଅଳଙ୍କୃତେଭ୍ୟୋ ବିପ୍ରେଭ୍ୟୋ ବଦ୍ଧଂ ବଦ୍ଧଂ ଦିନେ ଦିନେ । ୯ । ଗୋବିପ୍ରଦେବତାବୃଦ୍ଧଗୁରୂନ୍ ଭୂତାନି ସର୍ବଶଃ । ନମସ୍କୃତ୍ୟାତ୍ମସମ୍ଭୂତ-

ନିତ୍ୟନିରସ୍ତଂ ନିତ୍ୟନିବୃତ୍ତଂ କଳ୍ମଷମବଦ୍ୟା ଯସ୍ମାତ୍ତଂ । ଉପଲକ୍ଷଣମାତ୍ର ଅପ୍ୟେତତ୍, ଅସ୍ୟ ବୈଷ୍ଣବସ୍ୟ ଲକ୍ଷିତଭାବସ୍ଥାପୌ ନିବୃତ୍ତଶ୍ଚ ଭାବଃ ସଂପ୍ରାନିବୃତ୍ତିସନନ୍ଦଃ । ତଥାହ ଗୁଣଯୋଗାତ୍ ପୂର୍ବଂ ସତ୍ତ୍ୱମାତ୍ରଂ ଯଃ ସ ଦେବସୌମ୍ୟେଦମଗ୍ର ଆସୀଦିତି ଶ୍ରୁତେଃ । ଏଷବାନନ୍ଦସ୍ତ ବିଜ୍ଞାନମାନନ୍ଦ-ମିତ୍ୟାଦି ଶ୍ରୁତେଃ । ତଂ ସଦାନନ୍ଦମିତ୍ୟର୍ଥଃ । ୫ । ଆପ୍ଲୁତଃ ସ୍ନାତଃ ପରିଧାୟ । ଉପଗମ ଉପାଯନଂ ଆଦ ଯଥା ଭବତି ତଥା କ୍ରିୟାକଳାପଂ ତତ୍ରାର । କାମ୍ୟତ୍ୱାଦୁଦୟାତ୍ ହୁତାନଲଃ ପୂର୍ବମେବ ବ୍ରହ୍ମଗାୟତ୍ରୀଂ ଜଜାପ । ୬। କଳାଃ ଅଂଶାନ୍ ଦେବାନ୍ ଋଷୀନ୍ ପିତୃଂଶ୍ଚ ତର୍ପୟିତ୍ୱା '୭। ଗୃଷ୍ଟୀନାଂ ପ୍ରଥମପ୍ରସୂତାନାଂ । ୮ । ବଦ୍ଧମିତି ହରଣ୍ୟେନ ପରିବୃତାନ୍ ବୃଷ୍ଟାନ୍ ଶୁକ୍ଳଦନ୍ତୋ ମୃଗାନ୍ । ମନ୍ତ୍ରାରେ ଭରତୋଽଦଦାଚ୍ଚତଂ ବଦ୍ଧାନ ସପ୍ତ ଚେତି ଶ୍ରୁତ୍ୟୁକ୍ତାନି ସପ୍ତୋତ୍ତରଶତଂ ବଦ୍ଧାନି ଏକୈକତ୍ୟ ପୂରଣେ ଚତୁର୍ଦ୍ଦଶଲକ୍ଷତ୍ୱେନ ଗଣିତାନି ଯଥୋକ୍ତଂ ଭରତମେବାଧିକୃତ୍ୟ ନବମସ୍କନ୍ଧେ । ମୃଗାନ୍ ଶୁକ୍ଳଦନ୍ତଃ ବୃଷ୍ଟାନ୍ ସୁବର୍ଣ୍ଣେନ ପରିବୃତାନ୍ । ଅଦାତ୍ କର୍ମଣି ମନ୍ତ୍ରାରେ ନିୟୁତାନି ଚତୁର୍ଦ୍ଦଶେତି ତତଶ୍ଚୈଷଂ ବଦ୍ଧସଂଖ୍ୟା ଶ୍ଳୋକେନ ସଗୃହ୍ୟତେ, ଚତୁର୍ଦ୍ଦଶାନାଂ ଲକ୍ଷାଣାଂ ସପ୍ତାଧିକଶତାଂଶକଃ । ବଦ୍ଧଂ ଚତୁରଶୀତ୍ୟଂଶ ସହସ୍ରାଣି ତ୍ରୟୋଦଶେତି; ଦିନେ ଦିନେ ଚ ପ୍ରତିଗୃହଂ ଚେତି । ୯ ।

ସ୍ଥିତ । ଅବଦ୍ୟା ଯଠାରୁ ନିରସ୍ତ ॥ ଏ ବିଶ୍ୱ ସୃଷ୍ଟି ସ୍ଥିତି ନାଶେ । ଯାହାର ଶକତି ପ୍ରକାଶେ ॥ ଆନନ୍ଦମୟ ଯାର ସ୍ଥିତି । ଜ୍ଞାନଏ ବଶ୍ୟର ବୃହନ୍ତି ॥ ସେହି ଅଖଣ୍ଡ ପୂର୍ଣ୍ଣବ୍ରହ୍ମ । ଲୋକ ସେବାର୍ଥେ ଏବେ ଜନ୍ମ ॥ ୫ । ତଦନ୍ତେ ନିର୍ମଳ ଜଳରେ । ସ୍ନାନ ସାରିଲେ ବିଧାନରେ ॥ ଗଙ୍ଗାଦି ତୀର୍ଥେ ସ୍ନାତ କଲେ । ବସନ ଯୁଗଳ ପିନ୍ଧିଲେ ॥ ସନ୍ଧ୍ୟା ଆଚରି ହୋମ ସାରି । ବସିଲେ ଗାୟତ୍ରୀ ସୁମରି । ୬ । ଉଦିତ ସୂର୍ଯ୍ୟେ ପ୍ରଦକ୍ଷିଣ । କରି ଆରମ୍ଭିଲେ ତର୍ପଣ ॥ ନିଜର ଅଂଶ ଦେବଋଷି । ପିତୃଗଣଙ୍କୁ ପୂଜି ତୋଷି ॥ ବ୍ରାହ୍ମଣ କୁଳବୃଦ୍ଧ ଗଣେ । ପ୍ରଣାମ କଲେ ଜଣେ ଜଣେ । ୭ । ଗଳାରେ ମଉକ୍ତିକ ହାର । ଶୃଙ୍ଗେ ସୁବର୍ଣ୍ଣ ଅତିଧୀର ॥ ଉତ୍ତମ ବସ୍ତ୍ର ପୃଷ୍ଠେ ଶୋହେ । ଫେଣିରୁ ଦୁଗ୍ଧ ଧାର ବହେ ॥ ଖୁରାରେ ରୁପା ଲାଗିଅଛି । ବାଛୁରି ପଛେ

ମଙ୍ଗଳାନ ସମ୍ପୃଶତ୍ର । ୧୦ । ଅସ୍ମାନଂ ଭୂଷୟ୍ମାମାସ ନରଲୋକବତ୍ଭୂଷଣଂ । ବାସେ ଭର୍ତ୍ତୁର୍ଷଣୈଃ ସ୍ନୀପ୍ରୈଦିବ୍ୟସ୍ତ୍ରାଣାନୁଲେପନୈଃ । ୧୧ । ଅବେ-ଷ୍ୟାକ୍ୟଂ ତଥାଦର୍ଶଂ ଗୋବୃଷଦ୍ଵିଜଦେବତାଃ । କାମାଂଶ୍ଚ ସର୍ବବର୍ଣ୍ଣାନାଂ ପୌରାନ୍ତଃପୁରବାସିନାଂ । ପ୍ରଦାପ୍ୟ ସନ୍ତୁଷ୍ଟଃ କାମୈଃ ପ୍ରତ୍ୟଭାଷ୍ୟ ପ୍ରତ୍ୟ-ନନ୍ଦତ । ୧୨ । ସର୍ବଭୂଷ୍ୟ ଯଥାର୍ଥକଂ ତୋ ବୟାନ ମୃତ୍ୟାମୂଲାନନୁଲେପନୈଃ । ସୁହୃଦଃ ପ୍ରକ୍ଷ୍ୟଦର୍ଶନ ଗୀଷ୍ମଂଭ୍ରମତଃ ସ୍ଵୟଂ । ୧୩ । ତାନ୍ଵୟ୍ତ ଉପାନୀୟ ସ୍ୟନ୍ଦନଂ ପରମାଦ୍ଭୁତଂ । ସୁଗ୍ରୀବାଦ୍ୟୈ ର୍ଦ୍ଦ୍ଵୈପ୍ୟୈ ର୍ଯୁକ୍ତଂ ହଣମ୍ୟ ବହ୍ନି ତୋରଣତଃ । ୧୪ । ଗୃହୀତ୍ଵା ପାଣିନା ପାଣୀ ସାରଥ୍ୟେ ସମଥାରୁହତ୍ । ସତ୍ୟକ୍ୟୁଦ୍ଧବସମ୍ପୃକ୍ତଃ ପୂର୍ବାଦ୍ ମିବ ଭାସ୍କରଃ । ୧୫ । ଈକ୍ଷିତୋଽନ୍ତଃପୁରସ୍ତ୍ରୀଣାଂ ସବ୍ରୀଡପ୍ରେମବୀକ୍ଷିତୈଃ । କୃଚ୍ଛ୍ରାଦ୍ ବିସୃଷ୍ଟୋ ନରଗାତ୍ରାଣାତ୍ ଗୃହାତେ ହରନ୍ ମନଃ । ୧୬ । ସୁଧର୍ମାଖ୍ୟାଂ ସଭାଂ ସର୍ବୈର୍ବୃଷ୍ଣିଭିଃ ପରିବାରିତଃ । ପ୍ରାବିଶଦ୍ ଯନ୍ନିବିଷ୍ଟାନାଂ ନ ସନ୍ତ୍ୟଙ୍ଗ ଷଡୂର୍ମୟଃ । ୧୭ । ତତ୍ରୋପବିଷ୍ଟଃ

ଅସ୍ପୃଷ୍ଟସ୍ପୃଷ୍ଟଃ ସ୍ଵଭୃତ୍ୟଃ ମଙ୍ଗଳାନ କପିଳାପାନ । ୧୦ । ନରଲୋକସ୍ୟ ବଭୂଷରୂପମାସ୍ତାନଂ ସ୍ନାପ୍ୟୈଃ ପୀତାମ୍ବରକୌସ୍ତୁଭାଦଭିଃ । ୧୧ । କାମାନଭିଲଷିତାନର୍ଥାନ୍ । ୧୨ । ବପ୍ରାପାନ୍ ସ୍ଵଗାଦଭିଃ ମ ବନ୍ଧୂନଂ ଚୈଦ୍ୟସ୍ତ୍ରାନ ଦଦର୍ଶତ୍ୟର୍ଥଃ । ଉପାୟଂତ୍କ ଭୋଗାର୍ଥଂ ସଜ୍ଜାହ । ୧୩ । ପାଣୀ କୃତ୍ଵୈକ୍ଷଜ୍ଞୌ ଗୃହୀତ୍ଵା । ୧୫ । ସବ୍ରୀଡପ୍ରେମବୀକ୍ଷିତୈଃ ଈକ୍ଷିତଃ ଖଣଂ ସ୍ଥିତଃ ତାଭିରେବ ବୀକ୍ଷିତୈଃ କୃଚ୍ଛ୍ରାଦ୍ ବିସୃଷ୍ଟୋ ନରଗାଦନ୍ତଃ ଏବଂ ସର୍ବସ୍ଵଭେଦ୍ୟଃ

ତୋଡ଼ାଉଛି ॥ ପଟ୍ଟବସନ ଚର୍ମ ଛନ । ସବୁତେ ଏ ଗାଈ ଏକନ ॥ ସୁବୋଧବନ୍ତ ବସଗଣେ । ଦାନ କରନ୍ତି ଦିନେ ଦିନେ । ୮-୯ । ଗୋ ବିପ୍ର ଦେବତା ଗୁରୁଙ୍କୁ । କୁଳବୃଦ୍ଧ ସର୍ବଭୂତଙ୍କୁ ॥ ପ୍ରଣମି ମାଙ୍ଗଳିକ ଦ୍ରବ୍ୟ । ସ୍ପର୍ଶ କରନ୍ତି ବାସୁଦେବ । ୧୦ । ଏ ନରଲୋକକୁ ଭୂଷଣ । ହୋଇଛି ଯେ ଦେହ ତା ପୁଣ ॥ ଦିବ୍ୟ ବସନ ଲେପ ହାର । ଭୂଷଣେ ମଣ୍ଡିଲେ ଶ୍ରୀଧର । ୧୧ । ତଦନ୍ତେ ଘୃତ ଦରପଣ । ଗୋ ବିପ୍ର ଦେବତା ଦର୍ଶନ ॥ ସାର ନଗର ଅନ୍ତଃପୁର । ବାସିଙ୍କ କୁଳେ ସର୍ବବର ॥ ପ୍ରାର୍ଥନା ଶୁଣି ପୂର୍ଣ୍ଣକଲେ । ଭୃତ୍ୟେ ଯେ ଯାହା ବା ମାଗିଲେ ॥ ତାହା ତାହାଙ୍କୁ ଦେଇ ତୋଷି । ଆପେ ହୋଇଲେ ଅତି ଖୁସି । ୧୨ । ମାଳା ତାମ୍ବୂଳ ଚନ୍ଦନ ଦି । ବନ୍ଧୁଙ୍କୁ ପ୍ରଥମେ ନିବେଦି ॥ ତଦନ୍ତେ ନିଜ ଅମାତ୍ୟଙ୍କୁ । ଅବଶେ ନିଜ ଭାର୍ଯ୍ୟାଙ୍କୁ ॥ ସମର୍ପି ନିଜେ ସର୍ବଶେଷେ । ଗ୍ରହଣ କଲେ ଅତି ତୋଷେ । ୧୩ । ଏକାଳେ ଅତିରମ୍ୟ ରଥ । ସେନ ମିଳିଲା ଅଛି ସୂତ ॥ ସୁଗ୍ରୀବ ଆଦି ଅଶ୍ଵ ଚାରି । ଯୋଚିଛି ଅତି ଯତ୍ନକରି ॥ କୃଷ୍ଣେ ପ୍ରଣମି ନିଜସ୍ଥାନେ । ସାରଥି ବସିଲା ସେ କ୍ଷଣେ । ୧୪ । ତା ଦେଖି କର କରେ ଧରି । ରଥରେ ଚଢ଼ିଲେ ମୁରାରି । ରବିକି ଉଦୟ ଗିରିରେ । ସାତ୍ୟକି ଉଦ୍ଧବ ସଙ୍ଗରେ ।୧୫। ସଲଜ୍ଜ ପ୍ରେମ ଦରଶନେ । ସ୍ତ୍ରୀ ଅନ୍ତଃପୁର ନାରୀଗଣେ ।

ପରମାପନେ ବର୍ତ୍ତବର୍ତ୍ତୌ ସ୍ୱଭ୍ରା କଲୁଳ୍ଳେବସ୍ୱସମ୍ପୁନ୍ । ବୃତୋ ନୃପୈର୍ହୈର୍ଯଦୁଭର୍ଯଦ୍ଭୁତମୋ ଯଥୋତ୍ତୁଦଙ୍କୋ ଦବ ତାଇଳାଗଣୈଃ ।୧୮। ତତ୍ପୋପ-
ମନ୍ତ୍ରିଣେ ରାଜନ୍ ନାନାବାଦ୍ୟରସୈର୍ବିଭୁଂ । ଉପତଷ୍ଠୁର୍ନର୍ତ୍ତାଗ୍ୟୋ ନର୍ତ୍ତକ୍ୟସ୍ତ୍ରାଣ୍ଡବୈଃ ପୃଥକ୍ । ୧୯ । ମୃଦଙ୍ଗବୀଣାମୁରଜବେଣୁତାଳଦରସ୍ୱନୈଃ ।
ନନୃତୁର୍ଜଗୁସ୍ତୁଷ୍ଟୁବୁଃ ସୂତମାଗଧବନ୍ଦିନଃ । ୨୦ । ତତ୍ରାହୁ ର୍ବ୍ରାହ୍ମଣାଃ କେଚିଦାସୀନା ବ୍ରହ୍ମବାଦିନଃ । ପୂର୍ବେଷାଂ ପୁଣ୍ୟଯଶସାଂ ରାଜ୍ଞାଂ ଗ୍ରଥିତାନ୍
କଥାଃ । ୨୧ । ତତ୍ରୈକଃ ପୁରୁଷୋ ରାଜନ୍ନାଗତୋଽପୂର୍ବଦର୍ଶନଃ । ବିଜ୍ଞାପିତୋ ଭଗବତେ ପ୍ରତିହାରୈଃ ପ୍ରବେଶିତଃ । ୨୨ । ସ ନମସ୍କୃତ୍ୟ
କୃଷ୍ଣାୟ ପରେଶାୟ କୃତାଞ୍ଜଲିଃ । ରାଜ୍ଞାମାବେଦୟଦ୍ଦୁଃଖଂ ଜରାସନ୍ଧନିରୋଧଜଂ । ୨୩ । ଯେ ଚ ଦିଗ୍‌ବିଜୟେ ତସ୍ୟ ସନ୍ନତିଂ ନ ଯୟୁର୍ନୃପାଃ ।
ପ୍ରସହ୍ୟ ରୁଦ୍ଧାସ୍ତେନାସନ୍ନୟୁତେ ଦ୍ୱେ ଗିରିବ୍ରଜେ । ୨୪ । ରାଜାନ ଊଚୁଃ । – କୃଷ୍ଣ କୃଷ୍ଣ ପ୍ରମେୟାତ୍ମନ୍ ପ୍ରପନ୍ନଭୟଭଞ୍ଜନ । ବୟଂ ତ୍ୱାଂ ଶରଣଂ

ପୃଥକ୍ ପୃଥକ୍ ଗର୍ତ୍ତତ୍ୟ ଅନନ୍ତରମେକ ଏବ ସନ୍ ସୁଧର୍ମାଂ ପ୍ରାବିଶତ୍ ଯଲ୍ଲବିଷ୍ଟାନାଂ ଯତ୍ ପ୍ରବିଷ୍ଟାନାଂ ।୧୬। ନୃପୈଃ ବୈର୍ଣ୍ଣିଷ୍ଟ ଶ୍ରେଷ୍ଠୈର୍ଯଦୁଭିର୍ବୃତଃ ।୧୮।
ଉପମନ୍ତ୍ରିଣଃ ପରିହାସକାଃ, ପୃଥକ୍ ପୃଥକ୍ ସ୍ୱସ୍ୱସମୁଦାୟୈଃ ।୧୯। ମୃଦଙ୍ଗାଦୟଃ ପ୍ରସିଦ୍ଧାଃ ଦରଃ ଶଙ୍ଖଃ ସୂତାଦୟସ୍ତୁଷ୍ଟୁବୁଃ ।୨୦। ବ୍ରାହ୍ମଣ ବ୍ରହ୍ମ ବେଦ-
ମାହୁଃ ମନ୍ତ୍ରାନ୍ ବ୍ୟାଚକ୍ଷତେତ୍ୟର୍ଥଃ ବାଦିନୋ ବେଦବକ୍ତାରଃ । ୨୧-୨୩ । ଗିରିବ୍ରଜେ ତଦ୍ଦୁର୍ଗେ ଯେ ରୁଦ୍ଧା ଆସନ୍ ତେଷାଂ ଦ୍ୱାଭ୍ୟାଂ-

---

ମହାଦେବ ପଦ୍ମନାଭ ହରି । ନଗରୁ ବାହାରିଲେ ହରି ।୧୬। ସକଳ ଯାଦବେ ବେଷ୍ଟିତ । ସୁଧର୍ମା ନାମେ ଯେ ବିଖ୍ୟାତ । କାମ କ୍ରୋଧାଦି ରିପୁଙ୍କର ।
ପ୍ରବେଶ ନାହିଁ ଯେଉଁଠାର । କୃଷ୍ଣ ସେ ସଭାରେ ମିଳିଲେ । ଉତ୍କୃଷ୍ଟ ଆସନେ ବସିଲେ । ୧୭ । ଜନ ତେଜରେ ଉଜ୍ଜ୍ୱଳ । ମଣ୍ଡି ଶୋଭୁଛନ୍ତି
ମହାକାଶ । ଯଦୁବୀରଙ୍କ ମଧ୍ୟେ ହରି । ତାରକା ମଧ୍ୟେ ଚନ୍ଦ୍ରପରି । ଦଶିଲେ ଅତି ମନୋହର । ମିଳିଲେ ବନ୍ଧୁବର୍ଗଗଣ । ୧୮ । ତୋଷିଲେ ନାନା
ବାଦ୍ୟ ରସେ । ନଟ ଅପ୍ସରା ଅତି ତୋଷେ । ନର୍ତ୍ତକୀମାନଙ୍କ ତାଣ୍ଡବ । ନର୍ତ୍ତନ୍ତି ଭିନ୍ନ ଭିନ୍ନ ଭାବେ । ୧୯ । ସୂତ ମାଗଧ ବନ୍ଦୀଗଣେ । ମୃଦଙ୍ଗ
ବୀଣା ବେଣୁସ୍ୱନେ । ପଖୋଜ ଶଙ୍ଖ ତାଳ ଧରି । ଗୀତ ଗାଇଲେ ନୃତ୍ୟ କରି । ୨୦ । ବ୍ରହ୍ମଜ୍ଞ କେତେକ ବ୍ରାହ୍ମଣ । ପୂର୍ବ ନୃପଙ୍କ ଯଶଗୁଣ ।
ବର୍ଣ୍ଣନା କରନ୍ତି କଥାରେ । ବସି ସେ ସୁଧର୍ମା ସଭାରେ । ୨୧ । ଅତି ସୁନ୍ଦର ଏକ ନର । ମିଳିଲା ଆସି ସେହିଠାର । କୃଷ୍ଣେ ଜଣାଇ ଦ୍ୱାରପାଳ ।
ଶୀଘ୍ରେ ତାକୁ କଲା ମେଳ । ୨୨ । ପରମେଶ୍ୱର କୃଷ୍ଣ ପାଦେ । ପ୍ରଣାମ କରି ସେ ବିଷାଦେ । ଜଣାଏ ଜରାସନ୍ଧ ନୃପ । ନୃପଙ୍କୁ ବାନ୍ଧି ଦିଏ ଦୁଃଖ
। ୨୩ । ତାହାର ଦିଗ୍‌ବିଜୟ କାଳେ । ନମିଲେ ନାହିଁ ଯେ ଭୂପାଳେ । ଏମନ୍ତ ଦ୍ୱି ଅୟୁତ ନୃପେ । ବନ୍ଧ କରନ୍ତି ଆଣି କୋପେ । ୨୪ ।

Digitized by PPRACHIN, SOA

ଯାମୋ ଭବସ୍ତାଃ ପୃଥଗ୍ଧିୟଃ । ୨୫ । ଲୋକୋ ବିକର୍ମନିରତଃ କୁଶଲେ ପ୍ରମତ୍ତଃ କର୍ମଣ୍ୟୟଂ ତ୍ୱଦୁଦିତେ ଭବଦର୍ଚ୍ଚନେ ସ୍ୱେ । ଯସ୍ତାବଦସ୍ୟ ବଲବାନିହ ଜୀବିତାଶାଂ ସଦ୍ୟଶ୍ଛିନତ୍ତ୍ୟନିମିଷାୟ ନମୋଽସ୍ତୁ ତସ୍ମୈ । ୨୬ । ଲୋକେ ଭବ ନ ଜଗଦୀଶ ବିଲଜ୍ଜିତାଃ ସ୍ମ ଯଦଗ୍ରଣାସ୍ତୁ ଜଲଜନ୍ତୁ-ଶାସ୍ତୁ ଗୃହ୍ୟଃ । କ୍ଷିପ୍ରଂ ଭୁବି ପ୍ରମତଃ ପାଦ ନ ଦେବମୀଶ କସ୍ମାଜ୍ଜନାଃ ସ୍ୱକ୍ଷେମୁଷ୍ଟ ଭନ ଦେହ । ୨୭ । ସ୍ୱ ପ୍ରାପ୍ତିତଂ ନୃପକୃତଂ ସବଭନ୍ଧୀଷ ଶାସ୍ତ-

---

ମାଦେବଦ୍ୱରଦ୍ୟାନ୍ୱିସ୍ତଃ । ୨୪ । କୃଷ୍ଣ କୃଷ୍ଣେତ ଷଟ୍ଶ୍ଳୋକୀ ଗଜ୍ଞଂ କଲ୍ପୟି । ତତପ୍ରଥମେନ ଶରଣାଗତନ୍ତଂ କଦର୍ଯ୍ୟସ୍ୱାକାଦୋ ଦ୍ୱାଦ୍ୟଂ ପ୍ରାର୍ଥୟ-ମିତ । ୨୫ । ପୃଥଗ୍ଦର୍ଶିନୋ ଲୋକସ୍ୟ ଭବଭୟଂ ବଦ୍ଧୁଣ୍ଡନ୍ତୋ କେମନ୍ତ ଲୋକ ଇତ । ବିକର୍ମ ନିଷିଦ୍ଧଂ ଡାମ୍ୟଂ କର୍ମତ ତନ୍ନିରତଃ ଭବତଃ ସ୍ୱେ କୁଶଲେ ଧର୍ମେ ଭବଦର୍ଚ୍ଚନେ ତ୍ୱୟା ଉଦିତେ ଉକ୍ତେ ପ୍ରମତ୍ତେ ସାମାନ୍ୟତସ୍ତ ଗୀତାସୁ ସଳ୍ଭବେଷ ଯଦଗ୍ନାସି ଯଜ୍ଜୁହୋଷି ଦଦାସି ଯତ୍ । ଯତ୍ତପସ୍ୟସି କୌନ୍ତେୟ ତତ୍କୁରୁଷ୍ୱ ମଦର୍ପଣମିତ । ଯ ମତ୍ତୋଽନବନ୍ଧତୋ ସାବଦସ୍ୟ ଲୋକସ୍ୟାବଦେବାସ୍ୟ ଲୋକସ୍ୟ ନା ସଦେଶ ଜୀବତାଶା-ଛିନତ୍ତି ତସ୍ମୈ ତୁଭ୍ୟଂ ଅନିମିଷାୟ କାଳାତ୍ମନେ ନମ ଇତ । ୨୬ । ସେନ୍ଦ୍ରଂ ଲୋକସ୍ୟ ଗତଃ ଜଗୃତନ୍ତୁ ଜ୍ଞାନ୍ତ୍ରା ଅତୋଽସ୍ମାକଂ ଭୂତ ଏତଦ୍ଭୟ-ମାପଲମିତ୍ୟାସ୍ତେଽର୍ଯ୍ୟେଣାହୁର୍ଲୋକ ଇତ । ହେ ଈଶ ଜଗତ୍ ଭନ ଈଶ୍ୱରଃ, ଭୃତି ଯଦଙ୍ଗଣାର୍ଥନେବଗୁଣର୍ଷ୍ୟେପି ତେଦଷ୍ଟାକଂ ଦୁଃଖଂ ସ୍ୱାତ୍ତ ତର୍ହି ତ-ମନ୍ୟଃ କଶ୍ଚିତ୍ କର୍ତ୍ତାଚ୍ଛାଦ ସ୍ୱବାଧାମପି ଲଙ୍ଘୟିତ । କସ୍ମା ତୁଷ୍ମାଽଽଯତ୍ନାଣୋଽପି ଜନଃ ସ୍ୱକର୍ମତଂ ଦୁଃଖଂ ପ୍ରାପ୍ନୋତ୍ୟେବେତ ନ ବିଦ୍ମଃ । ନ ତେ ଦୁରନ୍ତ୍ୟମପି ଯୁକ୍ତମିତ ଭାବଃ । ୨୭ । କିଂ ଦୁଃଖଂ ତଦାହୁଃ ସ୍ୱପ୍ନାୟିତମିତ । ସ୍ୱ ଦୃଷ୍ଟାନ୍ତଂ ନୃପତ୍ୱଂ ନୃପୋଚିତ ସୁଖଂ, ଯତଃ ପରତନ୍ତ୍ରଂ ଶଶ୍ୱ-

---

ଜ୍ଞାନଭୂତଃ ।—ଅମିତ ଶକ୍ତିଶାଳ ହର । ଶରଣ ଦୁଃଖ ପାଶ ହର । ପର ଆପଣା ବୁଦ୍ଧି ବହ୍ନ । ଅମ୍ଭେ ସଂସାରୁ ଭୟପାଇ । ତୁମ୍ଭଙ୍କୁ ମାଗୁଛୁ ଶରଣ । ଅମ୍ଭଙ୍କୁ କର ହେ ତାରଣ । ୨୫ । କାମ୍ୟ କର୍ମରେ ମାତ ନର । ତୁମ୍ଭ କହିବା ଧରମ୍ଭାର । ତୁମ୍ଭଙ୍କୁ ପୂଜା ନ କରଇ । ନିଜ ମଙ୍ଗଳ ନ ଦେଖଇ । ତୁମ୍ଭ ବଳିଷ୍ଠ କାଳରୂପେ । ନରକାମନା ନାଶି ଦର୍ପେ । ଗୃହାନ୍ତେ ହରୁ ଏ ଜୀବନ । ହେ କାଳଦେବ ତୋତେ ନମଃ । ୨୬ । ସାଧୁ ରକ୍ଷଣେ ଦୁଷ୍ଟନାଶେ । ତୋ ଅବତାର କୃଷ୍ଣଅଂଶେ । ଅମ୍ଭେ-ତ ଭକତ ତୋହର । ହେ ଜଗଦୀଶ ରକ୍ଷାକର । ତୁ ଦେବ ଶାସକ ଗୋସାଇଁ ତୋ ଆଜ୍ଞା ନ ମାନ କ କେହ । ଅମ୍ଭଙ୍କୁ ଏ ପୀଡା ଦଅଇ । କସ୍ମା ସ୍ୱକର୍ମ ବଶ ହୋଇ । ଅମ୍ଭେ ଭୋଗୁଛୁଁ ଏ ଯାତନା । ନ ବୁଝି କରୁଛୁଁ ଭାବନା । ୨୭ । କ୍ଷଣସ୍ଥାୟୀନ ନୃପପଣ । ଅଟଇ ସ୍ୱପନ ସମାନ । ଭୟେ ସର୍ବଦା ମୃତ ଦେହେ । ଏ ରାଜ୍ୟଭାର ବହୁଁ ମୋହେ । ବିଷ୍ଣୁ ଭୁଲେ

ସ୍ୱେନ ମୃତକେନ ଧ୍ରୁବଂ ବଦ୍ଧାମଃ । ଦୃଢ଼ା ତ୍ୱଦାସ୍ୱନଂ ସୁଖଂ ତ୍ୱଦେନାଦ୍ପଲଭ୍ୟଂ କ୍ଲ ଚ୍ୟୋମଦ୍ଧେଃଦ୍ଭିକ୍ଷେପଣାତ୍ରୁବ ମାସ୍ୟେସ୍ୱେଦ୍ଧ ।୨୮। ଦନ୍ତୋ ଭବାନ୍ ପ୍ରଣତ-ଶୋକହବର୍ଘ୍ରି ସୁତ୍ରୋ ବଦ୍ଧାନ୍ ବଯ୍ୟଂସ୍ୱ ମଗଧାହ୍ୱୟକର୍ମପାଶାତ୍ । ଯୋ ଭୂଭୃକୋଽଯୁତମତଙ୍ଗଜବୀର୍ଯ୍ୟମେକୋ ବଭ୍ରନ୍ଦ୍ରୁରୋଧ ଭବନେ ମୃଗରାଡ଼ିବାଖ୍ୟଃ । ୨୯ । ଯୋ ବୈ ତ୍ୱଦ୍ଧା ଦ୍ୱିନବକୃତ୍ୱ ଉଦାତ୍ତଚକ୍ରେ ଭଗ୍ନୋ ମୃଧେ ଖଲୁ ଭବନ୍ତମନନ୍ତବୀର୍ଯ୍ୟଂ । ଜିତ୍ୱା ନୃଲୋକନିରତଂ ସକୃଦୂଢ଼ଦର୍ପୋ ଯୁଷ୍ମତ୍ପ୍ରଜା ରୁଜତି ନୋଽଜିତ ତଦ୍ଵିଧେହି । ୩୦ । ଦୂତ ଉବାଚ ।···ଇତି ମାଗଧସଂରୁଦ୍ଧା ଭବଦ୍ଦର୍ଶନକାଂକ୍ଷିଣଃ । ପ୍ରପନ୍ନାଃ ପାଦମୂଳଂ ତେ ଦୀନାନାଂ ଶଂ ବିଧୀୟତାଂ । ୩୧ । ଶ୍ରୀଶୁକ ଉବାଚ ।—ରାଜଦୂତେ ବ୍ରୁବତ୍ୟେବଂ ଦେବର୍ଷିଃ ପରମଦ୍ୟୁତିଃ । ବିଭ୍ରତ୍ ପିଙ୍ଗଜଟାଭାରଂ ପ୍ରାଦୁରାସୀତ୍

ସାଧ୍ୟଂ, କିନ୍ତୁ ସମ୍ପ୍ରତି ଶଶ୍ୱଦୟଂ ଯସ୍ମିନ୍ ତେନ ମୃତକତୁଲ୍ୟେନ ଶରୀରେଣ ଧ୍ରୁବଂ ପୁତ୍ରଦାରାଦିଚିନ୍ତାଂ କେବଲଂ ବହାମ ଅହୋ କଷ୍ଟଂ ନଃ ପେ ବସୃମିତି ପୂର୍ବମେବ ନଷ୍ଟାନ୍ନାଃ ଦନ୍ତ୍ରପ୍ରାମେବ ନାଶିତା ଇତ୍ୟାହୁଃ ତଦ୍ଦେଃତ । ତ୍ୱତ୍ ଦୃତ୍ତୋ ପଦମାଦ୍ଧେ କିଂଷ୍ଟାମେ ର୍ଲଭ୍ୟମାମ୍ନା ସ୍ୱତଃ ସିଦ୍ଧଂ ସୁଖ-ଚକିତ୍ୱା କ୍ଲିଶ୍ୟାମ ଇତି । ୨୮ । ତ୍ୱନ୍ନାମ୍ନାକୃତଂ କର୍ମବନ୍ଧଂ ତ୍ୱମେବ ନିବର୍ତ୍ତୟେତି ପ୍ରାର୍ଥୟନ୍ତେ ତନ୍ନ ଇତି । ବଯ୍ୟଂସ୍ୱ ବିମୋଚୟ । ମଗଧୋ ଜରା-ସନ୍ଧ ତତ୍ସଞ୍ଜ୍ଞକାତ୍ କର୍ମପାଶାତ୍ । ଭବତି ରେବ ବିକ୍ରମ୍ୟ ତତୋ ନିର୍ଗମ୍ୟ ତାମିତି ବେଦେତ ଅତ୍ର ଯ ଇତି । ଯ ଏକ ଏବାୟୁତମତଙ୍ଗଜାନାଂ ବୀର୍ଯ୍ୟ ବିଭ୍ରନ୍ନୃନ୍ ସ୍ୱଭବନେ ଭୂଭୃକୋଽସ୍ମାନ୍ ରୁରୋଧ ସିଂହୋ ମେଷୀନିବ । ୨୯ । କିଞ୍ଚ ଯସ୍ତୁଦାସ୍ୟା ବୟମିତ୍ୟସ୍ମାନ୍ ଅଧିକଂ ବାଧତେ ଇତ୍ୟାହୁଃ ଯୋ ବା ଇତି । ହେ ଉଦାତ୍ତ ଚକ୍ର ଉଦ୍ୟତ ସୁଦର୍ଶନ ଯୋ ବୈ ଦ୍ୱିନବକୃତ୍ୱୋଽଷ୍ଟାଦଶବାରାନ୍ ତ୍ୱୟାପହ ମୃଧେ ବର୍ତ୍ତମାନେ ତବ ସପ୍ତଦଶକୃତ୍ୱ-ସ୍ତ୍ୱୟା ଖଲୁ ଭଗ୍ନଃ ପରାଜିତଃ ପଶ୍ଚାଦନନ୍ତବୀର୍ଯ୍ୟମପି ନୃଲୋକେ ନିରତଂ ନରଶରୀରବନେଦଂ ଭବନ୍ତଂ ସକୃତ୍ ଜିତ୍ୱା ଉଢ଼ଦର୍ପଃ ପ୍ରାପ୍ତଗର୍ବୋ

ତୁମ୍ଭ ଚରଣରୁ । ଯେ ସୁଖ ମିଳଇ ତହିଁରୁ ॥ ବଞ୍ଚିତ ହୋଇ ଅମ୍ଭେମାନେ । କଷ୍ଟ ଭୋଗୁଛୁଁ ଘଟପଣେ ॥ ତୋହର ମାୟାରେ ପଡ଼ିଛୁଁ । ତାଙ୍କର ସୁଖ ନ ବୁଝୁଛୁଁ । ୨୮। ତୋ ପାଦ ଦେବା ଶୋକହରେ । ଜରାସନ୍ଧ କର୍ମ ପାଶରେ ॥ ଅମ୍ଭେ ଅଛୁ ବନ୍ଧ ମୁକ୍ତ କର । ଏ ଜରାସନ୍ଧ ନରେଶ୍ୱର ॥ ଅୟୁତେ ହସ୍ତିବଳ ବହ । ମେଣ୍ଢାଙ୍କୁ ସିଂହ ସମ ଏହ ॥ ଘେର ରଖିଛି ନେଇକର । ଏକାକୀ ଏତେ ନୃପେ ଧର । ୨୯। ଅଠରବାର ଉଦ୍ୟମରେ । ହେ ଚକ୍ର-ଧର ତୋ ହସ୍ତରେ ॥ ସତରବାର ସେ ହାରିଲା । ବାରେ ସେ ତୋତେ ଜୟକଲା ॥ ନରଲୋକରେ ସିନା ଜନ୍ମ । ତୋହର ବଳତ ଅସୀମ ॥ ତୋତେ ଜଣନ୍ତେ ଦେବେହେ । ତୋ ପ୍ରଜା ଅମ୍ଭଙ୍କୁ ଦଣ୍ଡଇ ॥ ଯାହା ବିଚାର ଏବେ କର । କ୍ଷଣ ହେଲେ ଗୁରୁତର । ୩୦ । ଦୂତ ଉବାଚ ।...

ଯଥାରବଃ । ୩୨ । ତଂ ଦୃଷ୍ଟ୍ୱା ଭଗବାନ୍ କୃଷ୍ଣଃ ସର୍ବଲୋକେଶ୍ୱରେଶ୍ୱରଃ । ବବନ୍ଦ ଉତ୍ଥିତଃ ଶୀର୍ଷ୍ଣା ସସଦସ୍ୟଃ ସାନୁଗୋ ନୃପ । ୩୩ । ସଭାଜୟିତ୍ୱା ବିଧିବତ୍ କୃତାସନପରିଗ୍ରହଂ । ବଭାଷେ ସୂନୃତୈର୍ବାକ୍ୟୈଃ ଶ୍ରଦ୍ଧୟା ତର୍ପୟନ୍ ମୁନିଂ । ୩୪ । ଅପିସ୍ୱିଦଦ୍ୟ ଲୋକାନାଂ ତ୍ରୟାଣାମକୁତୋ ଭୟଂ । ନନୁ ଭୂୟାନ୍ ଭଗବତୋ ଲୋକାନ୍ ପର୍ଯ୍ୟଟତୋ ଗୁଣଃ । ୩୫ । ନହି ତେଽବିଦିତଂ କିଞ୍ଚିଲ୍ଲୋକେଷ୍ୱୀଶ୍ୱରକର୍ତ୍ତୃଷୁ । ଅଥ ପୃଚ୍ଛାମହେ ଯୁଷ୍ମାନ୍ ପାଣ୍ଡବାନାଂ ଚିକୀର୍ଷିତଂ । ଶ୍ରୀ ନାରଦ ଉବାଚ—ଦୃଷ୍ଟା ମୟା ତେ ବହୁଶୋ ଦୁରତ୍ୟୟା ମାୟା ବିଭୋ ବିଶ୍ୱସୃଜଶ୍ଚ ମାୟିନଃ । ଭୂତେଷୁ ଭୂମଂଶ୍ଚରତଃ ସ୍ୱଶକ୍ତିଭିର୍ବହ୍ନେରିବ ଚ୍ଛନ୍ନରୁଚୋ ନ ମେଽଦ୍ଭୁତଂ । ୩୬ । ତବେହିତଂ କୋଽର୍ହତି ସାଧୁ ବେଦିତୁଂ ସ୍ୱମାୟୟେଦଂ ସୃଜତୋ ନିୟଚ୍ଛତଃ । ଯଦ୍ବିଦ୍ୟ-

ମାନ୍ତ୍ୟୂହ ପ୍ରଜା ନୋ ଭୁଜନ୍ତି ପୀଡ୍ୟମାନା । ତତ୍ର ତବ ଯଦ୍ଭୁତଂ ତଦ୍ ଦେହାର୍ଥ୍ୟାର୍ଥ୍ୟଃ । ୩୦ । ଦୃଢ଼ଅନ୍ଧ ଇତାତ । ୩୧-୩୪ । ଭୂୟାନ୍ ମହାନ୍ ଗୁଣୋ-ଲବ୍ଧେଃୟମସ୍ମାକଂ ଯତ୍ ସର୍ବଲୋକବୃତ୍ତାନ୍ତଜ୍ଞାନମିତି । ୩୫ । ଈଶ୍ୱରଃ କର୍ତ୍ତା ତେଷାଂ ତେଷୁ । ୩୬ । ଏବମନ୍ତର୍ଯ୍ୟୁଦେବ ସର୍ବଜ୍ଞେନ ଜଗଦନ୍ତ ବଧାର୍ଥମେବ ପାଣ୍ଡବଚିକୀର୍ଷିତଂ ପୃଷ୍ଟୋ ନାରଦୋ ମାୟେୟମିତି ଜ୍ଞାତ୍ୱା ଦୃଷ୍ଟା ଇତି ବିଭୋଃ । ବିଶ୍ୱସୃଜଶ୍ଚ ବ୍ରହ୍ମଣୋଽପି ମାୟିନୋ ମୋହକସ୍ୟ ତେ ସ୍ୱଶକ୍ତିଭିର୍ବିଦ୍ୟାଦିଭିଃ ଭୂତେଷୁ ଅନ୍ତର୍ଯ୍ୟାମିତୟା ଚରତୋ ବର୍ତ୍ତମାନସ୍ୟ । ଯଦାହଂ ଭୂତେଷୁ ବର୍ତ୍ତେ ତର୍ହି ଭୂତାଃ କ୍ୱମିତି ମାଂ ନ ପଶ୍ୟନ୍ତୀତି ତତ୍ରାହ ବହ୍ନେରିବ ଛନ୍ନରୁଚ ଇତି । ସ୍ୱଶକ୍ତିଭିରେବ ଛନ୍ନା ରୁକ୍ ପ୍ରକାଶୋ ଯସ୍ୟ ତସ୍ୟ ଅତସ୍ତବେଦଂ ପ୍ରଶ୍ନାଦି ନ ମେଽଦ୍ଭୁତଂ । ୩୬ । ଇଦଂ

ଜଗଦ୍ବନ୍ଧରେ ବନ୍ଦୀ ନୃପେ । ତୁମ୍ଭର ଦର୍ଶନ ଅଭିଳଷେ ॥ ଶରଣ ଗଲେ ତୁମ୍ଭପାଦେ । ଦୁଃଖିଙ୍କ ସୁଖ ଚନ୍ଦ୍ରହ୍ରଦେ । ୩୧ । ଏହା ଜଣାନ୍ତେ ସଙ୍କଦୂତ । ନାରଦ ହେଲେ ଉପଗତ ॥ ପିଙ୍ଗଳ ଜଟାଭର ସାଜେ । ତେଜେର ଅଧିକେ ଗଜେ । ୩୨ । ସକଳ ଲୋକେଶ୍ୱରେଶ୍ୱର । କୃଷ୍ଣ ତାହାଙ୍କ ଅନ୍ତରେ ॥ ସବୁ ସଦସ୍ୟଗଣ ଯେତେ । ଉଠିଲେ ମୁନିଙ୍କୁ ଦେଖନ୍ତେ ॥ ପ୍ରଣମି ପୂଜା ବିଧାନରେ । ଆସନେ ବସାଇଲେ ପରେ । ସ୍ତବାରେ ମୁନିଙ୍କ ତୋଷିଲେ । କୃଷ୍ଣ ମଧୁରେ ବୋଲିଲେ । ୩୩-୩୪ । ମୁନି ଦେଖିଲ ତିନିଲୋକେ । ନିର୍ଭୟେ ଅଛନ୍ତି ତ ଲୋକେ ॥ ବିପୁରେ କରୁଛ ଭ୍ରମଣ । ଏହା ତୁମ୍ଭର ଶ୍ରେଷ୍ଠ ଗୁଣ । ୩୫ । ଈଶ୍ୱର ଗୁଳତ ସଦାରେ । ଅଜଣା କିବା ତୁମ୍ଭଠାରେ ॥ ଏଣୁ ତୁମ୍ଭଙ୍କୁ ପଚାରୁଛି । ପାଣ୍ଡବେ କିପ କରୁଛନ୍ତି । ୩୬ । ଶ୍ରୀ ନାରଦ ଉବାଚ । ମହାମହିମ ସର୍ବଭୂତେ । ନିଜ ଶକ୍ତିରେ ଭ୍ରମୁ ନିତ୍ୟେ ॥ ବିଶ୍ୱ ସୃଜନ୍ତୁଁ ମାୟାଧର । ତୋ ମାୟା ଅତି ଅଗୋଚର ॥ ସେ ମାୟା ବହୁ ଦେଖିଥାରେ । ପ୍ରକାଶ ଦେଖେଁ ମୁଁ ସଦାରେ ॥ ତେଜେ ଅଚ୍ଛନ୍ନ ବହ୍ନିପରି । ଗୋଚର ନୋହୁ ତୁ କାହାର ॥ ତୁ ଯାହା ପଚାରୁଛୁ

ଜ୍ଞାନାତ୍ମତଯ୍ୟାବଭାସତେ ତସ୍ମୈ ନମସ୍ତେ ସ୍ୱଲକ୍ଷଣାତ୍ମନେ । ୩୮ । ଜୀବସ୍ୟ ଯଃ ସଂସରତୋ ବିମୋକ୍ଷଣଂ ନ ଜାନତୋଽନର୍ଥବହାଚ୍ଛରୀରତଃ । ଲୀଳାବତାରୈଃ ସ୍ୱଯଶଃ ପ୍ରଦୀପକଂ ପ୍ରାଜ୍ୱାଲୟତ୍ତ୍ୱା ତମହଂ ପ୍ରପଦ୍ୟେ । ୩୯ । ଅଥାପ୍ୟାଶ୍ରାବୟେ ବ୍ରହ୍ମ ନରଲୋକବିଡମ୍ବନଂ । ରାଜ୍ଞଃ ପୈତୃଷ୍ୱସ୍ରେୟସ୍ୟ ଭକ୍ତସ୍ୟ ଚ ଚିକୀର୍ଷିତଂ । ୪୦ । ଯକ୍ଷ୍ୟତି ତ୍ୱାଂ ମଖେନ୍ଦ୍ରେଣ ରାଜସୂୟେନ ପାଣ୍ଡବଃ । ପାରମେଷ୍ଠ୍ୟକାମୋ ନୃପତିସ୍ତଦ୍‌ଭବାନନୁମୋଦତାଂ । ୪୧ । ତସ୍ମିନ୍ ଦେବ କ୍ରତୁବରେ ଭବନ୍ତଂ ବୈ ସୁରାଦୟଃ । ଦିଦୃକ୍ଷବଃ ସମେଷ୍ୟନ୍ତି ରାଜାନଶ୍ଚ ଯଶସ୍ୱିନଃ । ୪୨ । ଶ୍ରବଣାତ୍ କୀର୍ତ୍ତନାଦ୍ଧ୍ୟାନାତ୍ ପୂୟନ୍ତେଽନ୍ତେ-

ଜଗତ୍, କଥଂ ଭୂତଂ । ଅସଦେବ ଯତ୍ ତବ ମାୟୟା ବିଦ୍ୟାମାନାତ୍ମତଯ୍ୟା ଅବଭାସତେ ତଦ୍ଜଗତ୍ ସୃଜତଃ । କିନ୍ତୁ କେବଳମେବ ଭୂତ୍ୟଂ ନମନମେବ ଶକ୍ୟମିତ୍ୟାହ ତସ୍ମୈ ନମ ଇତି । କୁତଃ ସ୍ୱେନ ରୂପେଣ ସର୍ବତୋ ବିଲକ୍ଷଣାତ୍ମନେ ଇତ୍ୟନ୍ତର୍ଯାମିତ୍ୱେଽପ୍ୟର୍ଥଃ । ୩୮ । ନନ ଏବଂ ଭୂତସ୍ୟ କିଂ ମୟା ଚେଷ୍ଟିତୈରିତ୍ୟତଆହ ଜୀବସ୍ୟେତି । ଅବିଦ୍ୟା ତମସା ବୃତତ୍ୱେନ ଅନର୍ଥପ୍ରାପକାତ୍ ଶରୀରାତ୍ ସଂସରତଃ । ତେନୈବ ତମସା ତତ୍ମାଚ୍ଛରୀରାତ୍ ବିମୋକ୍ଷୋପାୟଂ ଅଜାନତଃ । ପ୍ରଜ୍ୱାଲୟତ୍ ପ୍ରଦୀପିତବାନ୍ । ତଂ ତ୍ୱା ତ୍ୱାଂ । ଯଶଃଶ୍ରବଣାଦିଭିର୍ଜୀବସ୍ୟ ମୋକ୍ଷାଥମିତ୍ୟର୍ଥଃ । ୩୯ । ତଥାପି ଶ୍ରାବୟେ ଶ୍ରାବୟିଷ୍ୟାମି । ନରଲୋକବିଡମ୍ବନଂ ବ୍ରହ୍ମ ତ୍ୱାଂ । ବ୍ରହ୍ମନ୍ନିତିପାଠେଽପି ହେ ବ୍ରହ୍ମନ୍ ପରମାତ୍ମନ୍ ନରଲୋକାନୁକାରଣଂ ତ୍ୱାଂ ଶ୍ରାବୟ-ଯୀତି ଶ୍ରାବୟେ ଶ୍ରାବୟିଷ୍ୟାମି । ୪୦-୪୧ । ନନ୍ୱନୈବାନୁମୋଦନଂ କାର୍ଯ୍ୟଂ କିନ୍ତୁ ତତ୍ରାଗନ୍ତବ୍ୟମିତ୍ୟାଶୟେନାହ ତସ୍ମିନ୍ନିତି । ୪୨ । ତତ୍ରାଗତାଶ୍ଚ ସର୍ବେ

ମୋତେ । ଅଭୂତ ନୁହେ ଏ ବସ୍ତୁରେ । ୩୭ । ନିଜମାୟାରେ ଏ ଜଗତ । ସୃଜ ନାଶନ୍ତୁ ନିତ୍ୟ ନିତ୍ୟ । ତୋ ଚେଷ୍ଟା ସମ୍ପୂର୍ଣ୍ଣ ଭାବରେ । ଏ ଜାଣିବ ଏ ସଂସାରେ । ଅସତ ହେଲେହେଁ ଜଗତ । ମାୟାରେ ଲାଗେ ସତ୍ୟମତ । ତେଣୁ ଅନ୍ତର୍ଯ୍ୟାମୀ ବୁଦ୍ଧ । ନମସ୍ତେ ପ୍ରଭୁ ଭବତ୍ରାହ୍ୟ । ୩୮ । ଅନର୍ଥମୟ ଏ ଶରୀର । ଜନମି ମରେ ବାରମ୍ବାର । ଏ ଦେହ ବନ୍ଧନୁଁ ମୁକତି । ଲଭିବା ଜୀବେ ନ ବୁଝନ୍ତି । ତୁମ୍ଭ ଲୀଳାରେ ଅବତରି । ଯଶ ପ୍ରଦୀପ ଜାଳି ହୃଦେ । ତାଙ୍କ ଦେଖାଅ ମୁକ୍ତିପଥ । ତୁମ୍ଭ ଶରଣ ମୋର ନିତ୍ୟ । ୩୯ । ହେ ବ୍ରହ୍ମ ନର ବ୍ୟବହାର—ବିଧାନେ କହେଁ ଶୁଣ ଗିର । ପିଉସୀ ପୁଅ ଯୁଧିଷ୍ଠିର । ରାଜାର ଯାହା ଅଛି ବିଚାର । ୪୦ । ପ୍ରଧାନ ଯାଗ ରାଜସୂୟେ । ତୁମ୍ଭଙ୍କୁ ପୂଜିବେ ସେ ସ୍ନେହେ । ହୋଇବେ ଇନ୍ଦ୍ରର ସମାନ । କର ହେ ତା ଅନୁମୋଦନ । ୪୧ । ତୁମ୍ଭଙ୍କୁ ଦେଖିବା ଆଶାରେ । ଦେବେ ମିଳିବେ ସେ ଯଜ୍ଞରେ । ଆବର ଯଶସ୍ୱୀ ନୃପତି । ଯେତେ ଥିବେ ଯଜ୍ଞ ଜାତି । ୪୨ । ତୋ ଗୁଣ ଶୁଣି ଗାଇ ଧ୍ୟାନ୍ତି । ଚଣ୍ଡାଳ ପବିତ୍ର ହୁଅନ୍ତି । ହେ ଈଶ ତୁମ୍ଭେ ବ୍ରହ୍ମମୟ । ଯେବା ଛୁଇଁବେ

ଜସାତ୍ୱିନଃ । ତବ ବ୍ରହ୍ମମଯ୍ୟୋଶ କ୍ରମୁଚେଷ୍ଟାଭ୍ରମର୍ଶିନଃ । ୪୩ । ଯସ୍ୟାମଳଂ ଦିବ ଯଶଃ ପ୍ରଥିତଂ ରସାୟାଂ ଭୂମୌ ଚ ତେ ଭୁବନମଙ୍ଗଳ ଦିଗ୍‌ବିତାନଂ । ମନ୍ଦାକିନୀତି ଦିବି ଭୋଗବତୀତି ଚାଧୋ ଗଙ୍ଗେତି ଚେହ ଚରଣାମ୍ବୁ ପୁନାତି ବିଶ୍ୱଂ । ୪୪ । ଶ୍ରୀଶୁକ ଉବାଚ ।—ଇତ୍ୟୁଦ୍ଧବେନାତ୍ୟନୁରକ୍ତଚେତସା ପୃଷ୍ଟୋ ଜଗତ୍କ୍ରୀଡନକଃ ସ୍ୱଶକ୍ତିଭିଃ । ଗୃହୀତମୂର୍ତ୍ତିତ୍ରୟ ଈଶ୍ୱରେଶ୍ୱରୋ ଜଗାଦ ସପ୍ରେମମନୋହରସ୍ମିତଃ ।

ପକ୍ଷେଷୁ ଗୃହ୍ଣନ୍ତୁ କରୀଷ୍ୟତ୍ସୁ । ବାଚଃ ପେଶୈଃ ସ୍ମୟନ୍ ଭୃତ୍ୟମୁଦ୍ଧବଂ ପ୍ରାହ କେଶବଃ । ୪୫ । ଶ୍ରୀ ଭଗବାନୁବାଚ ।—ତ୍ୱଂ ହି ନଃ ପରମଂ ଚକ୍ଷୁଃ ସୁହୃନ୍ମନ୍ତ୍ରାର୍ଥତତ୍ତ୍ୱବିତ୍ । ଅଥାତ୍ର ବ୍ରୂହ୍ୟନୁଷ୍ଠେୟଂ ଶ୍ରଦ୍ଧଧ୍ମଃ କରବାମ ତତ୍ । ୪୬ । ଇତ୍ୟୁପାମନ୍ତ୍ରିତୋ ଭର୍ତ୍ତ୍ରା ସର୍ବଜ୍ଞେନାପି ମୁଗ୍ଧବତ୍ । ନିଦେଶଂ ଶିରସାଧାୟ ଉଦ୍ଧବଃ ପ୍ରତ୍ୟଭାଷତ ।୪୭। ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମସ୍କନ୍ଧେ ଶ୍ରୀଭଗବତ୍

ଦ୍ଧର୍ଷନାଦନା ପୂତା ଭବଷ୍ୟନ୍ତୀତ୍ୟାହ ଶ୍ରବଣାଦୟ । ଅନ୍ତେବସାୟିନଃ ଶ୍ୱପଚ୍ ଅପି । ବ୍ରହ୍ମମୟସ୍ୟ ବ୍ରହ୍ମଘନମୂର୍ତ୍ତେଃ । ଈଷା ତ ଅଭିମର୍ଶଃ ଦର୍ଶନ ଛତୌ ଭବେୟତେ ଯେଷାଂ ତେ । ୪୩ । କୈମୁତ୍ୟମତଣସ୍ପେନାହ ଯସ୍ୟେତି । ହେ ଭୁବନାନାଂ ମଙ୍ଗଳରୂପ ଦିବ ପାତାଳେ ଭୂମୌ ଚ ପ୍ରଥିତଂ ଯସ୍ୟ ଯଶୋ ବିଶ୍ୱଂ ପୁନାତି । କଥଂ ପ୍ରଥିତଂ ଦିଗ୍‌ବିତାନଂ ଦିଗ୍ମଣ୍ଡଳାନାଂ ବିତାନବଦଳଂକରଣଂ ତଥା ଚରଣାମ୍ବୁ ଚ ପ୍ରଥିତଂ ପୁନାତି । କଥଂ ତତ୍ ପ୍ରଥିତଂ । ଦିବି ମନ୍ଦାକିନୀତି ଅଧଶ୍ଚ ଭୋଗବତୀତି ଇହ ଚ ଭୂମୌ ଗଙ୍ଗେତି । ତସ୍ୟ ତବାଗମନାତ୍ ସର୍ବଂ ମଙ୍ଗଳଂ ଭବିଷ୍ୟତୀତି ଭାବଃ । ୪୪ । ତତ୍ରୈବ ନାରଦୋକ୍ତଂ ତେଷୁ ବର୍ତ୍ତମାନେଷ ଅସ୍ମାସୁ ପକ୍ଷେଷୁ ଯାଦବେଷୁ ଜରାସନ୍ଧସ୍ୟ ଜିଗୀଷ୍ୟୋଃ ପକ୍ଷେଷୁ ଅନ୍ୟେଷୁ ଅଗନ୍ୟମାନେଷୁ ବାଚଃ ପେଶୈଃ ପେଶଳବାଗ୍‌ଭିରତ୍ୟର୍ଥଃ । ୪୫ । ତକ୍ଷୁଷ୍ଟେ ହେତୁଃ । ମନ୍ତ୍ରାର୍ଥାନାଂ ମନ୍ତ୍ରସାଧ୍ୟାନାଂ ତତ୍ତ୍ୱବିତ୍ ପରାପାକବେଦିତା । ୪୬-୪୭ ।

ତୁମ୍ଭ ଦେହ ॥ ଯେ ଅବା ପରଶିବେ ତହିଁ । ପବିତ୍ର ନୋହିବେ କ ସେହି । ୪୩ । ହେ ବିଶ୍ୱମଙ୍ଗଳ ତୁମ୍ଭର । ନିର୍ମଳ ଯଶ ପାସ୍ୱାର ॥ ସ୍ୱର୍ଗ ପାତାଳ ଧରିତ୍ରେ । ବ୍ୟାପିଛି ଏ ଦଶ ଦିଗରେ ॥ ଚରଣ ଧୌତ ଜଳବିନ୍ଦୁ । ସ୍ୱର୍ଗେ ମନ୍ଦାକିନୀ ହୋଇ ॥ ଧରାରେ ଗଙ୍ଗା ପାତାଳରେ । ଖ୍ୟାତ ଭୋଗବତୀ ନାମରେ ॥ ପବିତ୍ର କରଇ ତିପୁର । ତେଣୁ ସେ ଯଜ୍ଞେ ବିଜେକର । ୪୪ । ଶ୍ରୀଶୁକ ଉବାଚ ।—କୃଷ୍ଣ ପଛିସୁ ଯେତେ ଗାରେ । ବସିଥିଲେ ସେ ସୁଧର୍ମାରେ ॥ ଜରାସନ୍ଧକୁ ଜାଣିବାରେ । କାହାରି ମୁଖ ନ ବାହାରେ ॥ ତା ଦେଖି କୃଷ୍ଣ ହସି ଧୀରେ । ଉଦ୍ଧବେ କହନ୍ତି ମଧୁରେ । ୪୫ । ଶ୍ରୀ ଭଗବାନୁବାଚ ।—ତୁମ୍ଭେ ସୁହୃଦ ମୋ ନୟନ । ଯେଣ ମନ୍ତ୍ରଣା ଫଳ ଜାଣ ॥ ଏକାଳେ କର୍ତ୍ତବ୍ୟଟି କପ । କହ ମାନିବୁଁ ଉପଦେଶ ।୪୬। ଶ୍ରୀଶୁକ ଉବାଚ ।—ଏରୂପେ ସର୍ବଜ୍ଞ ଶ୍ରୀହରି । ପଚାରିବାରୁ ମୁଗ୍ଧପରି ॥ ଉଦ୍ଧବ ଆଜ୍ଞା ଶିରେ ବହି । କର୍ତ୍ତବ୍ୟ ମନ୍ତ୍ରଣା ଦିଅଇ ।୪୭।

Digitized by PPRACHIN, SOA

ପ୍ରସ୍ଥେ ନାମ ସପ୍ତତିତମୋଽଧ୍ୟାୟଃ । ୭୦ ।

ଏକସପ୍ତତିତମୋଽଧ୍ୟାୟଃ ।

ଶ୍ରୀଶୁକ ଉବାଚ ।—ଇତ୍ୟୁପାକର୍ଣ୍ଣ୍ୟ ଦେବର୍ଷେର୍ବଚୋ ଭଗବାନ୍ । ସଭ୍ୟାନାଂ ମତମାଜ୍ଞାୟ କୃଷ୍ଣସ୍ୟ ଚ ମହାମତିଃ । ୧ ।
ଶ୍ରୀ ଉଦ୍ଧବ ଉବାଚ ।—ଯଦୁକ୍ତମୃଷିଣା ଦେବ ସାଚିବ୍ୟଂ ଯକ୍ଷ୍ୟତସ୍ତ୍ୱୟା । କାର୍ଯ୍ୟଂ ପୈତୃଷ୍ୱସ୍ରେୟସ୍ୟ ରକ୍ଷା ଚ ଶରଣୈଷିଣାଂ । ୨ । ଯଷ୍ଟବ୍ୟଂ ରାଜସୂୟେନ ଦିକ୍‌ଚକ୍ରଜୟିନା ବିଭୋ । ଅତୋ ଜରାସୁତଜୟ ଉଭୟାର୍ଥୋ ମତୋ ମମ । ୩ । ଅସ୍ମାକଞ୍ଚ ମହାନର୍ଥୋ ହ୍ୟେତେନୈବ ଭବିଷ୍ୟତି । ଯଶଶ୍ଚ ତବ ଗୋବିନ୍ଦ ରାଜ୍ଞୋ ବଦ୍ଧାନ୍ ବିମୁଞ୍ଚତଃ । ୪ । ସ ବୈ ଦୁର୍ବିଷହୋ ରାଜା ନାଗାୟୁତସମୋ ବଲେ । ବଲିନାମପି ଚାନ୍ୟେଷାଂ ଭୀମଂ

ଇତି ଶ୍ରୀମଦ୍ଭାଗବତେ ଭାବାର୍ଥ ଦୀପିକାୟାଂ ଟୀକାୟାଂ ଦଶମସ୍କନ୍ଧେ ସପ୍ତତିତମୋଽଧ୍ୟାୟଃ । ୭୦ ।

ଅଥୈକ ସପ୍ତତିତମେ ଉଦ୍ଧବସ୍ୟ ତୁ ମନ୍ତ୍ରତଃ । ଇନ୍ଦ୍ରପ୍ରସ୍ଥଂ ଗତେ କୃଷ୍ଣେ ପାର୍ଥାନାଂ ପରମୋତ୍ସବଃ । ରାଜସୂୟମିଷଂ କୃତ୍ୱା ଭୀମଦୁର୍ଯୋଧନାଦୟ । କଲମୁତ୍ପାଦ୍ୟ ତଦ୍ଦ୍ୱାର ଭୂଭାରମହରତ୍ ପ୍ରଭୁଃ ॥ ଦେବର୍ଷେର୍ମତଂ ରାଜସୂୟଗମନଂ । ସଭ୍ୟାନାଂ ମତଂ ରାଜରକ୍ଷା, କୃଷ୍ଣସ୍ୟ ଚ ମତଂ । ୧ । ଯକ୍ଷ୍ୟତୋ ଯାଗଂ କରିଷ୍ୟତଃ । ପୈତୃଷ୍ୱସ୍ରେୟସ୍ୟ ପିତୃଷ୍ୱସୁଃ ପୁତ୍ରସ୍ୟ ସାଚିବ୍ୟଂ ସାହାଯ୍ୟଂ ତତ୍କାର୍ଯ୍ୟଂ ତଥା ଶରଣାର୍ଥିନାଂ ରାଜ୍ଞାଂ ରକ୍ଷା ଚ କାର୍ଯ୍ୟା । ୨ । ତତ୍ର ପ୍ରଥମଂ ରାଜସୂୟାର୍ଥଂ ଗନ୍ତବ୍ୟଂ ତତୋ ରାଜରକ୍ଷା କର୍ତ୍ତବ୍ୟା ଇତ୍ୟାହ ଯଷ୍ଟବ୍ୟମିତ୍ୟାଦିଭିଃ । ଅତୋ ଦିଗ୍‌ବିଜୟହେତୋଃ ଉଭୟାର୍ଥୋ ରାଜସୂୟାର୍ଥଃ ଶରଣାଗତରକ୍ଷାର୍ଥଶ୍ଚ । ୩-୪ । ଅନ୍ୟେଷ୍ୱପ୍ରକଟତ୍ୱା ସଦ୍ୟ ଏବ ଜରାସନ୍ଧଂ ହନ୍ତୁମିଚ୍ଛତୋ ଯାଦବାନାଂ ଲକ୍ଷ୍ୟାଦ୍ୱିପ ବା ଇତି ଅନ୍ୟେଷାଂ

ମନ୍ତ୍ରଣା ସତ୍ୟ ହରିଙ୍କର । ରାଜାଙ୍କ ପକ୍ଷେ ହିତ ଛାର ॥ ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ସପ୍ତତିତମୋଽଧ୍ୟାୟଃ । ୭୦ ।

ଶ୍ରୀଶୁକ ଉବାଚ । କୃଷ୍ଣଙ୍କ ଶୁଣିଲେ ସଭ୍ୟଙ୍କର । ମତ ମଣି ସେ ମନ୍ତ୍ରୀବର ॥ ନାରଦ ପ୍ରସ୍ତାବକୁ ଧରି । ଉତ୍ତର ଦିଅନ୍ତି ବିସ୍ତରି । ୧ ।
ଶ୍ରୀ ଉଦ୍ଧବ ଉବାଚ । ଯୁଧିଷ୍ଠିରଙ୍କ ପାଶେ ଯାଇ । କାର୍ଯ୍ୟ କରିବ ମନ୍ତ୍ରୀ ହୋଇ ॥ ନାରଦ ଏକଥା କହନ୍ତି । ରାଜାଏ ଶରଣ ମାଗନ୍ତି ॥ ଏଣୁ ଏ ଉଭୟ କର୍ତ୍ତବ୍ୟ । ସାଧିବା ମୋ ମତ ମାଧବ । ୨ । ଯେ ରାଜସୂୟ ଆଚରିବ । ଦିଗ ବିଜୟ ସେ କରିବ ॥ ଜରାସନ୍ଧକୁ ଏଣୁ ଜିଣି । ଉଭୟ ସାଧ ଯଦୁମଣି । ୩ । ଅବନି ନୃପେ ମୁକ୍ତ ହେବେ । ତୁମ୍ଭର ଯଶ ସେ ଗାଇବେ ॥ ପ୍ରଥମେ ଏହି କାର୍ଯ୍ୟ ସାର । ଏ ଯାଏ ପକ୍ଷେ ଲାଭକର । ୪ ।

ବ୍ରହ୍ମଣୋଽଭ୍ୟର୍ଥିତୋ ବପ୍ରେ ର୍ନ ପ୍ରତ୍ୟାଖ୍ୟାତ ଚହିତତ୍ର । ୭ ।
ସମବଲଂ ବନା । ୫ । ଦ୍ୱୈରଥେ ପ ବୁ କେତବ୍ୟୋ ମା ଶତାକ୍ଷୌହଣୀଯୁତଃ । ବ୍ରହ୍ମଣୋଽଭ୍ୟର୍ଥିତୋ ବପ୍ରେ ର୍ନ ପ୍ରତ୍ୟାଖ୍ୟାତ ଚହିତତ୍ର । ୬ ।
ବ୍ରହ୍ମବେଷଧରୋ ଭୂତ୍ୱା ତଂ ଭିକ୍ଷେତ ବୃକୋଦରଃ । ହନଷ୍ୟତ ନ ସନ୍ଦେହୋ ଦ୍ୱୈରଥେ ତବ ସନ୍ନିଧୌ । ୭ । ନିମିତ୍ତଂ ପରମୀଶସ୍ୟ ବିଶ୍ୱସର୍ଗ-
ନିରୋଧୟୋଃ । ହିରଣ୍ୟଗର୍ଭଃ ଶର୍ବଶ୍ଚ କାଳସ୍ୟାରୂପିଣସ୍ତବ । ୮ । ଗାୟନ୍ତି ତେ ବିଶଦ କର୍ମ ଗୃହେଷୁ ଦେବ୍ୟୋ । ରାଜ୍ଞାଂ ସ୍ୱଶତ୍ରୁବଧମାତ୍ମ-

ତତୋ ବଳନାମପି ଯଦ୍ୟପି ସମବଳ ଏବ ସ୍ୱାମସ୍ତଥାପି ତଂ ବନା ସ୍ୱାମତୋ ତସ୍ୟ ମୃତ୍ୟୁ ର୍ବିହିତ ଇତି ଭାବଃ । ୫ । ନନୁ ସ୍ୱବଳସାମର୍ଥ୍ୟେପି
ସେନାବଳଂ ତସ୍ୟାଧିକମିତି ଚେଦତ ଆହ ଦ୍ୱୈରଥ ଇତି । ଦ୍ୱନ୍ଦ୍ୱଯୁଦ୍ଧେ । ଶତେନାକ୍ଷୌହିଣୀଭିଯୁତୋ ମାଗଧୋ ମା ଜେତବ୍ୟ ଇତ୍ୟର୍ଥଃ ।
ନନ୍ୱସୌ ସ୍ୱସୈନ୍ୟମେବ ଯଦ୍ୱାସ୍ମୁ ନିଯୁଞ୍ଜୀତ କୁତସ୍ତେନ ଦ୍ୱୈରଥମିତ ଆହ ବ୍ରହ୍ମଣ୍ୟ ଇତି । ନ ପ୍ରତ୍ୟାଖ୍ୟାତି ନ ନିରାକରୋତି । ୬ । ଭିକ୍ଷେତ
ଦ୍ୱନ୍ଦ୍ୱଯୁଦ୍ଧଂ ଯାଚତାଂ ତଥାପି ସମବଳତ୍ୱାତ୍ ସାମ୍ୟମେବ ସ୍ୟାଦତ ଆହ ତବ ସନ୍ନିଧାବିତି । ୭ । ନନ୍ୱକର୍ତ୍ତୃତ୍ୱାତ୍ତୋ ମମ ସାନ୍ନିଧ୍ୟାତ୍ କଂ ସ୍ୟାଦତ
ଆହ ନିମିତ୍ତମିତି । ଅସମର୍ଥଃ ଯଥା ତବାରୂପସ୍ୟ କାଳାତ୍ମନୋ ବିଶ୍ୱସର୍ଗେ ନିମିତ୍ତଂ କେବଳଂ ହିରଣ୍ୟଗର୍ଭ ସ୍ତଥା ଶର୍ବଶ୍ଚ ତନ୍ନିରୋଧେ ଅଥାତ
ତ୍ୱମେବ ସନ୍ନିଧିମାତ୍ରେଣ ହନ୍ତା ଭୀମୋ ନିମିତ୍ତମାତ୍ରମିତି । ୮ । ଅତୋଽନେନୋପାୟେନ ହତ୍ୱା ସ ଶୀଘ୍ରଂ ହନ୍ତବ୍ୟ ଇତ୍ୟାଶୟେନାହ
ଗାୟନ୍ତୀତି । ନବସନ୍ଧ ରାଜ୍ଞାଂ ଦେବ୍ୟଃ ପତ୍ନ୍ୟସ୍ତେ ବିଶଦଂ କର୍ମ ସ୍ୱଗୃହେଷୁ ବାଳକଲାଳନାଦୌ ଗାୟନ୍ତି । କିଂ ତତ୍ କର୍ମ ସ୍ୱଶତ୍ରୋ-
ର୍ଜରାସନ୍ଧସ୍ୟ ବଧଂ ଆତ୍ମନାଂ ପତ୍ନୀନାଂ ବିମୋକ୍ଷଣଞ୍ଚ । ବୟ ମା ଯେଷାଃ କୃଷ୍ଣ ଏବ ଜରସ୍ୟତି । ଅତ ଦୃଷ୍ଟାନ୍ତଃ ଗୋପ୍ୟଶ୍ଚେତ୍ୟାଦୟଃ । ଯଥା

ନ ଅମୃତ ଗଜ ବଳତାର । ଅତି ଦୁର୍ଦ୍ଦାନ୍ତ ନରେଶ୍ୱର ॥ ସବୁ ବଳସ୍ତେ ସେ ବଳଇ । ସ୍ୱାମ ତା ସମାନ ଦିଶଇ । ୫ । ଅସଂଖ୍ୟ ସୈନ୍ୟେ
କଣିବ । ମାଲ ଯୁଦ୍ଧରେ ସେ ମରିବ ॥ ବ୍ରାହ୍ମଣ ସେବୀ ସେ ଅଟଇ । ମାଗିବା ବସ୍ତୁ ନ ଫେରଇ ॥ ସେ ବସ୍ତ୍ରକୁ ବସ୍ତୁ ଦେବେ । ଯାହା ମାଗନ୍ତି
ଦଏ ତେବେ । ୬ । ସ୍ୱାମ ବ୍ରାହ୍ମଣ ବେଶ ବହି । ଭିକ୍ଷା ମାଗିବେ ତାକୁ ଯାଇ ॥ ତୁମ୍ଭ ସନ୍ନିଧି ପାଇ ରଣେ । ନଷ୍ଟେ ନାଶିବେ ତାକୁ ପ୍ରାଣେ ।୭।
କାଳ ସ୍ୱରୂପେ ତୁମ୍ଭେ ଥାଇ । ବିଶ୍ୱ ସଙ୍ଗନେ ଇଚ୍ଛା ବହି ॥ ହିରଣ୍ୟଗର୍ଭଙ୍କୁ ଯେସର । ତହିଁ ନିମିତ୍ତ ଥାଅ କର ॥ ପ୍ରଳୟେ ଶିବଙ୍କୁ ଯେସନ ।
ନିମିତ୍ତ ମାତ୍ର ଥାଅ କର ॥ ତେସନେ ସ୍ୱାମଙ୍କୁ ନିମିତ୍ତ । କର ତାହାକୁ କର ହତ । ୮ । ବନ୍ଦ ରାଜାଙ୍କ ରାଣୀମାନେ । ସ୍ୱଗୃହେ ସନ୍ତାନ ପାଳନେ ॥
ସ୍ୱଶତ୍ରୁ ବଧ ସ୍ୱାମି ମୁକ୍ତି । ଗାଇବେ ତୁମ୍ଭ ଶୁଭ କୀର୍ତ୍ତି ॥ ଶଙ୍ଖଚୂଡ଼ାଦ ବଧ କୀର୍ତ୍ତି । ଗୋପୀଏ ଯେସନେ ଗାଆନ୍ତି ॥ ରାବଣ ହନ୍ତ୍ର ଜାନକୀର । କୁମ୍ଭୀର

ବମୋକ୍ଷଣେ । ଗୋପ୍ୟଶ୍ଚ କୁଞ୍ଜରପତେ ଜନକାତ୍ମଜାଦ୍ୟାଃ ପିତ୍ରୋଶ୍ଚ ଲବ୍ଧଶରଣା ମୁନୟୋ ବୟଞ୍ଚ । ୯ । ଜରାସନ୍ଧବଧଃ କୃଷ୍ଣ ଭୂର୍ଯ୍ୟର୍ଥାୟୋପ-କଳ୍ପ୍ୟତେ । ପ୍ରାୟଃ ପାକବପାକେନ ତବ ଚାଭିମତଃ କ୍ରତୁଃ । ୧୦ । ଶ୍ରୀଶୁକ ଉବାଚ । ଇତ୍ୟୁଦ୍ଧବ ବଚୋ ରାଜନ୍ ସର୍ବତୋ ଭଦ୍ରମଚ୍ୟୁତଂ । ଦେବର୍ଷିର୍ଯଦୁବୃଦ୍ଧାଶ୍ଚ କୃଷ୍ଣଶ୍ଚ ପ୍ରତ୍ୟପୂଜୟନ୍ । ୧୧ । ଅଥାଦିଶତ୍ ପ୍ରୟାଣାୟ ଭଗବାନ୍ ଦେବକୀସୁତଃ । ଭୃତ୍ୟାନ୍ ଦାରୁକଜୈତ୍ରାଦୀନନୁଜ୍ଞାପ୍ୟ-ଗୁରୂନ୍ ବିଭୁଃ । ୧୨ । ନିର୍ଗମୟ୍ୟାବରୋଧାନ୍ ସ୍ୱାନ୍ ସସୁତାନ୍ ସପରିଚ୍ଛଦାନ୍ । ସଙ୍କର୍ଷଣମନୁଜ୍ଞାପ୍ୟ ଯଦୁରାଜଂ ଚ ଶତ୍ରୁହନ୍ । ସୂତୋପନୀତଂ ସ୍ୱରଥ-ମାରୁହଦ୍ଗରୁଡଧ୍ୱଜଂ । ୧୩ । ତତୋ ରଥଦ୍ୱିପଭଟସାଦିନାୟକୈଃ କରାଳୟା ପରିବୃତ ଆତ୍ମସେନୟା । ମୃଦଙ୍ଗଭେର୍ଯ୍ୟାନକଶଙ୍ଖଗୋମୁଖୈଃ

ଗୋପ୍ୟଃ ଶଙ୍ଖଚୂଡ଼ବଧଂ ସ୍ୱମୋକ୍ଷଞ୍ଚ ଗାୟନ୍ତୁ । ଏବତାଭ୍ୟନ୍ତରଗଜଂ କୁଞ୍ଜରପତେ ଗ୍ରାହାତ୍ । ଜନକାତ୍ମଜାଦ୍ୟାଃ ରାବଣାତ୍ ପିତ୍ରୋଂଶ୍ଚ କଂସଗୃହା-ନ୍ମୋକ୍ଷଂ । ଅନ ଏବମ୍ଭୂତାନାଂ ତାସାଂ କୃପଣା ତ୍ୱୟା ତଥୈବ କର୍ତ୍ତବ୍ୟମିତି ଭାବଃ । ୯ । କିଞ୍ଚ ଜରାସନ୍ଧବଧ ଇତି ଭୂର୍ଯ୍ୟଥାୟେତ୍ତି । ତତଃ ଶିଶୁ-ପାଳବଧାଦୟୋଽପି ସୁଖସାଧ୍ୟା ଭବିଷ୍ୟନ୍ତୀତି ଭାବଃ । ଏତତ ଦ୍ୱୟଂ ଭବିଷ୍ୟତୋତ୍ପବେତି ସମ୍ଭାବନୟାହ ପ୍ରାୟ ଇତି । ପଠ୍ୟତ ଇତି ପାକଃ କର୍ମ ତସ୍ୟ ବିପାକଃ ଫଳଂ ତେନ ସଙ୍ଗ୍ୟଂ ପୁଣ୍ୟବିପାକେନ ଜରାସନ୍ଧାଦୀନାଂ ପାପବିପାକେନେତି । ପାଠାନ୍ତରେ ଜରାସନ୍ଧସ୍ୟ ପାପବିପାକେନେତି । ତେନାପ୍ୟୁ ଏତତ୍ସର୍ବାଭିପ୍ରେତଃ । ତବ ଗତେ ବୃଦ୍ଧି ସର୍ବଂ ଭବିଷ୍ୟତୀତ୍ୟର୍ଥଃ । ୧୧ । ଅନୁଜ୍ଞାପ୍ୟ ଅନୁଜ୍ଞାଂ ପ୍ରାର୍ଥ୍ୟ ଗୁରୂନ୍ ବସୁଦେବାଦୀନ୍ । ୧୨ । ଅବରୋଧାନ୍ ସ୍ୱାନ୍ ଦାରାନ୍ ନିର୍ଗମୟ୍ୟ ପ୍ରସ୍ଥାପ୍ୟ କାରୟିତ୍ୱା । ୧୩ । ଭଟାଃ ପଦାତୟଃ ସାଦିନୋ ଅଶ୍ୱାରୋହାଃ ରଥାଦିନାୟକୈଃ କରାଳୟା

କବଳୁଁ ଗଜର । କଂସ ହସ୍ତରୁ ପିତା ମାତା । ଉଦ୍ଧାର କରିବା ବାରତା ॥ ଯେସନେ ମୁନୀଗଣ ଭୁଲେ । ଆମ୍ଭେ ଗାଉଛୁଁ କୁରୁହଳେ । ୯ । ଶ୍ରୀକୃଷ୍ଣ ଜରାସନ୍ଧ ମାର । ବହୁତ ହେବ ଉପକାର ॥ ନୃପଙ୍କ ପାପ ଶେଷ ହେବ । ତା ପାପ ଫଳ ସେ ଭୁଞ୍ଜିବ ॥ ତଦନ୍ତେ ତୁମ୍ଭ ଇଚ୍ଛା ମତେ । ଯଜ୍ଞ ସାଧିବ ଯଥୋଚିତେ । ୧୦ । ଶ୍ରୀଶୁକ ଉବାଚ । ଏମନ୍ତେ ଉଦ୍ଧବ ବଚନ । ଶୁଣି ଅଲଙ୍ଘ୍ୟ ଉତ୍ତମ ॥ କୃଷ୍ଣଙ୍କ ଭୁଲେ ଯଦୁବୃନ୍ଦେ । ନାରଦ ହେଉ କଲେ ମୋଦେ । ୧୧ । ଗୁରୁଜନଙ୍କୁ ଜଣାଇଲେ । ଶ୍ରୀକୃଷ୍ଣ ଯାତ୍ରା ସ୍ଥିରକଲେ ॥ ଦାରୁକ କୈବାଦ ଭୃତ୍ୟଙ୍କୁ । କହିଲେ ସଜ୍ଜିତ ହେବାକୁ । ୧୨ । ବେଶ ଭୂଷଣେ ପ୍ରଭୁ ଶୋଭା । ମନ୍ତ୍ରି ପ୍ରଥମେ ପେଷିସାର ॥ ଜଣାଇ ରାମ ଉଗ୍ରସେନେ । ସରଥ ଅଣନ୍ତେ ତକ୍ଷଣେ ॥ ଗରୁଡ ଧ୍ୱଜ ରଥେ ବସି । ବାହାର ହେଲେ ଶତ୍ରୁନାଶି । ୧୩ । ତଦନ୍ତେ ଅଶ୍ୱାରୋହୀ ରଥୀ । ଗଜଆରୋହୀ ଓ ପଦାତି ॥ ସେନାପତିଙ୍କ ସହିତରେ । କରାଳ

Digitized by PPRACHIN, SOA

ସ୍ତପୋଷପୋଷିତ୍ର (୭) କଲୁଷେ କରକମତ୍ର । ୧୪ । ନୃବାଜକାଞ୍ଚନଶିବିକାଭିରବ୍ୟୈତଂ ପଥାସ୍ଥକା ପଞ୍ଚମନସୁବ୍ରତା ଯଯୁଃ । ବସ୍ତ୍ରମ୍ବସ-
ଙ୍କରଣବଲେପନସ୍ରକ୍ଷଃ ସୁସଦ୍ବୃତା ନୃଭିରସିଚର୍ମଧାଶିଭିଃ । ୧୫ । ନରୋଷ୍ଟ୍ରଗୋମହିଷଖରାଶ୍ୱତର୍ଯାନଃକରେଣୁଭିଃ ପରିଜନବାରଯୋଷିତଃ ।
ସ୍ୱଲଙ୍କୃତା କଞ୍ଚୁକିକମ୍ବଳାମ୍ବର ଦୁଂପସ୍ତର ସମ୍ବରଧସୁଜ୍ୟ ବ୍ରଜତଃ । ୧୬ । ବଲଂ ବୃହଦ୍ଧ୍ୱଜପଟଛତ୍ରଚାମରୈର୍ବରାୟୁଧାଭରଣକିରୀଟବର୍ମଭିଃ ।
ଦିବାଂଶୁଭିସ୍ତୁମୂଳରବଂ ବଭୌ ରବେର୍ଯଥାର୍ଣ୍ଣବଂ କ୍ଷୁଭିତତିମିଙ୍ଗିଳୋର୍ମ୍ମିଭିଃ । ୧୭ । ଅଥୋ ମୁନିର୍ଯଦୁପତିନା ସଭାଜିତଃ ପ୍ରଣମ୍ୟ ତଂ ହୃଦ ଭବ-
ଧବ୍ଯଧାୟସା । ନିଶମ୍ୟ ତଦ୍ୟବସିତମାହୃତାର୍ହଣୋ ମୁକୁନ୍ଦସନ୍ଦର୍ଶନନିର୍ବୃତେନ୍ଦ୍ରିୟଃ । ୧୮ । ରାଜଦୂତମୁବାଚେଦଂ ଭଗବାନ୍ ପ୍ରୀଣୟନ୍

ତାବସ୍ଥା ଆତ୍ମସେନସ୍ଥା ପରବୃତୋ କରକମତ୍ର କରଗାତ୍ର । ଲୁତଃ ସକାଶାତ୍ର ମୃଦଙ୍ଗାଦ୍ୟୈର୍ଙ୍କାଦ୍ୟୈଃ ପ୍ରଘୋଷେଣ ଘୋଷିତାସ୍ତୁଃ କାଲୁଭଃ ।୧୪।
ନୃବାଜୀତ ନୃବାକଭିଃ ନରଯାନୈରର୍ଣ୍ଣିଷ୍ଟ କାଞ୍ଚନଶିବିକାଭିଷ୍ଟ ଅନ୍ୱୟତଂ ପଞ୍ଚମନୁଯସ୍ତୁଂ । ସୁବ୍ରତାଃ ପତିବ୍ରତାଃ ବସ୍ତ୍ରାଣି ବହୁମୂଲ୍ୟାନି ଅମ୍ବରାଣି
ଯାସାଂ ତାଃ । ୧୫ । ନରୋଷ୍ଟ୍ରାଦିଭିର୍ଯାନୈଃ ଅଶ୍ୱତରୀ ଗର୍ଦ୍ଦଭାମଧ୍ୟାକ୍କାତା ଅନଃ ଶକଟଂ କରେଣୁର୍ଗଜୀ ପରିଜନଯୋଷିତୋ ବାରଯୋଷିତଶ୍ଚ
କଞ୍ଚୁକ୍ୟୁଃ ଉଶୀରଦତୃଣନିର୍ମିତଗୃହାଃ କମ୍ବଳାମ୍ବରଦସ୍ତ୍ରଷ୍ଟ ଉପସ୍ତର କୁଣ୍ଡ୍ୟାଦରୁଆ ପାପାଂ ତାଃ ଅଧିଯୁଜ୍ୟ ବଲବର୍ଦ୍ଧାଦଷୁ ତାନ୍ ଉପସ୍କରାନ୍ ଦୃଢ଼ଂ
ସନ୍ନହ୍ୟ । ୧୬ । ରବେରଂଶୁଭିଷ୍ଟ ତବଲଂ ଦବା ବଭୌ । କଥମ୍ଭୂତଃ ତୁମୂଳରବଂ ଆକୁଳସ୍ୱନଂ କ୍ଷୁଭିତୈଃ ତିମିଙ୍ଗିଳୈରୁର୍ମ୍ମିଭିଷ୍ଟ । ୧୭ । ମୁନ-

ର୍ଦ୍ଧୈନ୍ୟ ସେନ ଧୀରେ । ଅନେକ ମୃଦଙ୍ଗ ଗୋମୁଖ । ବଜାଇ ତୁରୀ ଭେରୀ ଶଙ୍ଖ । ଦଶ ଉଚ୍ଛାଳ ବାଦ୍ୟ ନାଦେ । ଚଳିଲେ ହସ୍ତିନାକୁ ମୋଦେ
।୧୪। ନର ଅବର ଅଶ୍ୱଯାନେ । ସୁବର୍ଣ୍ଣ ଶବାଗ୍ରରେ କ୍ରମେ । ଉତ୍ତମ ବସନ ଭୂଷଣେ । କୁସୁମ ହାର ସୁଲେପନେ ॥ ଭୂଷିତ ହୋଇ ସୁବହୁଲେ ।
କୃଷ୍ଣ ନାରୀଏ ବାହାରିଲେ ॥ ଝଡଗ ଢାଲ କରେ ଧରି । ସୈନ୍ୟେ ଗୌଦ୍ଦଗ ଯାନ୍ତି ପେଛ । ୧୫ । ବାରନାରୀଏ ପରିଜନେ । କମ୍ବଳ ସମ୍ବଳ
ବହନେ ॥ ଓଟ ଗୋ ମହିଷ ନରରେ । ଗଧ ଖଚର ଶକଟରେ ॥ ହାରୁଣୀ ପୃଷ୍ଠେ ଲଦିଦେଲେ । ଯେ ଯାହା ମତେ ବାହାରିଲେ ।୧୬। ବୃହତ
ଧ୍ୱଜ ଛତ୍ରପଟ । ଉଜ୍ଜ୍ୱଳ ଅସ୍ତ୍ରୀ କିରୀଟ ॥ ଚାମର ବର୍ମ ଆଭରଣେ । ସ୍ୱଚ୍ଛବେ ଉଜ୍ଜ୍ୱଳ ସଇନେ । ରବି କିରଣେ ଅଧିକରେ । ତେଜସ୍ୱୀ ଦଶନ୍ତ
ପଥରେ ॥ ଲହରୀ କୁମ୍ଭୀର ମକରେ । ଯୁଭିତ ସାଗର ପ୍ରକାରେ । ଚଳନ୍ତି ଘୋର ଶବ୍ଦ କରି । କମ୍ପାଇ ଧରା ବନ ଗିରି ।୧୭। ନାରଦ କୃଷ୍ଣ ପୂଜା
ପ୍ରେନ । କୃଷ୍ଣଙ୍କୁ ମାନସେ ପ୍ରଣମି ॥ କୃଷ୍ଣଙ୍କ ମନ୍ତ୍ରଣା ଶୁଣିଲେ । ଦର୍ଶନେ ଇନ୍ଦ୍ରିୟ ତୋଷିଲେ । ଆକାଶେ ଗଲେ ଋଷିବର । ବଦାମ୍ବ ସେନ କୃଷ୍ଣ-

Digitized by PPRACHIN, SOA

ଗିସ୍ । ମାଭୈଷ୍ଟ ଦୂତ ଭଦ୍ରଂ ବୋ ଘାତୟିଷ୍ୟାମି ମାଗଧଂ । ୧୯ । ଇତ୍ୟୁକ୍ତଃ ପ୍ରସ୍ଥିତୋ ଦୂତୋ ଯଥାବଦ୍ଦବଦନ୍ନୃପାନ୍ । ତେଽପି ସନ୍ଦର୍ଶନଂ ଶୌରେଃ ପ୍ରତ୍ୟୈକ୍ଷନ୍ ଯନ୍ମୁମୁକ୍ଷବଃ । ୨୦ । ଆନର୍ତ୍ତସୌବୀରମରୂଂସ୍ତୀର୍ତ୍ତ୍ୱା ବିନଶନଂ ହରିଃ । ଗିରୀନ୍ ନଦୀରତୀୟାୟ ପୁରଗ୍ରାମବ୍ରଜାକରାନ୍ । ୨୧ । ତତୋ ଦୃଷଦ୍ୱତୀଂ ତୀର୍ତ୍ତ୍ୱା ମୁକୁନ୍ଦୋଽଥ ସରସ୍ୱତୀମ୍ । ପାଞ୍ଚାଲାନଥ ମତ୍ସ୍ୟାଂଶ୍ଚ ଶକ୍ରପ୍ରସ୍ଥମଥାଗମତ୍ । ୨୨ । ତମୁପାଗତମାକର୍ଣ୍ୟ ପ୍ରୀତୋ ଦୁର୍ଦ୍ଦର୍ଶନଂ ନୃଣାମ୍ । ଅଜାତଶତ୍ରୁର୍ନିରଗାତ୍ସୋପାଧ୍ୟାୟଃ ସୁହୃଦ୍‌ବୃତଃ । ୨୩ । ଗୀତବାଦିତ୍ରଘୋଷେଣ ବ୍ରହ୍ମଘୋଷେଣ ଭୂୟସା । ଅଭ୍ୟୟାତ୍ ସ ହୃଷୀକେଶଂ ପ୍ରାଣାଃ ପ୍ରାଣମିବାଦୃତଃ । ୨୪ । ଦୃଷ୍ଟ୍ୱା ବିକ୍ଲିନ୍ନହୃଦୟଃ କୃଷ୍ଣଂ ସ୍ନେହେନ ପାଣ୍ଡବଃ । ଚିରାଦ୍ଦୃଷ୍ଟଂ ପ୍ରିୟତମଂ ସସ୍ୱଜେଽଥ ପୁନଃ ପୁନଃ । ୨୫ । ଦୋର୍ଭ୍ୟାଂ ପରିଷ୍ୱଜ୍ୟ ରମାମଲାଳୟଂ ମୁକୁନ୍ଦଗାତ୍ରଂ ନୃପତିର୍ହତାଶୁଭଃ । ଲେଭେ ପରାଂ ନିର୍ବୃତିମଶ୍ରୁଲୋଚନୋ ହୃଷ୍ୟତ୍ତନୁର୍ବିସ୍ମୃତଲୋକ

ନୀରଦୋ ବହ୍ନାଦ୍ୟଃ ଯଦାଽତ ଶେଷଃ । ୧୮ । ମାଭୈଷ୍ଟେନ ବନ୍ଧୂନ୍ ସକାଭ୍ୟାସେଣ । ୧୯ । ପ୍ରତ୍ୟୈକ୍ଷନ ପ୍ରତୀକ୍ଷନ୍ତ ହରି ଯସ୍ମାତ୍ ମୁମୁକ୍ଷବଃ । ୨୦ । ଆନର୍ତ୍ତାଦୟୋ ମାର୍ଗସ୍ଥଦେଶା ତାଂସ୍ତୀର୍ତ୍ତ୍ୱା ଅତିକ୍ରମ୍ୟ ବିନଶନଂ କୁରୁକ୍ଷେତ୍ରଂ ଅତୀୟାୟ ଅତିକ୍ରମ୍ୟ ଯଯୌ । ୨୧ । ଶକ୍ରପ୍ରସ୍ଥଂ ଇନ୍ଦ୍ରପ୍ରସ୍ଥଂ । ୨୨-୨୩ । ପ୍ରାଣା ଇନ୍ଦ୍ରିୟାଣି ପ୍ରାଣଂ ମୁଖ୍ୟଂ ପ୍ରାଣମିବ । ୨୪ । ସସ୍ୱଜେ ଧରେରେ । ୨୫ । ରମାୟା ଅମଳଂ ନିର୍ଦ୍ଦୋଷମାଳୟଂ

ଘର । ୧୮ । ମଧୁର ବାକ୍ୟେ ସଜନ୍ତରେ । ବଦାୟି ଦେଲେ ଅତ ପ୍ରୀତେ । ବନ୍ଧୁଲେ ମାଗଧେ ନାଶିବ । ଭୟ ନକର ମୁକ୍ତି ଦେବ । ୧୯ । ଏରୂପେ ଦୂତ ଚଳିଗଲା । ନୃପମାନଙ୍କୁ ଜଣାଇଲା । କୃଷ୍ଣଙ୍କୁ ଦେଖିବେ ସେ ଗୃଧ୍ନ । ଯେଣ ଉତ୍କଣ୍ଠା ମୁକ୍ତି ପାଇଁ । ୨୦ । ଅନର୍ତ୍ତ ସୌବୀର ମରୁକୁ । ଅତିକ୍ରମି କୁରୁକ୍ଷେତ୍ରକୁ । ଗ୍ରାମ ନଗର ଗିରି ନଦୀ । ବ୍ରଜ ଆକର ଚଳେ ଭେଦି । ୨୧ । ଦୃଷଦ୍ୱତୀ ସରସ୍ୱତୀ । ମତ୍ସ୍ୟ ପାଞ୍ଚାଳ ଦେଶ ଦେଇ । ମିଳିଲେ ଇନ୍ଦ୍ରପ୍ରସ୍ଥେ ଯାଇ । ୨୨ । ଦର୍ଶନ ଦୁର୍ଲଭ ଯାହାର । ଶୁଣନ୍ତେ ଅଧିବା ତାଙ୍କର । ସୁହୃଦ ଉପାଧ୍ୟାୟେ ବୃତେ । ଶ୍ରୀ ଯୁଧିଷ୍ଠିର ବାହାରନ୍ତେ । ୨୩ । ଅନେକ ଶୁଭ ଗୀତବାଦ୍ୟ । ବ୍ରାହ୍ମଣେ ପାଠକଲେ ବେଦ । ଇନ୍ଦ୍ରିୟେ ପ୍ରାଣକୁ ଆଦରେ । ଯେବେ ବଳେ ଯେ ଉଠାଇବେ । ହୃଷୀକେଶଙ୍କୁ ଦେଖିମିନ୍ତେ । ପଶ୍ଚାତେ ଚଳେ ସେ ନୃପତ । ୨୪ । ବହୁତ ଦିନେ କୃଷ୍ଣେ ଦେଖି । ହୃଦୟ ଆନନ୍ଦେ ଭାଷିଲେ । ପ୍ରେମେ କୃଷ୍ଣଙ୍କୁ ପୁଣି ପୁଣ । ଆଲିଙ୍ଗିଲେ ସେ ନରବର । ୨୫ । ଲକ୍ଷ୍ମୀଙ୍କ ନିର୍ମଳ ଆଶ୍ରୟ । ଅଟେ ଯେ ମୁକୁନ୍ଦଙ୍କ ଦେହ । ନୃପତି ତାକୁ ଆଲିଙ୍ଗିଲେ । ସକଳ ପାପ ନାଶିଲେ । ନୟନ ଅଶ୍ରୁ ପୂର୍ଣ୍ଣ ହେଲା । ଶରୀରେ ରୋମାଞ୍ଚ କଲା । ପରମ ଶାନ୍ତି ପାଇଲେ । ସଂସାର ଦୁଃଖ ନଷ୍ଟ-

ସମ୍ଭ୍ରମଃ । ୨୫ । ତଂ ମାତୁଳେୟଂ ପରିଷ୍ୱଜ୍ୟ ନିର୍ବୃତୋ ଭୀମଃ ସ୍ମୟନ୍ ପ୍ରେମଜଳାକୁଳେନ୍ଦ୍ରିୟଃ । ଯମୌ କିରୀଟୀ ଚ ସୁହୃତ୍ତମଂ ମୁଦା ପ୍ରବୃଦ୍ଧବାଷ୍ପାଃ ପରିରେଭିରେଽଚ୍ୟୁତଂ । ୨୬ । ଅର୍ଜ୍ଜୁନେନ ପରିଷ୍ୱକ୍ତୋ ଯମାଭ୍ୟାମଭିବାଦିତଃ । ବ୍ରାହ୍ମଣେଭ୍ୟୋ ନମସ୍କୃତ୍ୟ ବୃଦ୍ଧେଭ୍ୟଶ୍ଚ ଯଥାର୍ହତଃ । ମାନିନୋ ମାନୟାମାସ କୁରୁସୃଞ୍ଜୟକୈକୟାନ୍ । ୨୮ । ସୂତମାଗଧଗନ୍ଧର୍ବା ବନ୍ଦିନଶ୍ଚୋପମନ୍ତ୍ରିଣଃ । ମୃଦଙ୍ଗଶଙ୍ଖପଟହବୀଣାପଣବଗୋମୁଖୈଃ । ବ୍ରାହ୍ମଣାଶ୍ଚାରବିନ୍ଦାକ୍ଷଂ ତୁଷ୍ଟୁବୁର୍ନନୃତୁର୍ଜଗୁଃ । ୨୯ । ଏବଂ ସୁହୃଦ୍ଭିଃ ପର୍ୟସ୍ତଃ ପୁଣ୍ୟଶ୍ଳୋକଶିଖାମଣିଃ । ସଂସ୍ତୂୟମାନୋ ଭଗବାନ୍ ବିବେଶାଳଙ୍କୃତଂ ପୁରଂ । ୩୦ । ସଂସିକ୍ତବର୍ତ୍ମ କରିଣାଂ ମଦଗନ୍ଧତୋୟୈଶ୍ଚିତ୍ରଧ୍ୱଜୈଃ କନକତୋରଣପୂର୍ଣ୍ଣକୁମ୍ଭୈଃ । ମୃଷ୍ଟାତ୍ମଭିର୍ନବଦୁକୂଲବିଭୂଷଣସ୍ରଗ୍‌ଗନ୍ଧୈର୍ନୃଭିର୍ୟୁବତିଭିଶ୍ଚ ବିରାଜମାନଂ । ୩୧ । ଉଦ୍ଦୀପ୍ତଦୀପବଲିଭିଃ ପ୍ରତିସଦ୍ମ ଜାଲନିର୍ଯାତଧୂପରୁଚିରଂ ବିଲସତ୍ପତାକଂ । ମୂର୍ଦ୍ଧନ୍ୟହେମ-

---

ବିସ୍ମୃତୋ ଲୋକବନ୍ଧନୋ ଲୋକବ୍ୟବହାରେ ଯେନ ସଃ । ୨୫-୨୬ । ଅର୍ଜ୍ଜୁନେନ ସମତ୍ୱାତ୍ ପରିଷ୍ୱକ୍ତ ଏବ କେବଳଂ । ଯାଦୌ ନମସ୍କୃତ୍ୟ ଅର୍ଜ୍ଜୁନଃ କୃଷ୍ଣେନ ଭୁଜାଭ୍ୟାଂ ଧୃତ ଇତି ଭାବଃ ଯମାଭ୍ୟାଂ ତୁ ଅଭିବାଦିତଃ ଏବ । ୨୮-୩୦ । ଚିତ୍ରଧ୍ୱଜାଦିଭିର୍ବିରାଜମାନଂ । ୩୧ । ପ୍ରତିସଦ୍ମ ପ୍ରତିଗୃହଂ ଉଦ୍ଦୀପ୍ତଦୀପବଲିଭିଶ୍ଚ ଜୁଷ୍ଟଂ ଜାଲେଭ୍ୟୋ ଗବାକ୍ଷେଭ୍ୟୋ ନିର୍ଯାତୈର୍ନିର୍ଗତୈଃ ଧୂପୈ ରୁଚିରଂ ବିଲସନ୍ତ୍ୟଃ ପତାକା ଯସ୍ମ ପ୍ରତି ମୂର୍ଦ୍ଧନ୍ୟା ମୂର୍ଦ୍ଧଭବା ହେମକଳଶା ଯେଷାଂ ତୈଃ । ରଜତମୟାନି ରୌପ୍ୟମୟାନି ଉରୂଣି ପ୍ରଭୂତାନି ଶୃଙ୍ଗାଣି କଳଶାଧଃ ପ୍ରଦେଶଭୂମିକା ଯେଷାଂ ତୈଃ ଭବନୈର୍ଜୁଷ୍ଟଂ କୁରୁରାଜଧ୍ୟ

ଗଲେ । ୨୫ । ପ୍ରେମ ପ୍ରେମରେ ହୋଇ ଦେହେ । ମାତୁଳ ପୁତ୍ରେ ଅଲିଙ୍ଗିଲେ । ନକୁଳ ସହଦେବ ତୁଲେ । ଅର୍ଜ୍ଜୁନ ମିତ୍ରେ ଅଲିଙ୍ଗିଲେ । ହୃଦସ୍ଥ ଅନନ୍ଦେ ପୂରିଲା । ନୟନ ଅଶ୍ରୁ ପୂର୍ଣ୍ଣ ହେଲା । ୨୬ । ମାଦ୍ରୀତନୟ ହେଁ ଣମିଲେ । ଅର୍ଜ୍ଜୁନ ଅଲିଙ୍ଗନ କଲେ । ବ୍ରାହ୍ମଣ କୁଳବୃଦ୍ଧ ଗଣେ । କୃଷ୍ଣ ନମିଲେ ଜଣେ ଜଣେ । କୁରୁ ସୃଞ୍ଜୟ କଇକେୟ । ନୃପଙ୍କୁ କଲେ ମାନ୍ୟ ସ୍ନେହ । ୨୮ । ସୂତ ମାଗଧ ବନ୍ଦୀଗଣ । ନର୍ତ୍ତକ ବିଦୂଷକେ ପୁଣ । ମୃଦଙ୍ଗ ପଟହ ଗୋମୁଖ । ବୀଣା ପଣବ ଅଉ ଶଙ୍ଖ । ବଜାଇ ନାଚ ସ୍ତୁତି କଲେ । ବ୍ରାହ୍ମଣେ ଆଶିଷ ଅର୍ପିଲେ । ୨୯ । ସୁକୀର୍ତ୍ତିମନ୍ତ ଶିଖାମଣି । ସ୍ୱକୀର୍ତ୍ତି ହିତ ଗାନ ଶୁଣି । ସୁନ୍ଦର ପୁରେ ବିଜେ କଲେ । ମିଳିଲେ ଅନ୍ତ କୁତୂହଳେ । ୩୦ । ହସ୍ତିଙ୍କ ମଦଜଳେ ଯହିଁ । ମାର୍ଗରେ ଧୂଳି ନାହିଁ ନାହିଁ । ଚିତ୍ର ପତାକା ପୂର୍ଣ୍ଣ କୁମ୍ଭେ । ସ୍ୱର୍ଣ୍ଣ ତୋରଣେ ପୁର ଶୋଭେ । ନବ ଦୁକୂଳ ଅଳଙ୍କାରେ । ମାଳା ସୁଗନ୍ଧେ ନାରୀ ନରେ । ଶୋଭନ୍ତ ମଣ୍ଡିହୋଇ ତହିଁ । ସଦୀପ ବଳେ ଥାଇହୋଇ । ୩୧ । ଗବାକ୍ଷ ମାର୍ଗେ ପ୍ରତିଗୃହେ । ଧୂପ ସୁଗନ୍ଧ ଧୂମ୍ର ବହେ । ରୂପାରେ ଗୃହଙ୍କ

Digitized by PPRACHIN, SOA

ଜଳଧୌ ଶଙ୍ଖଭେର୍ୟ୍ୟାନକଧ୍ୱନିଂ ଦଦର୍ଶ ଭବନୈଃ କୁରୁରାଜଧାମ ।୩୨। ପ୍ରାପ୍ତଂ ନିଶମ୍ୟ ନରଲୋଚନପାନପାତ୍ରମୌତ୍ସୁକ୍ୟବିଶ୍ଳଥିତକେଶ-ଦୁକୂଲବନ୍ଧାଃ । ସଦ୍ୟୋ ବିସୃଜ୍ୟ ଗୃହକର୍ମ ପତୀଂଶ୍ଚ ତଳ୍ପେ ଦ୍ରଷ୍ଟୁଂ ଯଯୁର୍ଯୁବତୟଃ ସ୍ମ ନରେନ୍ଦ୍ରମାର୍ଗେ ।୩୩। ତସ୍ମିନ୍ ସୁସଙ୍କୁଳ ଇଭାଶ୍ୱରଥ-ଦ୍ୱିପଦ୍ଭିଃ କୃଷ୍ଣଂ ସଭାର୍ୟ୍ୟମୁପଲଭ୍ୟ ଗୃହାଧିରୂଢ଼ାଃ । ନାର୍ୟ୍ୟୋ ବିକୀର୍ଯ୍ୟ କୁସୁମୈର୍ମନସୋପଗୁହ୍ୟ ସୁସ୍ୱାଗତଂ ବିଦଧୁରୁତ୍ସ୍ମୟବୀକ୍ଷିତେନ ।୩୪। ଊଚୁଃ ସ୍ତ୍ରିୟଃ ପଥି ନିରୀକ୍ଷ୍ୟ ମୁକୁନ୍ଦପତ୍ନୀସ୍ତାରା ଯଥୋଡୁପସହାଃ କିମକାର୍ୟ୍ୟମୂଭିଃ । ଯଚ୍ଚକ୍ଷୁଷାଂ ପୁରୁଷମୌଳିରୁଦାରହାସଲୀଳାବଲୋକକଳ-ୟୋତ୍ସବମାତନୋତି ।୩୫। ତତ୍ର ତତ୍ରୋପସଙ୍ଗମ୍ୟ ପୌରା ମଙ୍ଗଳପାଣୟଃ । ଚକ୍ରୁଃ ସପର୍ୟ୍ୟାଂ କୃଷ୍ଣାୟ ଶ୍ରେଣୀମୁଖ୍ୟା ହତୈନସଃ ।୩୬। ଅନ୍ତଃ-ପୁରଜନୈଃ ପ୍ରୀତ୍ୟା ମୁକୁନ୍ଦଃ ଫୁଲ୍ଲଲୋଚନୈଃ । ସସମ୍ଭ୍ରମୈରଭ୍ୟୁପେତଃ ପ୍ରାବିଶଦ୍ରାଜମନ୍ଦିରଂ ।୩୭। ପୃଥା ବିଲୋକ୍ୟ ଭ୍ରାତ୍ରେୟଂ କୃଷ୍ଣଂ ତ୍ରିଭୁବନେ-ଶ୍ୱରଂ । ପ୍ରୀତାତ୍ମୋତ୍ଥାୟ ପର୍ୟ୍ୟଙ୍କାତ୍ ସସ୍ନୁଷା ପରିଷସ୍ୱଜେ ।୩୮। ଗୋବିନ୍ଦଂ ଗୃହମାନୀୟ ଦେବଦେବେଶମାଦୃତଃ । ପୂଜାୟାଂ ନାବିଦତ୍ କୃତ୍ୟଂ

ଧାମ ପୁରଂ ଦଦର୍ଶ ।୩୨। ନରଣାଂ ଲୋଚନାନାଂ ତୃପ୍ତିଂ ପାନସ୍ୟ ସାଦରବୀକ୍ଷଣେୟ ପାତ୍ରଂ ଭାଜନଂ ତଂ ପୁନଃ ଶ୍ରେଣିମିତ୍ୟର୍ଥଃ ।୩୩। ସୁଷ୍ଠୁ ସ୍ୱାଗତଂ ଚତୁର୍ଦ୍ଦଶ୍ୟଙ୍କଂ ହିତ୍ୱା ଉତ୍ସ୍ମୟବୀକ୍ଷିତେନୈବ ବିଦଧୁଃ ।୩୪। ଉଡୁପସହାଃ ଚନ୍ଦ୍ରସହିତଶ୍ଚେତ୍ୟର୍ଥଃ । ଅମୂଭିଃ କିଂ ପୁଣ୍ୟମକାରି ।୩୫। ଶ୍ରେଣ୍ୟ ଏକଶିଳ୍ପୋପଜୀବିନାଂ ସଙ୍ଘାସ୍ତେଷୁ ମୁଖ୍ୟାଃ ।୩୬। ଅଭ୍ୟୁପେତଃ ଅଭିଗମନେନ ସତ୍କୃତଃ ।୩୭। ସସ୍ନୁଷା ଦ୍ରୌପଦୀସହିତା ।୩୮।

ଶିଖର । ସୁବର୍ଣ୍ଣ କୁମ୍ଭ ତା ଉପର ॥ ପତାକା ଉଡେ ତା ଉପରେ । ଦେଖିଲେ କୁରୁରାଜ ପୁରେ ।୩୨। ଲୋଚନନ୍ତ କରେ କୃଷ୍ଣେ ଗୃହ୍ନି । ନାଥଙ୍କ କଥା କେ ବୁଝଇ ॥ କୃଷ୍ଣ ଅସନ୍ତି ଏହା ଶୁଣି । ସ୍ତ୍ରୀଙ୍କ ଚେଦେହେଁ ନ ଜାଣି ॥ ଶୟାରେ ଛେଡ଼ିଣ ଦେଇ । ଘର ଧନ୍ଦାକୁ ଛେଡ଼ି ଦେଲେ ଛଳି ॥ କେଶ ବସନ ଅସମ୍ଭାଳେ । ନାରୀଏ ଉତ୍ସୁକେ ଧାଇଁଲେ ॥ ଦେଖିବା ପାଇଁ ଶ୍ରୀକୃଷ୍ଣଙ୍କୁ । ବାହାର ଅଇଲେ ଦାଣ୍ଡକୁ ।୩୩। ମାନବ ଅଶ୍ୱ ଗଜ ରଥେ । ଚାପି ନମିଲେ ରାଜପଥେ ॥ ଦେଖି ସହିତେ କୃଷ୍ଣେ ଗୃହ୍ନି । ନାରୀଏ ଛାତରେ ଅରୋହି ॥ ଅନନ୍ତେ ପୁଷ୍ପ ବୃଷ୍ଟି କଲେ ॥ ହୃଦୟେ ତାହାଙ୍କୁ ଧରିଲେ ॥ ସହାସେ ଗୃହ୍ନି ଦେନଯନ । ସ୍ୱାଗତ ପୁଚ୍ଛନ୍ତି ଯେସନ ।୩୪। ଚନ୍ଦ୍ର ସହିତେ ତାରା ଯେସନେ । କୃଷ୍ଣ ସହିତେ ଭାର୍ୟାଗଣେ ॥ ଅନାଇଁ ପୁରନାରୀଗଣ । କହନ୍ତି କଲେ ଏ କି ପୁଣ୍ୟ ॥ ପୁରୁଷ ମଣି ନଯ୍ୟାଦେ । କଟାକ୍ଷପାତ ଲୀଳା ରସେ ॥ ଆନନ୍ଦ କରାନ୍ତି ଯାଙ୍କର । ଧନ୍ୟ ତୋ ଭାଗ୍ୟ ଏ ନାରୀଙ୍କର ।୩୫। ପୁରବାସିଏ ଯେ ମାର୍ଗରେ । ମାଙ୍ଗଲ୍ୟ ଦ୍ରବ୍ୟ ଘେନି କରେ ॥ କୃଷ୍ଣେ ପୂଜିଲେ ନିର୍ଦ୍ଦିନେ । ଅର୍ପିଲେ ଉପଢ଼ୌ-

ପ୍ରମୋଦୋପହୃତୋ ନୃପଃ । ୩୯ । ପିତୃସ୍ୱସୃଗୁରୁସ୍ତ୍ରୀଣାଂ କୃଷ୍ଣସ୍ୟୋଽଭିବାଦନଂ । ସ୍ୱୟଞ୍ଚ କୃଷ୍ଣୟା ତେନ ଭଗିନ୍ୟା ଗୃହଦେବତାଃ । ୪୦ । ଶ୍ୱଶ୍ରୂ-ସଂପ୍ରେଷିତା କୃଷ୍ଣା କୃଷ୍ଣପତ୍ନୀଶ୍ଚ ସର୍ବଶଃ । ଆନର୍ଚ୍ଚ ରୁକ୍ମିଣୀଂ ସତ୍ୟାଂ ଭଦ୍ରାଂ ଜାମ୍ବବତୀଂ ତଥା । ୪୧ । କାଳିନ୍ଦୀଂ ମିତ୍ରବିନ୍ଦାଞ୍ଚ ଶୈବ୍ୟାଂ ନାଗ୍ନଜିତୀଂ ସତୀଂ । ଅନ୍ୟାଶ୍ଚାଭ୍ୟାଗତା ଯାସ୍ତୁ ବାସସ୍ରଙ୍ମଣ୍ଡନାଦିଭିଃ । ୪୨ । ସୁଖଂ ନିବାସୟାମାସ ଧର୍ମରାଜୋ ଜନାର୍ଦ୍ଦନଂ । ସସୈନ୍ୟଂ ସାନୁଗାମାତ୍ୟଂ ସଭାର୍ଯ୍ୟଞ୍ଚ ନବଂ ନବଂ । ୪୩ । ତର୍ପୟିତ୍ୱା ଖାଣ୍ଡବେନ ବହ୍ନିଂ ଫାଲ୍ଗୁନସଂଯୁତଃ । ମୋଚୟିତ୍ୱା ମୟଂ ଯେନ ରାଜ୍ଞେ ଦିବ୍ୟା ସଭା କୃତା । ୪୪ । ଉବାସ କତିଚିନ୍ମାସାନ୍ ରାଜ୍ଞଃ ପ୍ରିୟଚିକୀର୍ଷୟା । ବିହରନ୍ ରଥମାରୁହ୍ୟ ଫାଲ୍ଗୁନେନ ଭଟୈର୍ବୃତଃ । ୪୫ । ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ

ଭୂତ୍ୟଂ ପ୍ରକାରବଦଶେଷଂ । ପ୍ରମୋଦେନ ଉପହୃତୋଽଭିହତଃ । ୩୯ । ଗୁରୁସ୍ତ୍ରୀଣାଞ୍ଚ କୃଷ୍ଣାଧୂଃ ଦ୍ରୌପଦ୍ୟାଶ୍ଚ ଭଗିନ୍ୟା ସୁଭଦ୍ରୟା । ୪୦ । ଆନର୍ଚ୍ଚ ଅର୍ଚ୍ଚିତବତୀ । ୪୧ । ଅନ୍ୟାଶ୍ଚ ଯାଃ କୃଷ୍ଣପତ୍ନ୍ୟୋଽଭ୍ୟାଗତାସ୍ତା ଇତି । ୪୨ । ପ୍ରତ୍ୟହଂ ନବଂ ନବଂ ଯଥା ଭବତି ତଥା ସୁଖଂ ନିବାସୟାମାସ । ୪୩ । କଥମ୍ଭୂତଂ, ଯଃ ପ୍ରେମ୍ଣା ନିତ୍ୟଂ ଫାଲ୍ଗୁନେନ ସଂଯୁତଃ । ଅତଏବ ତଦ୍ୟ ସହାୟେନ ସତା ଯେନ ଖାଣ୍ଡବେନ ବହ୍ନିଂ ତର୍ପୟିତ୍ୱା ତତଶ୍ଚ ମୟଂ ମୋଚୟିତ୍ୱା ତଂ ମୟଂ ପ୍ରୟୁଜ୍ୟ ଯୁଧିଷ୍ଠିରସ୍ୟ ଦିବ୍ୟା ସଭା କୃତା ତଂ ଜନାର୍ଦ୍ଦନଂ । ଅନେନ ରାଜ୍ଞଃ ଶ୍ରୀକୃଷ୍ଣୋପକାରାନୁସ୍ମରଣଂ ଦର୍ଶୟତ୍ୟାହ ମହାୟା

ଜନ । ୩୭ । ହୃଷ୍ଟେ କମଳ ଲୋଚନେ । ଆନନ୍ଦେ ଅନ୍ତଃପୁରଜନେ ॥ ଦେଖିଲେ ମିଳି କୃଷ୍ଣ ପାଶେ । ଗୃହକୁ ନେଲେ ଅତିହର୍ଷେ । ୩୭ । ଦ୍ରୌପଦୀ ଭୁଲେ କୁନ୍ତୀ ସ୍ୱଣୀ । ପଲଙ୍କୁ ଉଠି ତତକ୍ଷଣି ॥ ଦିପୁରେଶର ସୁରୁଷଙ୍କୁ । ଓଟାର ଅଣିଲେ କୋଳକୁ । ୩୮ । ପରମ ଦେବତା ଗୋବିନ୍ଦେ । ଆଦରେ ଗୃହେ ଅଣି ମୋଦେ ॥ ଭୁଲିଲେ ସପାର ବେଭର । ପୂଜା ବିଧାନେ କୃଷ୍ଣଙ୍କର । ୩୯ । ପିତୃସୀ ଗୁରୁନାରୀଗଣେ । ଶ୍ରୀକୃଷ୍ଣ ପ୍ରଣମିଲେ ଦୃଷ୍ଟାନେ ॥ ସୁଭଦ୍ରା ଦ୍ରୁପଦୀ ଅସି । କୃଷ୍ଣେ ବନ୍ଦିଲେ ହୋଇ ଖସି । ୪୦ । ରୁକ୍ମିଣୀ ସତ୍ୟା ଜାମ୍ବବତୀ । ଭଦ୍ରା କାଳିନ୍ଦୀ ନଗ୍ନଜିତୀ ॥ ଶଇବ୍ୟା ମିତ୍ରବିନ୍ଦା ଭୁଲେ । ଯେତେକ କୃଷ୍ଣନାରୀ ଥିଲେ ॥ ଶାଶୁ ଆଦେଶେ କୃଷ୍ଣା ଗଲେ । ସେମାନଙ୍କୁ ଆଦରେ ତୋଷିଲେ ॥ ବସନ ହାର ଅଳଙ୍କାର । ଅର୍ପିଲେ କରି ସମାଦର । ୪୧ ୪୨ । ସୈନ୍ୟ ଅମାତ୍ୟ ଭୃତ୍ୟ ନାରୀ—ସହିତେ କୃଷ୍ଣେ ସ୍ନେହ କରି ॥ ଗୃହେ ରଖିଲେ ଏହି ଭାବେ । ପ୍ରତ୍ୟହ ଗୃହ ନୂଆ ଲାଗେ । ୪୩ । ଅର୍ଜ୍ଜୁନ ଭୁଲେ ନରବର । ଖାଣ୍ଡବବନ ଦାହ କରି ॥ ଅଗ୍ନି ସହିତେ ମୟାସୁରେ । ମୁକତ ଦେଲେ କୃଷ୍ଣ-ଛଳେ ॥ ସେ ରାଜା ଯୁଧିଷ୍ଠିର ଅର୍ଥେ । ସଭା ରଚିଲା ମୟ ଦୈତ୍ୟେ । ୪୪ । ଯୁଧିଷ୍ଠିରଙ୍କ ହିତ ଅର୍ଥେ । ତହିଁ ରହିଲେ ମାସକେତେ ॥ ଅର୍ଜ୍ଜୁନ ଭୁଲେ

ପରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମସ୍କନ୍ଧେ ଶ୍ରୀକୃଷ୍ଣସ୍ୟେନ୍ଦ୍ରପ୍ରସ୍ଥଗମନଂ ନାମ ଏକସପ୍ତତିତମୋଽଧ୍ୟାୟଃ । ୭୧ ।

ଦ୍ୱିସପ୍ତତିତମୋଽଧ୍ୟାୟଃ ।

ଶ୍ରୀଶୁକ ଉବାଚ ।—ଏକଦା ତୁ ସଭାମଧ୍ୟେ ଆସ୍ଥିତୋ ମୁନିଭିର୍ବୃତଃ । ବ୍ରାହ୍ମଣୈଃ କ୍ଷତ୍ରିୟୈର୍ବୈଶ୍ୟୈର୍ଭ୍ରାତୃଭିଶ୍ଚ ଯୁଧିଷ୍ଠିରଃ । ୧ । ଆଚାର୍ଯ୍ୟୈଃ କୁଲବୃଦ୍ଧୈଶ୍ଚ ଜ୍ଞାତିସମ୍ବନ୍ଧିବାନ୍ଧବୈଃ । ଶୃଣ୍ୱତାମେବ ଚୈତେଷାମାଭାଷ୍ୟେଦମୁବାଚ ହ । ୨ । ଶ୍ରୀଯୁଧିଷ୍ଠିର ଉବାଚ ।— କ୍ରତୁରାଜେନ ଗୋବିନ୍ଦ ରାଜସୂୟେନ ପାବନୀଃ । ଯକ୍ଷ୍ୟେ ବିଭୂତୀର୍ଭବତସ୍ତତ୍ସମ୍ପାଦୟ ନଃ ପ୍ରଭୋ । ୩ । ତ୍ୱତ୍ପାଦୁକେ ଅବିରତଂ ପରି ଯେ ଚରନ୍ତି ଧ୍ୟାୟନ୍ତ୍ୟ-ଭଦ୍ରନଶନେ ଶୁଚୟୋ ଗୃଣନ୍ତି । ବିନ୍ଦନ୍ତି ତେ କମଲନାଭ ଭବାପବର୍ଗମାଶାସତେ ଯଦି ତ ଆଶିଷ ଈଶ ନାନ୍ୟେ । ୪ । ତଦ୍ଦେବଦେବ ଭବତ-

ଯଥାମନୋରଥଂ ସର୍ବାବକାଶସମ୍ପାଦନଞ୍ଚ ଦର୍ଶିତଂ ।୪୪-୪୫। ଇତି ଶ୍ରୀମଦ୍ଭାଗବତେ ଭାବାର୍ଥଦୀପିକାୟାଂ ଦଶମସ୍କନ୍ଧେ ଏକସପ୍ତତିତମୋଽଧ୍ୟାୟଃ ।୭୧।

ତତୋ ଦ୍ୱିସପ୍ତତିତମେ ସଜ୍ଜା କାର୍ଯ୍ୟେ ନିବେଦିତେ । ଦୁର୍ଦ୍ଧର୍ଷଂ ମାଗଧଂ ହତ୍ୱା ଭୂମୈନୋପାଚଯ୍ୟବରଃ । ଅସ୍ଥିତଃ ଅପଲମିତ ଶେଷଃ ।୧। ଶୃଣ୍ୱତାମେବେତି ଯତ୍ର ସ୍ୱପନ୍ନଃ ଶ୍ରୀକୃଷ୍ଣଃ କରୋତି ନ ତଦନ୍ୟଃ କଶ୍ଚିତ୍ କର୍ତ୍ତୁଂ ସମର୍ଥଃ ଇତି ନିଶ୍ଚିତ୍ୟ ସର୍ବାନେବ ତାନାଦୃତ୍ୟ ଶ୍ରୀକୃଷ୍ଣମୁବାଚେ-ତ୍ୟର୍ଥଃ । ଆଭାଷ୍ୟ ହେ ହେ କୃଷ୍ଣ ଇତ୍ୟବସ୍ଥନେତ୍ୟେବଂ ସମ୍ବୋଧ୍ୟ । ୨ । ବିଭୂତୀଃ ଅଂଶାନ୍ । ୩ । ଏତ ଚକ୍ରବର୍ତ୍ତିନାଂ ମନୋରଥଂ କଥଂ ତ୍ୱମ୍ କିମ୍ଭୂତ ଇତି ଚେଦତ ଆହ ତ୍ୱତ୍ପାଦୁକେ ଇତି । ପରି ଯେ ଚରନ୍ତୀତି ସମଗ୍ରଦବ୍ୟବଧାନଂ ଅର୍ଦ୍ଧଂ । ଯେ ପରିଚରନ୍ତି ଦେହେନ । ଧ୍ୟାୟନ୍ତି

ସୈନ୍ୟମେଳେ । ରଥରେ ଭ୍ରମି ବୁଲୁଥିଲେ ।୪୫। ଏ ଇନ୍ଦ୍ରପ୍ରସ୍ଥ ବାସ ବୃତ୍ତ । ଭଣିଲ୍କ ଧାଣ ପଣ୍ଡିତ ॥ ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଦଶମ-ସ୍କନ୍ଧେ ଏକସପ୍ତତିତମୋଽଧ୍ୟାୟଃ । ୭୧ ।

ଶ୍ରୀଶୁକ ଉବାଚ । ଦିନେ ନୃପତି ଯୁଧିଷ୍ଠିର । ଭାଇମାନଙ୍କ ସହିତର ॥ ବିପ୍ର କ୍ଷତ୍ରିୟ ବୈଶ୍ୟ ମେଳେ । ଆଚାର୍ଯ୍ୟ କୁଳବୃଦ୍ଧ କୁଳେ ॥ ଜ୍ଞାତି ସମ୍ବନ୍ଧୀ ବନ୍ଧୁ ସେନ । ସଭା କରି ସେ ତହିଁ ପୁଣି ॥ ଶୁଣାଇ ସର୍ବ ସଭ୍ୟଜନେ । ଯାହା କହିଲେ ଶୁଣ କର୍ଣ୍ଣେ । ୧ । ୨ । ଯୁଧିଷ୍ଠିର ଉବାଚ ଉତ୍କୃଷ୍ଟ ରାଜସୂୟ ଯାଗେ । ପୂଜିବି ତୋର ଅଂଶ ଦେବେ ॥ ଆହେ ଗୋବିନ୍ଦ ଏହି କାର୍ଯ୍ୟ । ସାଧନେ କର ତୁ ସାହାଯ୍ୟ । ୩ । ଯେ ସଦା ତୋ ସେବା କରଇ । ଯେ ତୋର ସ୍ତୁତି ପଢ଼ୁଥାଇ ॥ ଯେ ଅବା ଧ୍ୟାନ କରେ ମନେ । ଅଶୁଭ ବିନାଶ ବହିଲେ । ହେ ପଦ୍ମନାଭ ସେହି ଭକ୍ତେ ।

ଶ୍ରବଣାରବିନ୍ଦ ସେବାନୁଭବନିଷ୍ଠ ପଣ୍ୟରୁ ଲୋକ ଏଷୁ । ଯେ ତ୍ୱାଂ ଭଜନ୍ତି ନ ଭଜନ୍ତ୍ୟତ ବୋ ଽପ୍ୟେଷାଂ ନଷ୍ଟାଂ ପ୍ରଦର୍ଶୟ ବଗେ କୁରୁସୃଞ୍ଜୟାନାଂ ।୫। ନ ବ୍ରହ୍ମଣଃ ସ୍ୱପରଭେଦମତିସ୍ତବ ସ୍ୟାତ୍ ସର୍ବାତ୍ମନଃ ସମଦୃଶଃ ସ୍ୱସୁଖାନୁଭୂତେଃ । ସଂସେବତାଂ ସୁରତରୋରିବ ତେ ପ୍ରସାଦଃ ସେବାନୁରୂପ-ମୁଦୟୋ ନ ବିପର୍ଯ୍ୟୟୋଽତ୍ର ।୬। ଶ୍ରୀ ଭଗବାନୁବାଚ । ସମ୍ୟଗ୍ ବ୍ୟବସିତଂ ରାଜନ୍ ଭବତା ଶତ୍ରୁକର୍ଷଣ । କଲ୍ୟାଣୀ ଯେନ ତେ କୀର୍ତ୍ତିର୍ଲୋକା-ନନୁଭବିଷ୍ୟତି ।୭। ଋଷୀଣାଂ ପିତୃଦେବାନାଂ ସୁହୃଦାମପି ନଃ ପ୍ରଭୋ । ସର୍ବେଷାମପି ଭୂତାନାମୀପ୍ସିତଃ କ୍ରତୁରାଡୟଂ ।୮। ଜିତ୍ୱା ନୃପାନ୍

ମନସା ଅଭଦ୍ରସ୍ୟ ନଶନେ ନାଶକେ ଗୃଣନ୍ତି ଗାଶ୍ଚ ତେ ଭବସ୍ୟ ଅପବର୍ଗଂ ନାଶଂ ମୋକ୍ଷଂ ବଦନ୍ତି । ଯଦ୍ୟାଶାସତେ ତର୍ହି ଆଶିଷୋଽପି ତ ଏବ ଲଭନ୍ତେ ନାନ୍ୟେ ଚକ୍ରବର୍ତ୍ତିନୋଽପି ।୪। ଭଗବତୋ ଭକ୍ତପକ୍ଷପାତମାବିଷ୍କାରୟନ୍ନାହ ତଦେବଦେବେତି ତତ୍ ତସ୍ମାତ୍ ପଣ୍ୟରୁ ସାକ୍ଷାତ୍ ଏବ ନିଷ୍ଠିତୋଽପି ଯେ କର୍ମପ୍ରଧାନାଃ କେଚନ ଯେ କୁରୁସୃଞ୍ଜୟାଃ ଭଗବଦ୍ଭକ୍ତିଂ ନ ବହୁମନ୍ୟନ୍ତେ ତେଷାଂ ମୋହନବୃତ୍ତ୍ୟେ ଯେ ତ୍ୱାଂ ଭଜନ୍ତି ଯଦବା ନ ଭଜନ୍ତି ତେଷାମନ୍ୟେଷାଂ ନଷ୍ଟାଂ ସ୍ଥିତିଂ ପ୍ରଦର୍ଶୟ ।୫। ନନୁ ରାଗାଦିରହିତେ ମୟି କଥମିଦଂ ବୈଷମ୍ୟଂ ସ୍ୟାତ୍ ତତ୍ରାହ ନେତି । ସ୍ୱଃ ପର ଇତି ଭେଦମତିସ୍ତବ ନସ୍ୟାଦେବ । କୁତଃ ବ୍ରହ୍ମଣୋ ନିରୁପାଧେଃ କଷ୍ଟ ସର୍ବାତ୍ମନଃ ଅତଃ ସମଦୃଶଃ । କଷ୍ଟ ସ୍ୱସୁଖାନୁଭୂତେଃ ଅତୋ ରାଗାଦ୍ୟ-ଭାବାଦପି ଭାବଃ ତଥାପି ସଂସେବମାନାନାମେବ ତ୍ୱତ୍ପ୍ରସାଦୋ ନାନ୍ୟେଷାଂ ତଥାପି ସେବାନୁରୂପମୁଦୟଃ ଫଳଂ ନତ୍ୱ ବିପର୍ଯ୍ୟୟୋଽନ୍ୟଥାଭାବଃ ଯଥା କଳ୍ପଦ୍ରୁମସ୍ୟ ରାଗାଦିରହିତୋଽପି ସେବକେଷ୍ୱେବ ଫଳଜନକତ୍ୱଂ ନାନ୍ୟେଷୁ ।୬। ସତ୍ୟଂ ମଦ୍ଭକ୍ତାନାମେବ କୈବଲ୍ୟାଦି ନାନ୍ୟେଷାଂ ନିତ୍ୟାନନ୍ଦୋଦୟମାନ ଅତ ସମ୍ୟଗିତି । ଶତ୍ରୁକର୍ଷଣେତି ସମ୍ବୋଧୟନ୍ ସର୍ବାନୁପବିଜୟଶକ୍ତିଂ ଦର୍ଶୟତି । ଅନୁଭବିଷ୍ୟତି ଦ୍ରକ୍ଷ୍ୟତି ସର୍ବଲୋକ-ବ୍ୟାପ୍ତା ଭବିଷ୍ୟତୀତ୍ୟର୍ଥ ।୭-୮। କ୍ରମତ ମହ୍ୟମ୍ ଅନ୍ୟେନ ବା ସମ୍ପାଦନୀୟଂ ତତ ରୁ ସୂଚୟ ଏତ ରାଜସୂୟ ଇତ୍ୟାହ ଋଷୀଣାମିତି । ଜଗତ୍ପ୍ରଂ ସର୍ବାଂ

ମୂକତି ଦେଉ ସୁନଷ୍ଟିରେ ॥ ତୋର ଆଶିଷ ଯେ ଲଭନ୍ତି । ଅପରେ ପାଇ ନ ପାରନ୍ତି ।୪। ଏଣୁ କେ ଦେବ ତୋ ଚରଣ – ସେବିବା ଫଳ ଦେଖୁ ଜନ ॥ ଏ କୁରୁ ପାଣ୍ଡବ ମଧ୍ୟରେ । ତୋତେ ସେବନ୍ତି ଯେଉଁ ନରେ ॥ ଯେ ତୋର ସେବା ନ କରନ୍ତି । ଦେଖାଅ ଏ ବେନିଙ୍କ ଗତି ।୫। ଯେ ସର୍ବାତ୍ମା ବ୍ରହ୍ମ ଅଟୁ ତୁହି । ତୋହର ପରାପର ନାହିଁ ॥ ସଭଙ୍କୁ ସମ ଦୃଷ୍ଟି ଦେଉ । ନିଜ ସୁଖରେ ନିତେ ଥାଉ ॥ କଳ୍ପ ବୃକ୍ଷ ଭଳିତରୁ ସମ । ଯେ କରେ ଯେଉଁ ପରି କର୍ମ ॥ ସେବାନୁରୂପେ ଫଳ ଦେଉ । ବିରୂପେ ଭ୍ରାନ୍ତି କେବେ ନୋହୁ ।୬। ଶ୍ରୀ ଭଗବାନୁବାଚ । – ଯାହା ଭାବିଛ ନରେଶ୍ୱର

ସର୍ବାନ୍ କୃତ୍ୱା ଚ ଜଗତାଂ ବଶେ । ସମ୍ଭୃତ୍ୟ ସର୍ବସମ୍ଭାରାନାହରସ୍ୱ ମହାକ୍ରତୁଂ । ୯ । ଏତେ ତେ ଭ୍ରାତରୋ ରାଜନ୍ ଲୋକପାଲାଂଶସମ୍ଭବାଃ । ଜିତୋଽସ୍ମ୍ୟାତ୍ମବତା ତେଽହଂ ଦୁର୍ଜୟୋ ଯୋଽକୃତାତ୍ମଭିଃ । ୧୦ । ନ କଶ୍ଚିନ୍ମତ୍ପରଂ ଲୋକେ ତେଜସା ଯଶସା ଶ୍ରିୟା । ବିଭୂତିଭିର୍ବାଭିଭବେଦ୍ଦେବୋଽପି କିମୁ ପାର୍ଥିବଃ । ୧୧ । ଶ୍ରୀଶୁକ ଉବାଚ ।— ନିଶମ୍ୟ ଭଗବଦ୍ଗୀତଂ ପ୍ରୀତଃ ଫୁଲ୍ଲମୁଖାମ୍ବୁଜଃ । ଭ୍ରାତୄନ୍ ଦିଗ୍ୱିଜୟେଽୟୁଙ୍କ୍ତ ବିଷ୍ଣୁତେଜୋପବୃଂହିତାନ୍ । ୧୨ । ସହଦେବଂ ଦକ୍ଷିଣସ୍ୟାମାଦିଶତ୍ ସହ ସୃଞ୍ଜୟୈଃ । ଦିଶି ପ୍ରତୀଚ୍ୟାଂ ନକୁଳମୁଦୀଚ୍ୟାଂ ସବ୍ୟସାଚିନଂ । ପ୍ରାଚ୍ୟାଂ ବୃକୋଦରଂ ମତ୍ସ୍ୟୈଃ କେକୟୈଃ ସହମଦ୍ରକୈଃ । ୧୩ । ତେ ବିଜିତ୍ୟ ନୃପାନ୍ ବୀରା ଆଜହ୍ରୁର୍ଦିଗ୍ଭ୍ୟ ଓଜସା । ଅଜାତଶତ୍ରବେ ଭୂରି ଦ୍ରବିଣଂ ନୃପ ଯକ୍ଷ୍ୟତେ । ୧୪ । ଶ୍ରୁତ୍ୱାଽଜିତଂ ଜରାସନ୍ଧଂ ନୃପତେର୍ଧ୍ୟାୟତୋ ହରିଃ । ଆହୋପାୟଂ ତମେବାଦ୍ୟ ଉଦ୍ଧବୋ ଯମୁବାଚ ହ । ୧୫ । ଭୀମ-

---

ପୃଥିବ୍ୟାଂ । ସମ୍ଭାରାନ୍ ଯଜ୍ଞୋପସ୍କରାନ୍ ସନ୍ଧୃତ୍ୟ ସଂଗୃହ୍ୟ ଆହରସ୍ୱ ଅନୁଷ୍ଠେୟେତ୍ୟର୍ଥଃ । ୯ । ନନୁ ନୃପଜୟାଦି କଥଂ ଶକ୍ୟଂ ସ୍ୟାଦତ ଆହ ଏତ ଇତି ଆତ୍ମବତା ଜିତେନ୍ଦ୍ରିୟେଣ ତେ ତ୍ୱୟା ଅହଂ ଜିତୋଽସ୍ମି । ଅକୃତାତ୍ମଭିରଜିତେନ୍ଦ୍ରିୟୈଃ । ୧୦ । ଅସ୍ମାଂ ତାବଦେବମୁକ୍ତସ୍ୟ ତବ ପରୈରଭିଭବଶଙ୍କା ଅଜ୍ଞାନମପି ମତ୍ପରଂ କୋଽପି ନାଭିଭବେତ୍ ପ୍ରଭବତ୍ୟାହ ନ କଶ୍ଚିଦିତି । ତେଜସା ପ୍ରଭାବେଣ ବିଭୂତିଭିଃ ସୈନ୍ୟାଦିସାମଗ୍ରୀଭିଃ । ୧୧ । ଅଯୁଂକ୍ତ ନିଯୁକ୍ତବାନ୍ ବିଷ୍ଣୋସ୍ତେଜସୋପବୃଂହିତାନ୍ ସମ୍ବର୍ଦ୍ଧିତାନ୍ ତେଜୋପବୃଂହିତାନିତି ସନ୍ଧିରାର୍ଷଃ । ୧୨ । ନକୁଳାଦୀନ୍ ମତ୍ସ୍ୟାଦିଭିଃ ସହାଦ୍ୟୈର୍ଯଥା ସଙ୍ଖ୍ୟେନ ସମ୍ବନ୍ଧଃ । ୧୩ । କଥମ୍ଭୂତାୟ ଯକ୍ଷ୍ୟତେ ଯାଗଂ କରିଷ୍ୟତେ । ୧୪ । ଆହୋ ହରିଃ ଶ୍ରୀକୃଷ୍ଣଃ । ୧୫ ।

ହେତୁ ଏବେ ମୋ ବଚନ ॥ ଯଜ୍ଞରେ ରମ୍ୟ ସୁକୀର୍ତ୍ତି । ବ୍ୟାପିବ ଏହି ବସୁମତୀ । ୭ । ଋଷି ଦେବତା ପିତୃ ମିତ୍ର । ସର୍ବଭୂତର ଏଥି ହିତ । ୮ । ସର୍ବ ନୃପଙ୍କ ଜୟ କର । ଆଣିବେ ଧନ ଏ ଅପାର । ଯଜ୍ଞ ସମ୍ଭାର ଠୁଳ କର । ଯଜ୍ଞ ଆରମ୍ଭ ନରେଶ୍ୱର । ୯ । ଜିତେନ୍ଦ୍ରିୟଙ୍କ ଦୁର୍ଜ୍ଜୟ । ମୋତେ ଜିଣିଛ ଜ୍ଞାନେ ଜୟ । ପୁଣି ଏ ତୁମ୍ଭ ଭାଇଗଣ । ଲୋକପାଳଙ୍କ ଅଂଶେ ଜନ୍ମ । ୧୦ । ଐଶ୍ୱର୍ଯ୍ୟ ଶିରୀ ତେଜ ଯଶେ । ମୋତେ ବଳିତ ନାହିଁ ଶତ୍ରେ । ମୋ ଯୋଗେ ଦେବଙ୍କୁ ଜିଣିବେ । ନୃପେ ଜିଣିବା କିସ ଏବେ । ୧୧ । ଶ୍ରୀଶୁକ ଉବାଚ ।— କୃଷ୍ଣଙ୍କ ଏ ବଚନ ଶୁଣି । ପ୍ରୀତ ହୋଇ ସେ ନରମଣି । ବିଷ୍ଣୁ ତେଜର୍ଦ୍ଧୀ ଭାଇଙ୍କ । ପେଷିଲେ ଦିଗ ବିଜୟକୁ । ୧୨ । ସୃଞ୍ଜୟ ନୃପତିଙ୍କ ସଙ୍ଗେ । ଦକ୍ଷିଣେ ସହଦେବ ଗଲେ । ନକୁଳ ପଶ୍ଚିମକୁ ଗଲେ । ଅର୍ଜ୍ଜୁନ ଉତ୍ତରେ ଚଳିଲେ । ମତ୍ସ୍ୟ କେକୟ ମଦ୍ର କୁଳେ । ପୂର୍ବକୁ ବୃକୋଦର ଗଲେ । ୧୩ । ନୃପଙ୍କୁ ଜିଣି ବୀରଗଣ । ଆଣିଲେ

Digitized by PPRACHIN, SOA

